

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୦ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 JULY 2025
Vol.No. 36 ■ No.181 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ଦୁଇଟି ଧର୍ମଘଟ: ଠପ୍ ହୋଇଗଲା ଓଡ଼ିଶା

ଭୁବନେଶ୍ୱର, ୦୯/୭ (ନି.ପ୍ର): ଦୁଇ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଓ ଭାରତ ବନ୍ଦର ପ୍ରଭାବ ଲୋକଙ୍କ ଉପରେ ପଡ଼ିଲା । ଚାରିଆଡ଼େ ଖାଁ ଖାଁ । ଡ୍ରାଇଭର ଆନ୍ଦୋଳନ ଯୋଗୁଁ ଦୁଇ ଦିନ ହେଲା ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହାରି ଭିତରେ ଆଜି ବିଭିନ୍ନ ଶ୍ରମିକ ସଙ୍ଗଠନର ଆନ୍ଦୋଳନର ମିଶ୍ର ପ୍ରଭାବ ରାଜ୍ୟରେ ଦେଖିବାକୁ ମିଳିଛି । ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ଯୋଗୁଁ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଥିଲା । ବ୍ୟାଙ୍କ କର୍ମଚାରୀ ଓ ବିଭିନ୍ନ କେନ୍ଦ୍ରୀୟ





ସଂସ୍ଥାର କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ବ୍ୟାଙ୍କ୍ ସେବା ପ୍ରଭାବିତ ହୋଇଛି । ୬ ଦଫା ଦାବିରେ ଡ୍ରାଇଭର ମହାସଂଘ ଦୁଇଦିନ ହେଲା ଷ୍ଟିଅରିଂ ବନ୍ଦ ଆନ୍ଦୋଳନ କରିଛନ୍ତି । ଫଳରେ ଲଗାତାର ଦ୍ୱିତୀୟ ଦିନ ଲାଗି ପରିବହନ ବ୍ୟବସ୍ଥା ଅଟକି ଯାଇଛି । ପରିବହନ ମନ୍ତ୍ରୀଙ୍କ ସହ ଡ୍ରାଇଭର ସଂଘ ଆଲୋଚନା ହୋଇଛି ହେଲେ ଜିଦରେ ଅଟଳ ରହିଛନ୍ତି ଡ୍ରାଇଭର । ସଂଘ ସଭାପତି କହିଛନ୍ତି, ସରକାର ସମସ୍ତ ଦାବିକୁ ମାନିଛନ୍ତି । କିନ୍ତୁ ସରକାର ଲିଖିତ ପ୍ରତିଶ୍ରୁତି ନ ଦେଲା ଯାଏଁ ଆନ୍ଦୋଳନରୁ ହଟିବୁ ନାହିଁ । ଗୋଟିଏ ପଟେ ସରକାର କହୁଛନ୍ତି ଆଲୋଚନା ହୋଇଛି ସେପଟେ ଲିଖିତ ପ୍ରତିଶ୍ରୁତି ମାଗୁଛନ୍ତି ଆନ୍ଦୋଳନକାରୀ । ତେବେ ଆଲୋଚନା ପରେ ସରକାର ଡ୍ରାଇଭର ଆନ୍ଦୋଳନ ପ୍ରତ୍ୟାହୃତ ହେବ ବୋଲି ଆଶାବାଦୀ ଅଛନ୍ତି । କିନ୍ତୁ ଡ୍ରାଇଭର ସଂଘ ଜିଦରେ ଅଟଳ ରହିବା ଆନ୍ଦୋଳନକୁ ଏକ ଦ୍ୱନ୍ଦାତ୍ମକ ପରିସ୍ଥିତିରେ ନେଇ ଛିଡ଼ା କରାଇଛି ।

## ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର, ୦୯/୭ (ନି.ପ୍ର): ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କଲେ ରାଜ୍ୟ ସରକାର । ଆଜି ଗୃହ ବିଭାଗ ତରଫରୁ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯିବା ସହିତ ଆଇପିଏସ୍ ସ୍ତରରେ ଅଦଳବଦଳ ନେଇ ସୂଚନା ଦିଆଯାଇଛି । ଏଥିରେ ବରିଷ୍ଠ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ଏଡିଜି ନକ୍ସଲ ବିରୋଧୀ ଅପରେସନ୍ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ଅଖିଳେଶ୍ୱର ସିଂଙ୍କୁ ସ୍ୱତନ୍ତ୍ର ଗୁଇନ୍ଦା ଶାଖାର ଡିଆଇଜି ଭାବେ ଦାୟିତ୍ୱ ଦେଇଛନ୍ତି ସରକାର । ଅନ୍ୟପଟେ କେଭି ସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଦିଆଯାଇଛି ।

## ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ମିଳିଲା ଜାମିନ



ଭୁବନେଶ୍ୱର, ୦୯/୭ (ନି.ପ୍ର): ଜାମିନ୍ ପରେ ଝାରପଡ଼ା ଜେଲରୁ ବାହାରିଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ । ବିଏମସିର ଅତିରକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଜୁଲାଇ ୩ ତାରିଖରେ ଗିରଫ ହୋଇଥିଲେ ଜଗନ୍ନାଥ ପ୍ରଧାନ । ଜଗା ପ୍ରଧାନ ଜେଲରୁ ବାହାରିଲା ପରେ ତାଙ୍କ ସମର୍ଥକମାନେ ଫୁଲମାଳ ପକାଇ, ବାଣ ଫୁଟାଇ ସ୍ୱାଗତ କରିଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ ଜଗନ୍ନାଥ ପ୍ରଧାନଙ୍କୁ ଜାମିନ ପ୍ରଦାନ କରିଥିଲେ । ୩୦ ହଜାର ଟଙ୍କା ଓ ଜଣେ ଜାମିନଦାରଙ୍କ ବଦଳରେ ତାଙ୍କୁ ଏହି ଜାମିନ ମିଳିଥିଲା । ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିସନରଙ୍କ ଉପରେ ଆକ୍ରମଣ ପାଇଁ ଷଡ଼୍ୟନ୍ତ୍ର ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା । ଜଗା ପ୍ରଧାନଙ୍କ ବିରୋଧରେ ଭାରତୀୟ ନୂତନ ସଂହିତା (ବିଏନ୍ଏସ୍) ଅଧୀନରେ ୧୧ଟି ଧାରା ଯଥା ୩୩୩, ୧୩୨, ୧୨୧(୧), ୧୨୧(୨), ୩୫୧(୨), ୬୨, ୩୦୪, ୫୪, ୬୧(୨), ୧୮୯(୨), ଓ ୧୯୦/୩(୫) ଅନୁଯାୟୀ ଅଭିଯୋଗ ରୁଜୁ ହୋଇଥିଲା । ପୂର୍ବରୁ କୋର୍ଟରେ ଜଗନ୍ନାଥଙ୍କ ଜାମିନ ଆବେଦନ ନାମଞ୍ଜୁର ହେବା ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ସୁରକ୍ଷାରେ ଢିଲା : ମେଘନାଦ ପାଚେରୀ ଡେଇଁଲେ ୪ ଯୁବକ

ପୁରୀ, ୦୯/୭ (ନି.ପ୍ର): ପୁଣି ସାମ୍ନାକୁ ଆସିଛି ଶ୍ରୀମନ୍ଦିର ସୁରକ୍ଷାରେ ଢିଲା ବ୍ୟବସ୍ଥା । ପତିତପାବନ ଯାତ୍ରାର ଶେଷ ଦିନରେ ମେଘନାଦ ପାଚେରୀ ଡେଇଁ ଅନଧିକାର ଶ୍ରୀମନ୍ଦିର ପ୍ରବେଶ କରିଛନ୍ତି ୪ ଯୁବକ । ଦକ୍ଷିଣ ଦ୍ୱାର ନିକଟରେ ଜମା ହୋଇ ରହିଥିବା ଅଳିଆ ଉପରେ ଚଢ଼ି ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଛନ୍ତି । ନିୟମ କାନୁନକୁ କେହି ମାନୁନାହାନ୍ତି । ଚାରିଦ୍ୱାର ଥାଉ ଥାଉ ମେଘନାଦ ପାଚେରୀ ଡେଇଁ ଶ୍ରୀମନ୍ଦିର ଭିତରେ ପଶିଛନ୍ତି ଯୁବକ । ଶ୍ରୀମନ୍ଦିର ମେଘନାଦ ପାଚେରୀ ଡେଇଁ ୪ ଯୁବକ ଶ୍ରୀମନ୍ଦିର ପ୍ରବେଶ କରିବା ବେଳର ଭିଡିଓ କ୍ୟାମେରାରେ କଏଦ ହୋଇଛି । ଖବର ପ୍ରସାରଣ ପରେ ସଫେଇ ସଂସ୍ଥାର କର୍ମଚାରୀ ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ତୁରନ୍ତ ଅଳିଆ ଖାଲି କରିଥିବା ବେଳେ ମେଘନାଦ ପାଚେରୀ ପାଖରେ ରୋଷ ଘର ଅଳିଆ ପକାଇବାକୁ ଉଦ୍ଦିଷ୍ଟ ଥିବା ଗେଟଟି ତାଲା ପକାଯାଇଥିଲା । ତେବେ ଘଟଣା ପରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ସିସିଟିଭିର ଚାଲିଛି ଯାଞ୍ଚ ।

▶▶ପୃଷ୍ଠା ୭

## ଆସନ୍ତା ସପ୍ତାହରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର, ୦୯/୭ (ନି.ପ୍ର): ଆସନ୍ତା ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଜୁଲାଇ ୧୪ ଓ ୧୫ ତାରିଖରେ ମହାମହିମ ମୁର୍ମୁଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏନେଇ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଲୋଚିତ ସୂଚନା ଅନୁସାରେ ଜୁଲାଇ ୧୪ ତାରିଖ ସନ୍ଧ୍ୟାରେ



ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ ଏବଂ ଜୁଲାଇ ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପରେ ପରେ ସେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେହିପରି ଜୁଲାଇ ୧୫ ତାରିଖ ଅପରାହ୍ଣରେ ରାଷ୍ଟ୍ରପତି ମୁର୍ମୁ କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ▶▶ପୃଷ୍ଠା ୭

## ପୁଣି ପିପିଲିକୁ ଫେରିଲା ବାର୍ଡ ଫ୍ଲୁ

ଡେଲାଙ୍ଗ , ୦୯/୭ (ନି.ପ୍ର): ଡେଲାଙ୍ଗରେ କୁକୁଡ଼ା ମଡ଼କ । ବହୁ ସଂଖ୍ୟାରେ କୁକୁଡ଼ା ମଡ଼କକୁ ନେଇ ବାର୍ଡଫ୍ଲୁ ରୋଗ ଆଶଙ୍କା କରାଯାଉଛି । ୨ ଦିନ ହେଲାଣି ଡେଲାଙ୍ଗ ଅଞ୍ଚଳରେ ଶହ ଶହ ସଂଖ୍ୟାରେ କୁକୁଡ଼ା ମରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ କୁକୁଡ଼ା ଚାଷୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଥିବା ବେଳେ ସମଗ୍ର ଅଞ୍ଚଳ ରେ ବାର୍ଡ଼ ଫ୍ଲୁ ବ୍ୟାପିବା ସଂକ୍ରମଣ ନେଇ ଚାଷୀ ଆଶଙ୍କା କରିଛନ୍ତି । ଆଂକୁଲା ଓ ଗୋଡ଼ିପୁଟ ମାଟିଆପଡା ଅଞ୍ଚଳର ଦୁଇଟି ଫାର୍ମରେ ଶହ ଶହ ସଂଖ୍ୟାରେ କୁକୁଡ଼ା ମରୁଛନ୍ତି । ପୂର୍ବରୁ ଏହି ଅଞ୍ଚଳରେ ଥିବା ଫାର୍ମ ମାନଙ୍କରେ ହଜାର ହଜାର ସଂଖ୍ୟାରେ କୁକୁଡ଼ା ମରିଯାଇଥିବା ବେଳେ ଅନେକ ସଂକ୍ରମିତ କୁକୁଡାଙ୍କୁ ବିଭାଗ ପକ୍ଷରୁ ମାରି ପୋତିଦିଆଯାଇଥିଲା । କୁକୁଡ଼ା ମରିଯିବା କ୍ଷତି ରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିଲା । କିନ୍ତୁ ଚଳିତ ବର୍ଷ ଜୁଲାଇ ମାସ ଆରମ୍ଭରୁ ପୁଣି କୁକୁଡ଼ା ▶▶ପୃଷ୍ଠା ୭

## ଖୁବ୍ ଶୀଘ୍ର ହେବ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ: ମନମୋହନଙ୍କ ନୂଆ ଟିମ୍‌ରେ ପୁରୁଖା ଓ ଯୁବ ନେତା ହେବେ ସାମିଲ

ଭୁବନେଶ୍ୱର, ୦୯/୭ (ନି.ପ୍ର): ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କଲେ ରାଜ୍ୟ ବିଜେପିର ନୂତନ ରାଜ୍ୟ ସଭାପତି ମନମୋହନ ସାମଲ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡ଼କ ଯୋଗାଇ ଦେବା ପ୍ରଥମ ଲକ୍ଷ୍ୟ ରହିବ ବୋଲି ଦର୍ଶନ ପରେ ପ୍ରତିକ୍ରିୟା ଦେଇଛନ୍ତି ମନମୋହନ । ନୂଆ ରାଜ୍ୟ କମିଟି ସହ ବୋର୍ଡ ନିଗମ ଖାଲି ପଡ଼ିବା ପ୍ରସଙ୍ଗରେ ମନମୋହନ କହିଛନ୍ତି ସବୁ ପ୍ରକ୍ରିୟାରେ ଅଛି । ଚୂଡାନ୍ତ ପ୍ରକ୍ରିୟା ବାକି ଅଛି । ଖୁବ୍ ଶୀଘ୍ର ସବୁ କାମ ହେବ । ମନ୍ତ୍ରୀମଣ୍ଡଳ ମଧ୍ୟ ପୂରଣ





ହେବ ବୋଲି ମନମୋହନ କହିଛନ୍ତି । କାମ ଧିମା ଚାଲିଥିବା ଲୋକ ଅଭିଯୋଗ ଆଣୁଥିବା ବେଳେ ମନମୋହନ କହିଛନ୍ତି, ସ୍ଲୋ ଆଣ୍ଡ୍ ଷ୍ଟିଡି ୱିନ୍ ଦ ରେସ୍ । ଠିକ୍ ସମୟରେ ଠିକ୍ କାମ ହେବ । ଆମ ଦଳ ୫୧ ମସିହା ଠାରୁ କେବେ ବିଭାଜନ ହେଇନି । କାହାକୁ ଉପେକ୍ଷା ଅବା ଅପେକ୍ଷା କରେନି । ▶▶ପୃଷ୍ଠା ୭

## ଗୁଜରାଟରେ ଭୁଶୁଡ଼ିଲା ୪୩ ବର୍ଷ ତଳର ପୋଲ : ୧୩ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୦୯/୭ : ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୧୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ବୁଧବାର ସକାଳେ ଗୁଜରାଟର ବଡୋଦରା ଜିଲ୍ଲା ପାଦରା ସବ୍-ଡିଭିଜନରେ ଘଟିଛି ଏହି ଘଟଣା । ମହୀସାଗର ନଦୀ ଉପରେ ତିଆରି ହୋଇଥିବା ଗମ୍ଭୀରା-ମୁଜପୁର ବ୍ରିଜ ବଡୋଦରା ଓ ଆନନ୍ଦ ଜିଲ୍ଲାକୁ ସଂଯୋଗ କରେ । ଆଜି ଏହାର କିଛି ଅଂଶ ଭୁଶୁଡ଼ି ପଡ଼ିଛି । ବ୍ରିଜ୍‌ର ଉକ୍ତ ଅଂଶ ଭୁଶୁଡ଼ି ପଡ଼ିବା ବେଳେ ତା' ଉପରେ ୫ଟି



ଗାଡ଼ି- ଦୁଇଟି ଟ୍ରକ୍, ଦୁଇଟି ଭ୍ୟାନ ଓ ଗୋଟିଏ ଅଟୋରିକ୍ସା ଯାତ୍ରା କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏହି ସବୁ ଗାଡ଼ି ନଦୀରେ ପଡ଼ିଯାଇଥିଲେ । ଏକ ବଡ଼ ଟ୍ୟାଙ୍କର ନଦୀରେ ପଡୁ ପଡୁ ଅଳ୍ପକେ ବର୍ତ୍ତି ଯାଇଛି । ତେବେ ଏହା ଭଙ୍ଗା ବ୍ରିଜ୍‌ରେ ଫସି ରହିଛି । ତାକୁ ବାହାର କରାଯାଇପାରିନି । ବ୍ରିଜ୍‌ଟି ଭୁଶୁଡ଼ି ପଡ଼ିବା ପରେ ଖବର ପାଇ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ସହିତ ବଡୋଦରା ଜିଲ୍ଲା ପ୍ରଶାସନର ଅଧିକାରୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସ୍ଥାନୀୟ ଲୋକମାନେ ମଧ୍ୟ ନଦୀରେ ପଡ଼ିଥିବା ଗାଡ଼ିଗୁଡ଼ିକରୁ ଆହତମାନଙ୍କୁ ଉଦ୍ଧାର କରିବାରେ ସେମାନଙ୍କୁ ସାହାଯ୍ୟ କରିଥିଲେ । ▶▶ପୃଷ୍ଠା ୭

## ବାୟୁସେନାର ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ: ୨ ପାଇଲଟ ମୃତ

ନୂଆଦିଲ୍ଲୀ,୦୯/୭ : ରାଜସ୍ଥାନର ଚୁରୁ ଜିଲ୍ଲାର ଭାନୁଦା ଗାଁ ନିକଟରେ ବୁଧବାର ଭାରତୀୟ ବାୟୁସେନାର ଏକ ଜାଗୁଆର ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଜଣ ପାଇଲଟଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜାଗୁଆର ଫାଇଟର ଜେଟ୍‌ଟି ରାଜସ୍ଥାନର ସୁରତଗଡ଼ ବାୟୁ ସେନା ବେସ୍‌ରୁ ଉଡ଼ାଣ ଭରିଥିଲା । ଅପରାହ୍ନ ୧ଟା ୨୫ ମିନିଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣା ନେଇ ଭାରତୀୟ ବାୟୁସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି । ବାୟୁସେନା ପକ୍ଷରୁ କୁହାଯାଇଛି ଯେ ଦୁର୍ଘଟଣାଗ୍ରସ୍ତ ଜାଗୁଆର ଟ୍ରେନର ଏୟାରକ୍ରାଫ୍ଟ ରୁଟିନ୍ ଟ୍ରେନିଂ ମିଶନରେ ଯାଇଥିଲା । ସେଥିରେ ଦୁଇ ଜଣ ପାଇଲଟ ଥିଲେ । ଉଭୟଙ୍କର ମୃତ୍ୟୁ ଘଟିଛି । ତେବେ ସାଧାରଣ ଲୋକଙ୍କର କୌଣସି ପ୍ରକାର କ୍ଷତି ଘଟିନାହିଁ । ଏହି ଦୁର୍ଘଟଣା କାହିଁକି ଘଟିଲା, ତା'ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଭାନୁଦା ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସେମାନେ ପ୍ରଥମେ ଆକାଶରୁ ବିସ୍ଫୋରଣ ଶବ୍ଦ ଶୁଣିଥିଲେ । ତା'ପରେ ଗାଁ ପାଖ ଜମିରୁ ନିଆଁ ଓ ଧୂଆଁ ବାହାରୁଥିବା ସେମାନେ ଦେଖିଥିଲେ । ସେମାନେ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ । ନିଜ ଉଦ୍ୟମରେ ସେମାନେ ଭଗ୍ନ ବିମାନରେ ଲାଗିଥିବା ନିଆଁକୁ ଲିଭାଇଥିଲେ । ଘଟଣାସ୍ଥଳରେ ପାଇଲଟମାନଙ୍କର ଖଣ୍ଡବିଖଣ୍ଡିତ ଶରୀର ପଡ଼ିଥିଲା ।

## ବିହାରରେ ବିରୋଧୀଙ୍କ ଶକ୍ତି ପ୍ରଦର୍ଶନ: ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଭୋଟ୍ ଚୋରି କହିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୦୯/୭ : ଯଦିଓ ବିହାର ବିଧାନସଭା ନିର୍ବାଚନ ପାଇଁ ବିହାର ମହାଗଠବନ୍ଧନ ମଧ୍ୟରେ ଆସନ ବୁଝାମଣା ହୋଇପାରୁନି କିନ୍ତୁ ବିଜେପି ବିରୋଧରେ ଏକାଠି ହେବାକୁ ହାତ ମିଳାଇଛନ୍ତି ବିରୋଧୀ । ଯାହା ଆଜି ପାଟଣା ରାଲିରେ ଦେଖିବାକୁ ମିଳିଛି । ପଟଣାରେ ରାହୁଲଙ୍କ ଗର୍ଜନ ଦର୍ଶାଉଥିଲା ବିହାର ଭୋଟର ସଂଶୋଧନ ପ୍ରକ୍ରିୟାକୁ ନେଇ ବିରୋଧୀ କିଭଳି ଅସନ୍ତୋଷ ଅଛନ୍ତି । ଭୋଟର ସଂଶୋଧନ ପ୍ରକ୍ରିୟାକୁ ଭୋଟ୍ ଚୋରିର ଆଖ୍ୟା ଦେଇଛନ୍ତି ବିରୋଧୀ ଦଳ ନେତା । କେବଳ ସେତିକି ନୁହେଁ ଏହା ଦ୍ୱାରା ଭୋଟରଙ୍କ ଅଧିକାର ଛଡ଼ାଯିବ, ବିହାରର ଭୋଟରଙ୍କ ଭବିଷ୍ୟତ ନଷ୍ଟ ହେବ କହି ରାଜ୍ୟବାସୀଙ୍କୁ ଏହା ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଆହ୍ୱାନ ଦେଇଛନ୍ତି । ମହାରାଷ୍ଟ୍ରର ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନର ଉଦାହରଣ ଦେଇ ରାହୁଲ ନିଜ ବୟାନରେ ଅଟଳ ଅଛନ୍ତି । ମହାରାଷ୍ଟ୍ର ବିଧାନସଭାରେ ପୂର୍ବରୁ ଇସିଆଇ ଓ ବିଜେପି ଭୋଟର ତାଲିକାରେ ବଡ ଧରଣର ଅଦଳବଦଳ କରିଥିବା ସେ ଅଭିଯୋଗ କରିଛନ୍ତି । ଏନେଇ



ସାର୍ବଜନୀନ ଭାବେ କିଛି ତଥ୍ୟ ମଧ୍ୟ ରଖିଥିଲେ । କେବଳ ୪ମାସ ବ୍ୟବଧାନରେ ଲୋକସଭା ନିର୍ବାଚନ ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହୋଇଥିଲା । ତେବେ ବି ଏକ କୋଟି ଅଧିକ ଭୋଟର କିଭଳି ଆସିଲେ ବୋଲି ପ୍ରଶ୍ନ କରିବା ସହ କିଛି ତଥ୍ୟକୁ ସାର୍ବଜନୀନ କରି ଇସିଆଇଙ୍କୁ ପ୍ରଶ୍ନ କରିଥିଲେ । ଯାହାର ସନ୍ତୋଷଜନକ ଉତ୍ତର ନଦେବା, ବିହାରକୁ ନେଇ ରାହୁଲଙ୍କ ସମାନ ଦାବି ହୁଏତ ଅଳ୍ପବହୁତଭାବେ ଭୋଟରଙ୍କ ଉପରେ ପ୍ରଭାବିତ କରିପାରେ । ଚଳିତବର୍ଷ ଶେଷସୁଦ୍ଧା ବିହାର ବିଧାନସଭା ନିର୍ବାଚନ ହେବ । ଏହା ପୂର୍ବରୁ ଜୁନ ୨୨ରେ ବିହାରର ପାଇଁ ମୁଖ୍ୟ ନିର୍ବାଚନ କମିଶନ ଭୋଟର ସଂଶୋଧନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । କମିଶନ କହିଛନ୍ତି ଏହାଦ୍ୱାରା ନୂଆ ଭୋଟର ଯୋଡି ହେବା ସହ ଅବୈଧଭାବେ ଦେଶରେ ରହୁଥିବା ଭୋଟରଙ୍କୁ ବାଦ ଦିଆଯିବ ।

## ଶ୍ରମିକ ଅଟକ ଘଟଣା: ଓଡ଼ିଶା ସରକାରଙ୍କୁ ଧମକାଇଲେ ସାଂସଦ ମହୁଆ ମୈତ୍ର

ଭୁବନେଶ୍ୱର, ୦୯/୭ (ନି.ପ୍ର): ଓଡ଼ିଶା ସରକାରଙ୍କୁ ଧମକାଇଲେ ପଶ୍ଚିମବଙ୍ଗ ସାଂସଦ ମହୁଆ ମୈତ୍ର । ଝାରସୁଗୁଡ଼ାରେ ୪୨୧ ଶ୍ରମିକ ଅଟକ ଘଟଣାକୁ ନେଇ ଜାରି କଲେ ଭିଡିଓ । କହିଲେ ଏମାନଙ୍କ ଭିତରେ ମୋ ନିର୍ବାଚନ ମଣ୍ଡଳୀର ୨୩ ଶ୍ରମିକ ଅଛନ୍ତି । ମୋ ନିର୍ବାଚନ ମଣ୍ଡଳୀର ୨୩ ଶ୍ରମିକଙ୍କ ସହ ୪୨୧ ବେଙ୍ଗଲି ଅଟକ ଅଛନ୍ତି । ବେଆଇନ ଭାବେ ଝାରସୁଗୁଡ଼ା ଓରିଏଣ୍ଟ ପୋଲିସ ଷ୍ଟେସନ ଅଟକ ରଖିଛି । ଆହୁରି କହିଛନ୍ତି ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱର ୫୦ ପ୍ରତିଶତ ପଶ୍ଚିମବଙ୍ଗରୁ ଆସୁଛି । ୫୦ ପ୍ରତିଶତ ବଙ୍ଗାଳୀ ପର୍ଯ୍ୟଟକ ଓଡ଼ିଶାର ହୋଟେଲରେ ରହୁଛନ୍ତି, ଏଠାକାର ରେସ୍ତୋରାଁରେ ଖାଉଛନ୍ତି । ବିଗତ ଦିନରେ ଏପରି ହେଉ ନ ଥିଲା, ବିଜେପି ସରକାର ଆସିଲା ପରେ ହେଉଛି । ଏଭଳି କହି ପର୍ଯ୍ୟଟକ ନଆସିବା ଧମକ ପରୋକ୍ଷରେ ଦେଇଛନ୍ତି ମହୁଆ । ଖାଲି ଏତିକି ନୁହେଁ ଅଟକ ଶ୍ରମିକଙ୍କୁ ଯଦି ତୁରନ୍ତ ଛଡ଼ାନଯାଏ ତାହେଲେ ମାମଲା ହେବ । ସେମାନେ ଏକୁଟିଆ ନାହାନ୍ତି ସେମାନଙ୍କ ପାଇଁ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଟିଏମସି ସାଂସଦ ମୋହୁଆ ମୈତ୍ର ନିଜ ଭିଡିଓରେ କହିଛନ୍ତି । ▶▶ପୃଷ୍ଠା ୭

## ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଇଁ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ

ସମ୍ବଲପୁର, ୦୯/୦୭ (ନି.ପ୍ର): ଆଜି ସମ୍ବଲପୁର ମହାନଗର ନିଗମର ସମ୍ମିଳନୀ କକ୍ଷ ପରିସରରେ ବୁଥ୍ ସ୍ତରୀୟ ଅଧିକାରୀ ବିଏଲ୍ଓଙ୍କ ପାଇଁ ଏକ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିର୍ବାଚନ ସଂପର୍କୀୟ ବିଭିନ୍ନ ନିୟମାବଳୀ, ଓ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପ୍ରଶିକ୍ଷଣରେ ବିଶେଷତଃ ଆସନ ସଂଶୋଧନ ପ୍ରକ୍ରିୟା ସ୍ୱତନ୍ତ୍ର ସ୍ମରି ରିଭିଜିନ ଏସ୍ଏସ୍ ବିଏଲ୍ଓ ଆପ୍ ବ୍ୟବହାର, ତଥାମାନ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ଆଇନ ଓ ନିୟମାବଳୀ ବିଷୟରେ ଅଧିକାରୀ ମାନଙ୍କୁ ଅବଗତ କରାଯାଇଥିଲା । ଏହି ପ୍ରଶିକ୍ଷଣ ସେସନ୍‌ର ଶେଷରେ ଅଂଶଗ୍ରହଣକାରୀ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ପାଇଁ ଏକ ପରୀକ୍ଷା ମଧ କରାଯାଇଥିଲା ।

## ବାଲେଶ୍ୱର ଜେଲ ସହ ନୀଳଗିରି ଜେଲ ମିଶ୍ରଣ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ପ୍ରତାପ ଷଡଙ୍ଗୀ



ନୀଳଗିରି , ୦୯/୦୭ (ନି.ପ୍ର): ବାଲେଶ୍ୱର ଜେଲ ସହ ନୀଳଗିରି ଜେଲ ମିଶ୍ରଣ ହେବାକୁ ଗୃହବିଭାଗର ବିଜ୍ଞପ୍ତି ପ୍ରକାଶ ପାଇବାପରେ ଏହାକୁ ନାପସନ୍ଦ କରିଛନ୍ତି ନୀଳଗିରିର ଦୁଇ ଓକିଲସଂଘ ସହିତ ବହୁ ବୁଦ୍ଧିଜୀବୀ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୮ତାରିଖ ମୁଖ୍ୟମନ୍ତ୍ରୀଙ୍କୁ ଏହାର ପୁନର୍ବିଚାର କରିବାପାଇଁ ଚିଠିଲେଖିଛନ୍ତି । ସୂଚନା ଅନୁଯାୟୀ ୧୯୨୦ମସିହାରେ ପ୍ରତିଷ୍ଠିତ ଏହି ଜେଲ ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିରୁ ସ୍ୱତନ୍ତ୍ର ଅଟେ । ସ୍ୱାଧୀନ ଭାରତରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ନୀଳଗିରି ଗଡ଼ଜାତ ସର୍ବପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ ହେବାପାଇଁ କେତକ ଚୁକ୍ତି ହୋଇଥିଲା । ଫଳରେ ନୀଳଗିରିକୁ ଉପଖଣ୍ଡର ମାନ୍ୟତା ମିଳିବାସହିତ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଥିଲା ବୋଲି ସାଂସଦ ଉଲ୍ଲେଖ କରିଥିବା ଜଣାଯାଇଛି । ସେହି ଅନୁଯାୟୀ ନୀଳଗିରିକୁ ରାଜ୍ୟସରକାର ସ୍ୱତନ୍ତ୍ରଭାବେ ପ୍ରଚଳନ କରିଆସୁଥିଲେ । ରାଜତନ୍ତ୍ର ସମୟରୁ ନୀଳଗିରି ସବଜେଲକୁ ସେହିଦିବସ ଠାରୁ ରାଜା ଓ ପରବର୍ତ୍ତୀ ସମୟରେ ରାଜ୍ୟସରକାର ବ୍ୟବହାର କରିଆସୁଥିଲେ । ପରବର୍ତ୍ତୀ ସମୟରେ ୧୯୪୭ମସିହାରେ ବାଲେଶ୍ୱର ଜେଲ ନିର୍ମାଣ ହୋଇଥିଲା । ତେଣେ ବାଲେଶ୍ୱର ଜେଲର ବହୁବର୍ଷ ପୂର୍ବରୁ ନିର୍ମିତ ନୀଳଗିରି ଜେଲ ନିର୍ମିତ ହୋଇଥିବା ବେଳେ ଏଠାରେ ଉପଖଣ୍ଡ ବିଚାରବିଭାଗୀୟ ଅଧିକାରୀ, ସବଜଜ୍ ସହ ସହକାରୀ ଫୌଜଦାରୀ ଅଦାଲତ ଥିବା ବେଳେ ଆଗାମୀ ଦିନରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ସ୍ଥାପନ କରାଯିବା ପାଇଁ ଯୋଜନା କରାଯାଇଛି । ତେଣୁ ରାଜ୍ୟସରକାର ଏହାର ପୁନର୍ବିଚାର କରିବାକୁ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନୀଳଗିରିରୁ ସବଜେଲ ବାଲେଶ୍ୱର ସ୍ଥାନାନ୍ତର ନକରିବାକୁ ଅନୁରୋଧ କରିଛନ୍ତି ।

## କିଶୋର ନ୍ୟାୟ ଅଧିନିୟମ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୦୯/୦୭ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦୋବଲ କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମ ପରିସରରେ କିଶୋର ନ୍ୟାୟ ଅଧିନିୟମ (ଯନ୍ ଏବଂ ସୁରକ୍ଷା) ଆଇନ ୨୦୨୫ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କିଶୋର, କିଶୋରୀ ମାନେ କମ ବୟସରେ ସେମାନଙ୍କ ମାନସିକତା ସ୍ତରରେ ପରିପକ୍ୱତା ଆସିନଥାଏ ତେଣୁ ସେମାନେ ଆଗକୁ କଣ ହେବ ବା ସମାଜ ସେମାନଙ୍କୁ କେଉଁ ଦୃଷ୍ଟିରେ ଦେଖିବ ସେସବୁକୁ ବୁଝିବାର ଧୈର୍ଯ୍ୟ କିମ୍ବା ମାନସିକତା ସେହି କିଶୋର କିଶୋରୀମାନଙ୍କର ନଥାଏ । ତେଣୁ ସେମାନେ କରୁଥିବା ଅପରାଧକୁ କିଶୋର ନ୍ୟାୟ ଅଧିନିୟମ ମଣ୍ଡଳୀ ଜରିଆରେ ସେମାନଙ୍କ ଠାରୁ ସତ୍ୟଘଟଣାମାନ ବାହାରକୁ ଅଣାଯାଇଥାଏ । ତେଣୁ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧମରେ ବୟସର ପରିପକ୍ୱତା ନହୋଇଥିବାରୁ କୌଣସି ଅନୈତିକ, ଅସାମାଜିକ ଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରୁହ ନାହିଁ ବୋଲି ଉପସ୍ଥିତ ବିଭିନ୍ନ ବର୍ଗର ଅତିଥିମାନେ ମତବ୍ୟକ୍ତ କରିବା ସଂଗେ ସଂଗେ ପିଲାମାନଙ୍କୁ ବୁଝାଇଥିଲେ । ଏହାସହ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୂଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ । ଶିଶୁ କଲ୍ୟଣ ମୁଖ୍ୟ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁଯନ୍ ବିଭାଗର ମୁଖ୍ୟ ଅବିନାଶ ମହାନ୍ତି, କିଶୋରନ୍ୟାୟ ପରିଷଦର ସଦସ୍ୟ ବନମାଳୀ ଯେନା, ଏଲ୍.ଏ.ଡ଼ିସ୍.ଏସ୍‌ର ମୁଖ୍ୟ ତାପସ କୁମାର ମହାନ୍ତି ଏବଂ ମହାପୁରୁଷ ଆଶ୍ରମର ଅଧିକ୍ଷକ ନକୁଳ ଚରଣ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ସିଆଇଏସସିଇ ରାଉରକେଲା ଜୋନ୍ ଆନ୍ତଃ ସ୍କୁଲ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ




ରାଉରକେଲା, ୦୯/୦୭ (ନି.ପ୍ର): ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୨ ଆନୁକୂଲ୍ୟରେ ଆୟୋଜିତ ସିଆଇଏସସିଇ ବିଦ୍ୟାଳୟ ଗୁଡ଼ିକର ରାଉରକେଲା ଜୋନ୍ ଆନ୍ତଃ ସ୍କୁଲ ଫୁଟବଲ୍ ପ୍ରତିଯୋଗିତା ଜୁଲାଇ ୫ ତାରିଖରେ ସେକ୍ଟର-୨୨, ଇସ୍ପାତ ମିନି ଷ୍ଟାଡିୟମରେ ଶେଷ ହୋଇଛି । ସମାପନୀ ଉତ୍ସବରେ ଆରଏସପି ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି କି କାନେକର, ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସହର ସେବା ଶିକ୍ଷା ବିଭାଗର ଜିଏମ ଡକ୍ଟର (ଶ୍ରୀମତୀ) ନିବେଦିତା ରୟ ସମ୍ମାନିତା ଅତିଥି ରୂପେ ଉପସ୍ଥିତ ଥିଲେ । ଏହି ଅବସରରେ ଆଇଇଏମଏସ ସେକ୍ଟର-୨୨ର ପ୍ରଧାନ ଶିକ୍ଷକ ଶ୍ରୀ ଏସ୍. ଏନ. ପଣ୍ଡା ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଅତିଥିମାନେ ଖେଳାଳୀ ଏବଂ ମ୍ୟାଚ୍ ଅଫିସିଆଲଙ୍କ ସହିତ ପରିଚିତ ହୋଇଥିଲେ । ଶ୍ରୀ କାନେକର ତାଙ୍କ ବକ୍ତବ୍ୟରେ ଯୁବ ଖେଳାଳିଙ୍କ ଶାରୀରିକ ଏବଂ ବୌଦ୍ଧିକ ବିକାଶ, ସହଭାଗୀ ଭାବନା ଏବଂ ଅଂଶଗ୍ରହଣର ମନୋଭାବ ପାଇଁ କ୍ରୀଡାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ରୟ ଯୁବ ଖେଳାଳିମାନଙ୍କୁ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ଉଭୟ ପାଠ୍ୟ ଏବଂ ପାଠ୍ୟେତରରେ ଆଗ୍ରହ ନେବା ନିମନ୍ତେ ଉତ୍ସାହିତ କରିଥିଲେ । ସେଣ୍ଟ ପଲ୍ସ ସ୍କୁଲ (୧୪ ବର୍ଷରୁ କମ), ସେଣ୍ଟ ଜନ୍ ମେରୀ ଭିୟାନି ଇଂରାଜୀ ସ୍କୁଲ, କୁଦ୍ରା (୧୭ ବର୍ଷରୁ କମ୍), ଏବଂ ଇସ୍ପାତ ଇଏମ୍ ସ୍କୁଲ, ସେକ୍ଟର ୨୦ (୧୯ ବର୍ଷରୁ କମ୍) ବର୍ଗରେ ବିଜେତା ହୋଇଥିଲେ । ଡନ୍ ବୋସ୍କୋ ଇଂରାଜୀ ମାଧମ ସ୍କୁଲ, କୁଆରମୁଣ୍ଡା, ଉଭୟ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବର୍ଗରେ ଏବଂ ଡିସୌଜା ସ୍କୁଲ ୧୯ ବର୍ଷରୁ କମ ବର୍ଗରେ ବର୍ଗରେ ରନର୍ସ ଅପ୍ ହୋଇଥିଲେ । ଶେଷରେ, ଶ୍ରୀ କାନେକର ଟୁର୍ଣ୍ଣାମେଣ୍ଟର ସମାପ୍ତି ଘୋଷଣା କରିଥିଲେ । ଏଥିପୂର୍ବରୁ ଜୁଲାଇ ୧ ତାରିଖରେ ଏହି ପ୍ରତିଯୋଗିତାକୁ ଆରଏସପି ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଯୋଯୋ ଉଦଘାଟନ କରିଥିଲେ । ଏହି ଅବସରରେ ଡକ୍ଟର ନିବେଦିତା ରୟ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୦ ର ଅଧକ୍ଷା ଡକ୍ଟର ସୁଶ୍ରୀତା ଦାସ, ଶ୍ରୀ ଏସ୍. ଏନ. ପଣ୍ଡା ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଜୋନ୍ ରୁ ୨୪ଟି ଦଳ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ । ସେକ୍ଟର-୨୨ର ଆଇଇଏମଏସର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଷ୍ଟାଫମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ସମ୍ବିଧାନକୁ ବଞ୍ଚାଇବା ମୂଳଲକ୍ଷ୍ୟ : ମୟୁରଭଞ୍ଜ କଂଗ୍ରେସ




ବାରିପଦା, ୦୯/୦୭ (ନି.ପ୍ର): ଆସନ୍ତା ୧୧ ତାରିଖ ଦିନ ଲୋକସଭା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧି ଓ ଜାତୀୟ କଂଗ୍ରେସ ଦଳର ସଭାପତି ମାଲିକାର୍ଜୁନ ଖଡ଼ଗେ ଙ୍କ ଓଡିଶା ଗସ୍ତ ଅବସରରେ, ରାଜ୍ୟ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ମୟୁରଭଞ୍ଜ କଂଗ୍ରେସ ତରଫରୁ ସ୍ଥାନୀୟ ପି. ଡବ୍ଲୁ. ଡି ବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନା କରାକାଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ପ୍ରବକ୍ତା ଶ୍ରୀଯୁକ୍ତ ବିଭୁତି ମିଶ୍ର ଯୋଗଦେଇ, ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ବିଧାନକୁ ବଞ୍ଚାଇବା ପାଇଁ, ସମ୍ବିଧାନ ବଞ୍ଚାଓ ରେଲିରେ, କଂଗ୍ରେସ କର୍ମୀ ଓ ଜନସାଧାରଣଙ୍କୁ ଅବଗତ କରାଇବା, ଆଜିର ଏହି ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୁଚାଇଥିଲେ । ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଶରେ ସମ୍ବିଧାନ ବଞ୍ଚିଲେ, ଆମ ସମସ୍ତଙ୍କୁ ଉଦ୍ଦେଶ୍ୟ ପୂରଣ ହେବ ବୋଲି ଶ୍ରୀଯୁକ୍ତ ମିଶ୍ର କହିଥିଲେ । ଏଥିପାଇଁ ଆଗାମି ୧୧ତାରିଖ ଦିନ ସାଧାରଣ ଜନତା ଉକ୍ତ ସଭାରେ ବହୁସଂଖ୍ୟାରେ ଯୋଗ ଦେବାକୁ ସାମ୍ବାଦିକ ସମ୍ମିଳଣି ଜରିଆରେ ଆହ୍ୱାନ କରିଥିଲେ । ଏହି ସମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ପୂର୍ବତନ ସଭାପତି ହେମନ୍ତ ଦାସ, ମହିଳା ନେତ୍ରୀ ସୁସ୍ମିତା ଘୋସାଲ, ଯୋଗେଶ ଆଗ୍ରୱାଲ, ମୀନକେତନ ବେହେରା, ତୁଷାର ବେହେରା, ଶିବାନନ୍ଦ ଦାସ, ମୋତିପ୍ରକାଶ ଦାସ, ଏମ. ଡି ଇକବାଲ, ନିର୍ମଳ ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ, ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସ ଙ୍କ ସଭାପତିତ୍ୱ ରେ ଉକ୍ତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲ ।

## ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

କୋରେଇ, ୦୮/୦୭ (ନି.ପ୍ର): ପଶ୍ଚିମବଙ୍ଗ ରାଜ୍ୟର ଜଣେ ଯୁବକ ନିଖୋଜ ଥିବା ନେଇ ସେଠାକାର ଥାନାରେ ଅଭିଯୋଗ କରିଥିବା ବେଳେ ଉକ୍ତ ଯୁବକ ଜଣକ ପାଣିକୋଇଲି ଅଂଚଳରେ ବୁଲୁଥିବାର ଖବର ପାଇ ଯୁବକଙ୍କ ସମ୍ପର୍କୀୟ ମାନେ ପାଣିକୋଇଲି ଆସି ତାକୁ ନପାଇ ପୁଣି ଥାନାରେ ଏକ ନିଖୋଜ ଅଭିଯୋଗ ଦେଇଛନ୍ତି । ପ୍ରକାଶଯେ ପଶ୍ଚିମବଙ୍ଗ ରାଜ୍ୟର ଝାରଗ୍ରାମ ଜିଲ୍ଲା ଜାମୁବଣୀ ଥାନା ଅନ୍ତର୍ଗତ ଡ଼ାଇଚାକୁଣିଆ ଗ୍ରାମର ନନ୍ଦ କିଶୋର ମହନ୍ତଙ୍କ ପୁଅ ଅଭିଜିତ ଗତ ୪ ତାରିଖ ଠାରୁ ନିଖୋଜ ଥିଲେ । ଏ ନେଇ ଅଭିଜିତଙ୍କ ସମ୍ପର୍କୀୟ ମାନେ ନିକଟସ୍ଥ ଥାନାରେ ଅଭିଯୋଗ ଦାଖଲ କରିଥିଲେ ।

## ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

ସମ୍ବଲପୁର, ୦୯/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଭୋଜପୁର ପଂଚାୟତ ସ୍ଥାନୀୟ ରେଙ୍ଗାଲବେଡା ସ୍ଥିତ ଭୋଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାମାଜିକ ବନୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରୋତ୍ସାହନରେ ଚଳିତ ବର୍ଷ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାନ୍ତି , ଚତୁର୍ଭୁଜ ସାହୁ, ଅକ୍ଷୟ ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ମମତା ଝାଉଁର, ଆଲୋକ ନାୟକ ଏବଂ ଇକୋ କ୍ଲବ୍ ଭାର ପ୍ରାପ୍ତ ଶିକ୍ଷକ ସପ୍ତଶିର କହଁର ପ୍ରମୁଖ ଯୋଗ ଦେଇଥିଲେ । 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଭାଗନେଇଥିବା ବିଦ୍ୟାର୍ଥୀ ଆଭା ବାରିକ୍, ନୂପୁର ରୋହିଦାସ, ମୋନାଲିସା ମେହେର, ରପେଲି ବେହେରା, ଦିପୀକା ଦର୍ଭା, ମେଦିନୀ କାନ୍ତ ରଣା ପ୍ରଭୃତି ଙ୍କୁ ଇକୋ କ୍ଲବ୍ ଫର୍ ମିଶନ୍ ଲାଇଫ୍ ଆନୁକୁଲ୍ୟରେ ଆଭାସୀ ପ୍ରମାଣପତ୍ର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ବାଳିକାମାନେ ଗୋପବନ୍ଧୁ ଦାସଙ୍କ 'ବୃକ୍ଷ ମହାତ୍ମା' ପଠନ କରିଥିଲେ । ଶିକ୍ଷକ ଚତୁର୍ଭୁଜ ସାହୁ ସାଂପ୍ରତିକ ସ୍ଥିତିରେ ପରିବେଶ ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଜୀବ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତି ସ୍ୱାଇଁ ବର୍ତ୍ତମାନର ପରିବେଶ ପାଇଁ ବୃକ୍ଷ ରୋପଣ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ । ପରିଶେଷରେ ଶ୍ରୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡ଼ା ଷ୍ଟେଟବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା, ୦୮/୦୭ (ନି.ପ୍ର): କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ନୂତନ ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟାଚାର୍ଯ୍ୟଙ୍କୁ ଷ୍ଟେଟବ୍ୟାଙ୍କ ପେନସନରର୍ସ ସଙ୍ଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଷ୍ଟେଟବ୍ୟାଙ୍କ ପେନସନରର୍ସ ସଙ୍ଘ ଓଡିଶା ସର୍କଲର ଆଂଚଳିକ ସମ୍ପାଦକ ଗଣେଶ୍ୱର ମେକାପ, ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ହରିପଦ ପଣ୍ଡା, ଶରତ କୁମାର ମୁଦୁଲି ଓ ମାଧବାନନ୍ଦ ମହାପାତ୍ର ଏବଂ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ କେନ୍ଦ୍ରାପଡା ଶାଖାର ସମ୍ପାଦକ ରାକେଶ କୁମାର ପରିଡା ପ୍ରମୁଖ ମୁଖ୍ୟ ପରିଚାଳକ ଶ୍ରୀ ଭଟାଚାର୍ଯ୍ୟଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଉତ୍ପାଦ ପରୀକ୍ଷଣ ପ୍ରୟୋଗଶାଳା ସ୍ଥାପନ ନିମନ୍ତେ ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଚୁକ୍ତିନାମା ସ୍ୱାକ୍ଷରିତ




ରାଉରକେଲା, ୦୯/୦୭ (ନି.ପ୍ର): ଗୁଣବତ୍ତା ନିଶ୍ଚିତତାକୁ ସୁଦୃଢ଼ କରିବା ସହ ଗ୍ରାହକଙ୍କ କ୍ରମବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜୁଲାଇ ୪ ତାରିଖ ଦିନ ଇଡି ପ୍ରୋଜେକ୍ଟସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେସର୍ସ ଷ୍ଟର୍ଲି ଆଣ୍ଡ୍ ୱିଲସନ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ଅତ୍ୟାଧୁନିକ ଉତ୍ପାଦ ପରୀକ୍ଷଣ ପ୍ରୟୋଗଶାଳା ସ୍ଥାପନ ପାଇଁ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛି । ଏହି ପ୍ରୟୋଗଶାଳା ନୂତନ ପ୍ଲେଟ୍ ମିଲ୍ (ଏନପିଏମ୍), ସ୍ପେସିଆଲ ପ୍ଲେଟ୍ ପ୍ଲାଣ୍ଟ (ଏସପିପି), ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ ଏସ ଏମ୍-୨) ର ବର୍ଦ୍ଧିତ ପରୀକ୍ଷଣ ଆବଶ୍ୟକତା ପୂରଣ କରିବ । ଏହି ଚୁକ୍ତି ସ୍ୱାକ୍ଷର ସମାରୋହ ପ୍ରକଳ୍ପ ବିଭାଗର ସିଜିଏମ୍ ଶ୍ରୀ ଦିଲ୍ଲୀପ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆରଏସପି ଏବଂ ରାଞ୍ଚି ସେଲ ସିଇଟି ର ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଆଗାମୀ ସୁବିଧାକୁ ଦୃଷ୍ଟିରେ ରଖି ଏନପିଏମ୍, ଏସପିପି ଏବଂ ଏଚଏସଏମ୍-୨ ବିଭାଗର ବର୍ଦ୍ଧିତ କ୍ଷମତାରୁ ଉପୁଜୁଥିବା ବର୍ଦ୍ଧିତ ଉତ୍ପାଦ ପରୀକ୍ଷଣ ଚାହିଦା ପୂରଣ କରିବା ପାଇଁ କଳ୍ପନା କରାଯାଇଛି । ଏହି ସବୁ ମିଲ୍ ଦ୍ୱାରା ଉତ୍ପାଦିତ ସ୍ୱତନ୍ତ୍ର ମାନର ଇସ୍ପାତର ସମୟୋଚିତ ବିଶ୍ଳେଷଣକୁ ସୁନିଶ୍ଚିତ କରିବା ପାଇଁ ପରୀକ୍ଷାଗାରଟି ଅତ୍ୟାଧୁନିକ ପରୀକ୍ଷଣ ଭିତ୍ତିଭୂମି ସହିତ ସଜ୍ଜିତ ହେବ । ଏପରି ପରିବର୍ତ୍ତନରେ, ଶୀଘ୍ର ପ୍ରେରଣ ଏବଂ ଅଧିକ ଦକ୍ଷ ଇନଭେଣ୍ଟରୀ ପରିଚାଳନାକୁ ସହଜ କରିପାରିବ ।

ଏଥିରେ ଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପରୀକ୍ଷାଗାରଟି ଏନଏ ବି ଏଲ ମାନ୍ୟତାପ୍ରାପ୍ତ ମାନକ ସହିତ ବିକଶିତ ହେବ, ଯାହାଦ୍ୱାରା ଉଚ୍ଚ-ପ୍ରୋଫାଇଲ୍ ର ଗ୍ରାହକମାନଙ୍କ ଦ୍ୱାରା ଆଶା କରାଯାଉଥିବା ଉଚ୍ଚ ଗୁଣବତ୍ତା ମାନଦଣ୍ଡ ପୂରଣ ହୋଇପାରିବ । ଏହା ତୃତୀୟ-ପକ୍ଷ ଯାଞ୍ଚକୁ ମଧ ସମର୍ଥନ କରିବା ସହ ମୂଳ ଉତ୍ସରେ ଉତ୍ପାଦ ଗୁଣବତ୍ତା ଯାଞ୍ଚ କରିବାକୁ ଚାହୁଁଥିବା ଗ୍ରାହକମାନଙ୍କ ସମ୍ଭାବ୍ୟ ଇଚ୍ଛା ପୂରଣ କରି ପାରିବ ।

ଏହି ପ୍ରୟୋଗଶାଳା ର ସ୍ଥାପନ ଏବଂ ସ୍ଥିରୀକରଣ ପରେ, ପରୀକ୍ଷାଗାରକୁ ଆରଏସପି ର ଆର ଏଣ୍ଡ ସି ଲ୍ୟାବ୍ ଦ୍ୱାରା ଏନ ଏ ବି ଆଇ ପ୍ରମାଣପତ୍ର ପାଇଁ ନିଆଯିବ । ଉକ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଅବଧି ଚୁକ୍ତିନାମାର କାର୍ଯ୍ୟକାରୀ ତାରିଖରୁ ୨୫ ମାସ ଅଟେ । ଏହି ପ୍ରକଳ୍ପଟି ରାଞ୍ଚିର ମେସର୍ଷ ସି ଇ ଟିର ପରାମର୍ଶ ସହାୟତାରେ ଆରଏସପି ର ପ୍ରକଳ୍ପ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ ।ଏହି ରଣନୈତିକ ପଦକ୍ଷେପ, ଗୁଣବତ୍ତା, ଗ୍ରାହକ-କେନ୍ଦ୍ରିକତା ଏବଂ ଇସ୍ପାତ ଶିଳ୍ପର ଗତିଶୀଳ ଆବଶ୍ୟକତା ପୂରଣ କରିବା ପାଇଁ ଏହାର ପ୍ରସ୍ତୁତି ଉପରେ ଆର ଏସପି ଲକ୍ଷ୍ୟ ରଖିଛି ।

## ସବଜେଲ୍ ସ୍ଥାନାନ୍ତର ସ୍ଥଗିତ ରଖିବାକୁ ନୀଳଗିରିର ଉଭୟ ଓକିଲସଂଘର ଦାବି




ନୀଳଗିରି , ୦୯/୦୭ (ନି.ପ୍ର): ନୀଳଗିରି ଉପଖଣ୍ଡ ସବଜେଲ ନୀଳଗିରିରୁ ଉଠିଯାଇ ବାଲେଶ୍ୱର ଜେଲ ସହ ମିଶ୍ରଣ ହେବାନେଇ ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ଗତ ଜୁଲାଇ ୭ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଫଳରେ ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡା, ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ବରଗଡ ଜିଲ୍ଲାର ସୋହେଲା ସବଜେଲ ଜିଲ୍ଲାମୁଖ୍ୟ ଜେଲ ସହିତ ସମ୍ମିଶ୍ରଣ ହେବାନେଇ ଅତିରିକ୍ତ ମୁଖ୍ୟ ଶାସନସଚିବ ତରଫରୁ ନିର୍ଦ୍ଦେଶନାମା ପ୍ରକାଶପାଇଛି । ୨୦୧୭ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ୩୦କି.ମି ଦୂରତା ମଧରେ ଥିବା ସବଜେଲ ଗୁଡିକ ଜିଲ୍ଲା ମୁଖ୍ୟଜେଲ ସହିତ ମିଶ୍ରଣ କରାଯିବ । ଏହି ନିର୍ଦ୍ଦେଶନାମା ଜାରି ପରେ ନୀଳଗିରି ର ଉଭୟ ଓକିଲସଂଘ ଏଭଳି ନିଷ୍ପତିକୁ ଗ୍ରହଣ କରିପାରିନାହାନ୍ତି । ଉପଖଣ୍ଡ ବାର ଏସୋସିଏସନ୍ ମଙ୍ଗଳବାର ୧.୩୦ସମୟରେ ସଭାପତି ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକରେ ସବଜେଲ ମିଶ୍ରଣ ନିଷ୍ପତିର ଯଥାର୍ଥତା ନଥିବା କହିବାସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ପୁନର୍ବିଚାର କରି ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଥିବା ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ବୈଠକରେ ଆଇନଜୀବି କିଶୋର ଦାସ , କାର୍ତ୍ତିକ କୁମାର ରାଉତ, ସୂର୍ଯ୍ୟନାରାୟଣ ଦାସ, ଯତିନ୍ଦ୍ରନାଥ ନାୟକ, ଗୌରହରି ବେହେରା ପ୍ରମୁଖ ବହୁ ଆଇନଜୀବି ଉପସ୍ଥିତ ଥିଲେ । ଅନୁରୂପ ଭାବେ ନୀଳଗିରି ଓକିଲସଂଘରେ ମଧ ବୈଠକ କରାଯାଇ ସରକାରଙ୍କ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଭାପତି ତଥା ବରିଷ୍ଠ ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, କିଶୋର ଷଡ଼ଙ୍ଗୀ, ସତ୍ୟଜିତ ମିଶ୍ର, ସୋମନାଥ ନାୟକ, ସୂର୍ଯ୍ୟନାରାୟଣ ଆଇଚ, କରୁଣାକର ସ୍ୱାଇଁ, ପିତାମ୍ବର ଜେନା, ବିଘ୍ନେଶ୍ୱର ବାରିକ ପ୍ରମୁଖ ସାମିଲହୋଇ ଏକ ଲିଖିତ ଅଭିଯୋଗ ଦେବାକୁ ସ୍ଥିର ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାର ପୁନର୍ବିଚାର କରିବାକୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ବରେଇପାଲି ଜଳ ବିଶୋଧନାଗାରକୁ ଜିଲ୍ଲାପାଳଙ୍କ ପରିଦର୍ଶନ

ସମ୍ବଲପୁର, ୦୯/୦୭ (ନି.ପ୍ର): ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁର ବରେଇପାଲି ସ୍ଥିତ ଜଳ ବିଶୋଧନାଗାରର ଉପକେନ୍ଦ୍ର ପରିଦର୍ଶନ କରିଛନ୍ତି । ସେଠାରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରି ସେଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଗତ ୨ ତାରିଖ ଠାରୁ ସହରର କିଛି ଅଞ୍ଚଳରେ ପାଇପ୍ ପାଣି ଗୋଳିଆ ଆସୁଥିବା ନେଇ ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ କେତେକ ସ୍ଥାନରେ ଯୋଗାଣ ପାଇପ୍ ପାଣି ଆସୁନଥିବା ଅଭିଯୋଗ ହୋଇଥିଲା । ଉପରମୁଣ୍ଡରେ ବର୍ଷା ଓ ଜଳପତନ ବୃଦ୍ଧି ନେଇ ଚଳିତ ମାସ ୬ ତାରିଖରେ ହୀରାକୁଦରୁ ପ୍ରଥମ ବନ୍ୟା ପାଣି ଛଡାଯାଇଥିଲା । ମାତ୍ର ସହରରେ ପାନୀୟ ଜଳର ଅଭାବ ଓ ସମସ୍ୟା ନେଇ ୬ ଓ ୭ ତାରିଖରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜନସ୍ୱାସ୍ଥ୍ୟ ବିଭାଗକୁ ଏକାଧିକ ଅଭିଯୋଗ ପତ୍ରରେ ଅବଗତ କରାଯାଇଥିଲା । ଯାହାକୁ ନେଇ ଆଜି ବରେହିପାଲି ସ୍ଥିତ ସହରର ବୃହତ୍ ଜଳ ବିଶୋଧନାଗାରର ଉପକେନ୍ଦ୍ରକୁ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ଅନୁଧ୍ୟାନ କରିଛନ୍ତି ।

**ଧାରାବାହିକ:** ଭାଗ-୭

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଏହି ସମୟରେ ସୁଦାମ, ସୁବଳ ଆଦି ଆସି କହିଲେ ଭାଇ ବଳରାମ, ଅଦୂରରେ ଯେଉଁ ତାଳବଣ ଅଛି ସେଥିରେ ସୁପକ୍ୱ ରସପୂର୍ଣ୍ଣ ତାଳ ଫଳିଛି । ପୂର୍ବେ ଆମେ ସେ ଫଳ ଖାଇଛୁ ମାତ୍ର ଏବେ ଧେନୁକା ନାମକ ଜଣେ ମହା ବଳଶାଳୀ ରାକ୍ଷସ ତା ଅନୁଚରଙ୍କ ସହ ରହୁଥିବାରୁ ସେଠାରୁ ଫଳ ଆଣିହେଉନାହିଁ । ତୁମେ ତ ମହାବଳବାନ, ଯଦି ଆମକୁ ଭରସା ହୁଅନ୍ତ ଆମେ ସେଠାରୁ କିଛି ଫଳ ଆଣି ଖାଆନ୍ତୁ । ବଳରାମ ତତ୍‌କ୍ଷଣାତ ଉଠି ପିଲାମାନଙ୍କୁ ମାର୍ଗ ଦେଖାଇବାକୁ କହି ତାଙ୍କ ପଛେ ପଛେ ଚାଲିଲେ । ପିଲାମାନେ ସିଧା ତାଳବଣରେ ପହଞ୍ଚି ବୃକ୍ଷକୁ ଦୋହଲାଇବାରୁ ତାଳ ସବୁ ତଳେ ପଡିଲା । ଏହି ଶବ୍ଦ ଶୁଣି ଧେନୁକା କ୍ରୋଧିତ ହୋଇ ଘଡଘଡି ଶବ୍ଦ କରି ସେଠାରେ ଉପସ୍ଥିତ ହୋଇ ଦେଖିଲା ବଳରାମ ବୃକ୍ଷ ଦୋହଲାଉଛନ୍ତି ଏଣୁ କ୍ରୋଧରେ ତାଙ୍କୁ ଖୁବ ଜୋରରେ ପଦାଘାତ କଲା । ବଳରାମ କୌଶଳରେ ଧେନୁକାର ପାଦ ଦୁଇଟିକୁ ଧରିନେଇ ତାକୁ ବୁଲାଇ ବୁଲାଇ ଗଛରେ ପିଟି ଦେବାରୁ ତା ମୁଣ୍ଡଫାଟି ମୃତ୍ୟୁ ହେଲା । ଧେନୁକା ମରିଯିବାରୁ ତା ଅନୁଚରମାନେ ବଳରାମଙ୍କୁ ଆକ୍ରମଣ କଲେ ମାତ୍ର ବଳରାମ ଜଣକୁ ଅନ୍ୟ ଜଣ ଉପରେ ପିଟି ଉଭୟଙ୍କୁ ବିନାଶ କରିବାରୁ ଦେବତାମାନେ ଆନନ୍ଦରେ ପୁଷ୍ପ ବୃଷ୍ଟିକଲେ ଏବଂ ସାଥୀ ପିଲାମାନେ ନୃତ୍ୟ କରିବା ସହ ତାଳ ଫଳ ଖାଇଲେ ଓ କିଛି ଘରକୁ ନେଇଆସିଲେ । ପରଦିନ ମଧ ଗାଈ ଚରାଇବାକୁ ସାଥୀପିଲାମାନଙ୍କ ସହ ଯାଇ କୃଷ୍ଣବଳରାମ ଗଲେ । ତୃଷା କାରଣରୁ କାଳନ୍ଦୀ ହ୍ରଦରେ ଗୋପାଳମାନେ ପାଣି ପିଇଲେ ଓ ଧେନୁ ଓ ବତ୍ସାଙ୍କୁ ଜଳପାନ କରାଇଲେ । ମାତ୍ର ଜଳପାନ କରିବା ପରେ ପରେ ସମସ୍ତ ସେଠାରେ ମରି ଶୋଇଗଲେ । କୃଷ୍ଣବଳରାମ ଅଦୂରରେ ଥିଲେ, ହ୍ରଦ ନିକଟକୁ ଯାଇ ଏହି ମର୍ମନ୍ତୁଦ ଘଟଣା ଦେଖି ସ୍ତମ୍ଭୀଭୂତ ହୋଇଗଲେ । ଶ୍ରୀକୃଷ୍ଣଙ୍କ ହଠାତ୍ ସ୍ମରଣ ହେଲା ଯେ ପକ୍ଷୀରାଜ ଗରୁଡ ଭୟରେ କାଳୀୟ ନାଗ ଏହି ହ୍ରଦରେ ବାସ କରୁଛି । ତାହାରି ବିଷରେ ଏଭଳି ହୋଇଛି । ଅତୀତରେ ଏହି ବିଷ ନିମନ୍ତେ କେତେ ମରିସାରିବେଣି ଏଣୁ ଏ କାଳୀୟର ଦର୍ପ ଭାଙ୍ଗିବାକୁ ହେବ ବିଚାର କରି ଶ୍ରୀକୃଷ୍ଣ ଗୋପବାଳକ ସହ ଧେନୁ ଓ ବତ୍ସାଙ୍କୁ ଅମୃତ ନୟନରେ ଚାହିଁବାରୁ ସେମାନେ ପୁନର୍ଜୀବନ ପ୍ରାପ୍ତ ହେଲେ ।

### ୧୬ଶ ଅଧ୍ୟାୟ, କାଳୀୟ ନାଗ ପ୍ରତି କୃପା

ଶ୍ରୀ ଶୁକଦେବ କହିଲେ ହେ ରାଜା, ଶ୍ରୀହରି ଚରିତ ଶୁଣିବାକୁ ତୁମର ଆଗ୍ରହ ଦେଖି ମୁଁ ମଧ କହିବାକୁ ଉତ୍ସାହିତ ହେଉଛି । ଭଗବାନ ଶ୍ରୀକୃଷ୍ଣ ଦ୍ୱିତୀୟବାର ଗୋପବାଳକ ଓ ଧେନୁବତ୍ସାଙ୍କୁ ଜୀବନ ଦାନ କରିବାପରେ ସେମାନଙ୍କୁ ସାଥୀରେ ଧରି ଯାଇ କାଳନ୍ଦୀ ହ୍ରଦରେ ପହଞ୍ଚି ସମସ୍ତଙ୍କୁ ଜଳପାନ କରିବାକୁ ନିଷେଧ କରି ସେହି ତଟସ୍ଥ ଏକ କଦମ୍ବ ବୃକ୍ଷରେ ଚଢି କାଳନ୍ଦୀ ହ୍ରଦର ବିଷାକ୍ତ ଜଳରାଶିକୁ ଦେଖିଲେ । ସେହି ହ୍ରଦରୁ ଉଠୁଥିବା ବିଷାକ୍ତ ବାଷ୍ପରୁ ପକ୍ଷୀମାନେ ମଧ ଉଡିନପାରି ମରି ଖସି ପଡୁଥିଲେ । କିଛି ସମୟ ସେହି ଜଳକୁ ଲକ୍ଷ୍ୟ କରି କୃଷ୍ଣ ନିଜ ସାଥୀମାନଙ୍କ ଆଗରେ ବାହାସ୍ଫୋଟ ମାରି ଜଳ ମଧକୁ ଡେଇଁପଡିଲେ । କୃଷ୍ଣଙ୍କୁ ନିଜ ସୀମା ଭିତରେ ପାଇ ତାଙ୍କର ଦେବଦୁର୍ଲ୍ଲଭ ରୂପକୁ ଧାନ କରିବା ପରିବର୍ତ୍ତେ ଶତ୍ରୁ ଭାବାପନ୍ନ କାଳୀୟ କ୍ରୋଧରେ ଅନ୍ଧ ହୋଇ କୃଷ୍ଣଙ୍କ ପାଦରେ ଦଂଶନ କରିବା ସହ ତାଙ୍କୁ ଭିଡିଧରି ଚଳତଶକ୍ତି ହୀନ କରିଦେଲା । ଗୋପବାଳକମାନେ ଏହି ନିଦାରୁଣ ଦୃଶ୍ୟ ଦେଖି କ୍ରନ୍ଦନ କରିବାରୁ ଧେନୁବତ୍ସାଦି ମଧ କ୍ରନ୍ଦନ କଲେ । ବାଳକମାନେ ଏହି ସମ୍ବାଦ ଯାଇ ଗୋପପୁରରେ କହିବାରୁ ସମସ୍ତେ ଦୌଡିଆସିଲେ ଏବଂ ଆତ୍ୟନ୍ତିକ ଦୁଃଖରୁ ମୂର୍ଚ୍ଛାଗଲେ । ଗୋପୀମାନେ କୃଷ୍ଣଙ୍କ ଗୁଣ ସ୍ମରଣ କରି ବାହୁନି ବାହୁନି କାନ୍ଦିବାକୁ ଲାଗିଲେ । ମାତ୍ର ବଳରାମ ସର୍ବଜ୍ଞାତା କାରଣରୁ ସମସ୍ତଙ୍କୁ ବୁଝାଇବାକୁ ପ୍ରୟାସ କରୁଥିଲେ । କାଳୀୟ ବନ୍ଧନରେ ନିଶ୍ଚଳ ପଡିଥିବା ମାୟାଧର ନିଜ ପ୍ରିୟଙ୍କ ଦୁଃଖ ଆଉ ସହ୍ୟ କରିନପାରି ମାୟା ରଚିବା ଆରମ୍ଭ କଲେ । ସେ ନିଜ ଶରୀରକୁ ବିସ୍ତାର କରିବାରୁ କାଳୀୟ ଆଉ ଧରି ରଖିବାକୁ ସମର୍ଥ ନହୋଇ ତାଙ୍କୁ ଛାଡଦେଇ ଅନତି ଦୂରରେ ସହସ୍ର ଫଣା ଟେକି ଗର୍ଜନ କରିବାକୁ ଲାଗିଲା । ହଠାତ୍ ମାୟାଧର ନିଜ ମାୟା କରି ଅନ୍ତର୍ଦ୍ଧାନ ହୋଇଯିବାରୁ କାଳୀୟ ତାଙ୍କୁ ଖୋଜୁଥିବା ସମୟରେ ପୁଣି ତା ସମ୍ମୁଖରେ ପ୍ରକଟ ହୋଇ ତା ଫଣା ଉପରକୁ ଲମ୍ଫ ପ୍ରଦାନ କରି ଆନ୍ଦରେ ନୃତ୍ୟ କରିବାକୁ ଲାଗିଲେ । କାଳୀୟ ମସ୍ତକର ମଣି ସହ ଭଗବାନଙ୍କର ରଙ୍ଗା ଚରଣର ଅପୂର୍ବ ସମନ୍ୱୟ ଫଳରେ ସେହି ନୀଳ ଜଳରାଶି ଅପୂର୍ବ ଶ୍ରୀ ଧାରଣ କଲା । ଭଗବାନ ତ୍ରିଭଙ୍ଗୀ ଠାଣିରେ ନୃତ୍ୟ କରୁ କରୁ ଜଳ ଉପରକୁ ଆସି ସାଥୀମାନଙ୍କୁ ଲକ୍ଷ୍ୟକରି ନୃତ୍ୟ କରିବାରୁ ସାଥୀମାନେ ମଧ ତାଳି ବଜାଇ ନୃତ୍ୟ ଆରମ୍ଭ କରିଦେଲେ । ଗନ୍ଧର୍ବଗଣ ମୃଦଙ୍ଗ ବଜାଇ ଗୀତ ଗାଇ ନୃତ୍ୟରତ ହେଲେ । କାଳୀୟ ନିଜ ମସ୍ତକ ଉପରେ ଏଭଳି ଗୁରୁଭାର ବହନ କରିବାକୁ ଅସମର୍ଥ ହେଲା । କ୍ରମେ ତାର ପ୍ରାଣ କଣ୍ଠାଗ୍ରତ ହେବାରୁ ସେ ଗରଳ ପରିବର୍ତ୍ତେ ରୁଧିର ନିର୍ଗତ ହେଲା । କାଳୀୟର ଜ୍ଞାନୋଦୟ ହେବାରୁ ସେ ଜାଣିପାରିଲା ତା ଉପରେ ସ୍ୱୟଂ ଭଗବାନ ନୃତ୍ୟ କରୁଛନ୍ତି । ସେ ଶତ୍ରୁଭାବ ପରିହାର କରି ଭକ୍ତିଭାବର ଆଶ୍ରୟ ନେଇ ଶରଣାପନ୍ନ ହେବାରୁ ଭଗବାନ ତା ମନର କଥା ଜାଣି ଫୁଲପରି ଉଶ୍ୱାସ ହୋଇଗଲେ । କାଳୀୟର ଏକଶତ ପତ୍ନୀ ଓ ସନ୍ତାନଗଣ ଅର୍ଘ୍ୟଥାଳୀ ସହ ଭଗବାନଙ୍କର ଚରଣ ବନ୍ଦନା ଓ ସ୍ତୁତି କଲେ । ସେମାନେ ଭେଦଭାବ ରହିତ ଭଗବାନଙ୍କ ସ୍ତୁତି କରିବା ସହ କାଳୀୟର ପୂର୍ବ ଜନ୍ମ ସୁକୃତ ସ୍ୱରୂପ ଭଗବାନଙ୍କୁ ମସ୍ତକରେ ଧାରଣ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଯେଉଁ ପଦରଜ ପାଇବାକୁ ଦେବତାମାନେ ମଧ ଅକ୍ଷମ ତାହାକୁ ମସ୍ତକରେ ଧାରଣ କଲା । କ୍ଷମାସାଗର ଭଗବାନଙ୍କୁ ସେମାନେ ନିଜ ସ୍ୱାମୀ, ପିତାର ଜୀବନ ଦାନ ଦେବାକୁ ସ୍ତୁତି କରିବାରୁ ଭଗବାନ ଶାନ୍ତ ମୂର୍ତ୍ତି ଧାରଣ କଲେ ଓ କାଳୀୟର ଜୀବନ ରକ୍ଷା କଲେ । କାଳୀୟ ଭଗବାନଙ୍କ ଚରଣ ବନ୍ଦନା କରି କହିଲା ପ୍ରଭୁ ମୋତେ ତ ସର୍ପର ଜନ୍ମ ଦେଲ, ସ୍ୱଭାବ କେମିତି ଛାଡିବି ? ମୁଁ ବା କିପରି ତୁମ ମାୟାବୁଝିବି ? ମୋ ଅପରାଧ କ୍ଷମା କରି ଯେଉଁ ଦଣ୍ଡ ଦେବ ତାହା ଗ୍ରହଣ କରିବି । କ୍ଷମାସାଗର ଭଗବାନ ସର୍ପର ବ୍ୟାକୁଳ ଭାବ ଦେଖି ତାକୁ ଆଜ୍ଞାଦେଲେ ଏଠାରୁ ଚାଲିଯାଇ ସମୁଦ୍ରରେ ବାସ କରିବାକୁ । ତା ମୁଣ୍ଡରେ ଥିବା ଭଗବାନଙ୍କ ଚରଣ ଚିହ୍ନ ଦେଖି ଗରୁଡ ତାକୁ ଆଘାତ କରିବ ନାହିଁ । ଏହି ହ୍ରଦର ଜଳ ଆଜିଠାରୁ ଅମୃତ ତୁଲ୍ୟ ହେବା । ଏହାକୁ ପାନ କରି ଆନନ୍ଦରେ ତୃଷା ନିବାରଣ ହେବା ଏହି ପ୍ରସଙ୍ଗ ଯେଉଁମାନେ ସ୍ମରଣ କରିବେ ସେମାନଙ୍କୁ ସର୍ପାଘାତ ହେବନାହିଁ ।

### ୧୭ଶ ଅଧ୍ୟାୟ, କାଳୀୟ ନାଗ କାଳୀୟ ହ୍ରଦକୁ ଆସିବା କାରଣ ତଥା ଭଗବାନଙ୍କ ଦାବାଗ୍ନି ଭକ୍ଷଣ ଓ ଗୋପ ମୋକ୍ଷଣ

ରାଜା ପରୀକ୍ଷିତ କାଳୀୟର ପୂର୍ବ ଜନ୍ମ ବୃତ୍ତାନ୍ତ ଜାଣିବାକୁ ଚାହିଁବାରୁ ଶ୍ରୀଶୁକଦେବ କହିଲେ, ବ୍ରହ୍ମା ସୃଷ୍ଟି ରଚନା କରିବା ସମୟରେ କାଳୀୟ ଆଦି ସମସ୍ତ ନାଗଙ୍କୁ ରମ୍ୟକ ଦ୍ୱୀପରେ ସ୍ଥାନ ଦେଇଥିଲେ । କାଳକ୍ରମେ ଗରୁଡ ସର୍ପମାନଙ୍କୁ ଯଦୃଚ୍ଛା ଭକ୍ଷଣ କରିବାରୁ ସର୍ପଗଣ ଗରୁଡଙ୍କୁ ବୃକ୍ଷମୂଳରେ ପୂଜା କରି ପ୍ରତିମାସରେ ପାଳିକରି ବଳିଭୋଜ୍ୟ ଅର୍ପଣ କଲେ । ବଳିଭୋଜ୍ୟ ପାଇ ଗରୁଡ ସେମାନଙ୍କ ଉପରେ ଆକ୍ରମଣ କଲେ ନାହିଁ । ଏହିପରି କାଳକ୍ରମେ କଦ୍ରୁ ନୟନ କାଳୀୟର ପାଳି ପଡିଲା । ସେ ଗର୍ବୋନ୍ମତ୍ତ ହୋଇ ବୃକ୍ଷମୂଳରେ ଗରୁଡଙ୍କ ଉଦ୍ଦେଶ୍ୟରେ ଥିବା ବଳିଭୋଜ୍ୟକୁ ନିଜେ ଭକ୍ଷଣ କଲା । ଏହି ସମୟରେ ଗରୁଡ ପହଞ୍ଚିଯିବାରୁ ତାଙ୍କ ସହ ଯୁଦ୍ଧକରି ପରାସ୍ତ ହେଲା । ଗରୁଡଙ୍କ ପକ୍ଷାଘାତରେ ସେ ମୂର୍ଚ୍ଛାଗଲା ଓ ପରେ ଚେତା ପାଇ ନିଜ ପରିବାର ସହ ରମ୍ୟକ ଦ୍ୱୀପ ତ୍ୟାଗକଲା କାରଣ ପୂର୍ବେ ଏହି ହ୍ରଦ ତଟରେ ଶୌଭରୀ ନାମକ ଋଷି ତପସ୍ୟା କରୁଥିଲେ । ମତ୍ସ୍ୟମାନେ ମୁନିଙ୍କ ଉଦାସୀନତାରେ ସେଠାରେ କ୍ରୀଡା କରନ୍ତି । ଥରେ ମତ୍ସ୍ୟରାଜ ରୋହିତ ସେଠାରେ କ୍ରୀଡା କରୁଥିବା ସମୟରେ ଗରୁଡ ଆକାଶମାର୍ଗରୁ ଦେଖି ଆକ୍ରମଣ କରନ୍ତେ ମୁନି ବିରୋଧ କଲେ ମାତ୍ର ଗରୁଡ କିଛି ନଶୁଣି ରୋହିତକୁ ଗିଳି ପକାଇବାରୁ ମୁନି ଅଭିଶାପ ଦେଲେ ଯଦି ପୁନର୍ବାର ଗରୁଡ ଏହି ହ୍ରଦକୁ ଆସେ ତାହାଲେ ସେ ଭସ୍ମ ହୋଇଯିବ । କାଳୀୟ ଏହିକଥା ଜାଣିଥିବାରୁ ରମ୍ୟକ ଦ୍ୱୀପରୁ ଆସି ଏଠାରେ ଆଶ୍ରୟ ନେଇଥିଲା । ଭଗବାନ ଶ୍ରୀକୃଷ୍ଣ କାଳୀୟ ଗର୍ବ ଗଞ୍ଜନ କରି ଉପରକୁ ଆସିବାରୁ ବଳରାମ ତାଙ୍କୁ ଆଲିଙ୍ଗନ କଲେ । ନନ୍ଦ ଯଶୋଦା କୋଳାଗ୍ରତ କରି ଚୁମ୍ବନ ଦେଲେ ଏବଂ ଗୋପବାଳକମାନେ ନୃତ୍ୟକଲେ । ବିପ୍ରଗଣ ଏହି ଅଦଭୁତ ବାଳକ ଦୈବୀଆଶିଷ ନେଇ ଜନ୍ମ ନେଇଥିବାରୁ ଏହାର କେହି କିଛି କ୍ଷତି କରିପାରିବେନି ବୋଲି ନନ୍ଦଙ୍କୁ କହି କୃଷ୍ଣଙ୍କୁ ଆଶୀର୍ବାଦ ଦେଇ ଫେରିଗଲେ । ପରଦିନ କୃଷ୍ଣ ବଳରାମ ଗୋଧନ ଚରାଇବାକୁ ଆସି ସାଥୀମାନଙ୍କ ସହ ବୃନ୍ଦାବନସ୍ଥ ଯମୁନାନଦୀ ତଟସ୍ଥ ରାତ୍ରି ଯାପନ କଲେ । ହଠାତ୍ ରାତ୍ରର ଅର୍ଦ୍ଧ ସମୟରେ ଦାବାଗ୍ନି ପ୍ରଜ୍ୱଳିତ ହୋଇ ଉଠିଲା ଓ ବାଳକମାନଙ୍କ ଚତୁର୍ଦ୍ଦିଗରେ ଘେରିଗଲା । ମୃତ୍ୟୁ ଆସନ୍ନ ଦେଖି ପିଲାମାନେ କାନ୍ଦିବାକୁ ଲାଗିଲେ ଓ କୃଷ୍ଣଙ୍କୁ ଡାକ ପକାଇବାରୁ ଶ୍ରୀକୃଷ୍ଣ ନିଜ ମାୟାବଳରେ ଦାବାଗ୍ନିକୁ ଭକ୍ଷଣ କଲେ । ମାୟାମେଘ ଉଠାଇ ସମ୍ପୂର୍ଣ୍ଣ ଭାବରେ ଦାବାଗ୍ନିକୁ ନିର୍ବାପିତ କଲା । ପରଦିନ ଗୋପବାଳକମାନେ ଧେନୁବତ୍ସା ସହ ଆନନ୍ଦରେ ଗୋପପୁରକୁ ପ୍ରତ୍ୟାବର୍ତ୍ତନ କଲେ।

### ୧୫ଶ ଅଧ୍ୟାୟ, ଧେନୁକାସୁର ଉଦ୍ଧାର ଓ ଗୋପବାଳକମାନଙ୍କୁ କାଳୀୟ ବିଷରୁ ବଞ୍ଚାଇବା

ଶ୍ରୀକୃଷ୍ଣ ବଳରାମ ଟିକିଏ ବଡ ହୋଇଯିବାପରେ ସାଥୀମାନଙ୍କ ସହ ବତ୍ସା ସହିତ ଧେନୁମାନଙ୍କୁ ନେଇ ବନକୁ ଚରାଇ ନେଲେ ଏବଂ ନାନା ପ୍ରକାର କ୍ରୀଡା କଲେ । ବନଦେବୀର ସୌନ୍ଦର୍ଯ୍ୟରେ ସମସ୍ତେ ଏଭଳି କ୍ରୀଡାରେ ବ୍ୟସ୍ତ ହୋଇଗଲେ ଯେ କ୍ଷୁଧା ତୃଷା କଥା ଭୁଲିଗଲେ । ବନ ଭ୍ରମଣ ସମୟରେ ଫଳ, ପୁଷ୍ପ, ତରୁ ତୃଣାଦି ବଳରାମଙ୍କ ଚରଣ ସ୍ପର୍ଶ କରୁଥିବାର ଦେଖି ଶ୍ରୀକୃଷ୍ଣ କହିଲେ ହେ ଅଗ୍ରଜ, ଏ ସବୁ ବୋଧେ ସ୍ଥାବର ଜନ୍ମରୁ ମୁକ୍ତି ନିମନ୍ତେ ତୁମର ଚରଣରେ ପ୍ରଣାମ କରୁଛନ୍ତି । ନଦୀ, ନିର୍ଝର, ପଶୁପକ୍ଷୀମାନେ ଯେମିତି ତୁମ ଛଦ୍ମରୂପ ଜାଣି ସାଧୁଙ୍କ ଭଳି ମୁହଁକୁ ଚାହିଁ ଭଜନ ଗାନ କରିବା ସହ ଏହି ତୀର୍ଯ୍ୟକ ଜନ୍ମରୁ ମୁକ୍ତି ନିମନ୍ତେ ପ୍ରାର୍ଥନା କରୁଛନ୍ତି । ମଧାହ୍ନ ହେବାରୁ ବଳରାମଙ୍କ କ୍ଳାନ୍ତି ଦେଖି କୃଷ୍ଣ ସ୍ୱହସ୍ତରେ ତାଙ୍କ ନିମନ୍ତେ କୋମଳ ପଲ୍ଲବରେ ଶଯ୍ୟା ରଚନା କରି ତହିଁ ଉପରେ ଶୁଆଇ ଧୀରେ ଧୀରେ ତାଙ୍କର ଚରଣ ମଞ୍ଚାଳିଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

---

**ସମ୍ପର୍କର ରିଙ୍ଗ**

# ମୃତ୍ୟୁ ପାଇଁ ଦୁଃଖ କାହିଁକି ?



ଶ୍ୱେତା ରାଉତ୍

ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ବହୁତ ଭକ୍ତି କରୁଥିଲା । ସାରା ଜୀବନ ପ୍ରଭୁଙ୍କ ଭକ୍ତିରେ କଟିଗଲା । ଶେଷ ସମୟ ଆସିବାରୁ ଯମଦୂତମାନେ ନେଇ ଯିବାକୁ ଆସିଲେ । ବ୍ୟକ୍ତିଟି ଯିବାକୁ ରାଜି ନହୋଇ ଈଶ୍ୱରଙ୍କୁ ଡାକିଲା । ତାର ସେବା, ସତସଙ୍ଗ, ନମ୍ରଭାବ, ପରୋପକାର ଆଚରଣ ଦେଖି ଈଶ୍ୱର ପ୍ରୀତ ହୋଇ ଦର୍ଶନ ଦେଲେ ଓ ତାକୁ ବର ମାଗିବାକୁ କହିଲେ । ବ୍ୟକ୍ତି ଜଣକ ଈଶ୍ୱରଙ୍କୁ ସମ୍ମୁଖରେ ଦେଖି ଆନନ୍ଦରେ ଅଶ୍ରୁ ବିଗଳିତ ନେତ୍ରରେ ଚାହିଁ ସାଷ୍ଟାଙ୍ଗ ପ୍ରଣିପାତ କଲା ଓ କହିଲା 'ପ୍ରଭୁ ମୋର ସାରା ଜୀବନ ଗରିବରେ କଟିଛି, ମୁଁ ଜୀବନର ଆନନ୍ଦ କଣ ଜାଣିପାରିଲି ନାହିଁ, ମୋତେ ଏମିତି ବରଦାନ ଦିଅନ୍ତୁ ମୁଁ ଦଶ ପିଢ଼ିଯାଏ ବଞ୍ଚିଥିବି ଓ ଦୁନିଆକୁ ଭଲଭାବେ ଭୋଗ କରିପାରିବି' । ଈଶ୍ୱର କହିଲେ 'ଭାବିଚିନ୍ତି କହ, ପରେ ମୁଁ ଆଉ ଶୁଣିବିନି' ।

ଲୋକଟି ମୁଣ୍ଡ ହଲାଇ ଦଶ ପିଢ଼ି ଯାଏ ବଞ୍ଚିବ ବୋଲି ଅନୁରୋଧ କଲା । ଈଶ୍ୱର ଯାହା ତୋର ଇଛା କହି ପ୍ରସ୍ଥାନ କଲେ ।

ବୁଢା ହେବାଯାଏ ଲୋକଟି ମହା ଆନନ୍ଦରେ ରହିଲା । ତା ପରେ ଶରୀର ଦୁର୍ବଳ ହେବାକୁ ଲାଗିଲା, କିନ୍ତୁ ମୃତ୍ୟୁ ହେଲା ନାହିଁ । ପିଢ଼ି ପରେ ପିଢ଼ି ଚାଲି ଯାଉଥାଏ, ବୁଢ଼ା ଲୋକଟି ଆଖି ଆଗରେ ପୁଅ ଚାଲିଗଲା, ନାତି ଚାଲିଗଲା, ଅଣନାତି ବି ୧୦୦ ବର୍ଷ ବଞ୍ଚି ସେ ବି ଚାଲିଗଲା, ବୁଢା ଲୋକଟି ସେମିତି ବଞ୍ଚିଥାଏ । ତା ଆଖି ଆଗରେ ସମସ୍ତଙ୍କୁ ହରାଇବାର ଦୁଃଖରେ ଆଉ ବଞ୍ଚିବାକୁ ଇଚ୍ଛା ନଥାଏ, କିନ୍ତୁ ସେ ମରି ପାରିବ ନାହିଁ ବୋଲି ବରଦାନ ଥିଲା । ବୁଢା ଲୋକଟି ଦେଖିଲା ତାର ସାଙ୍ଗ ସାଥି, ପଡୋଶୀ, ଗାଁ ଭାଇ ସାହିରୁ ସମସ୍ତେ କୁଆଡେ ମରି ହଜି ଗଲେଣି । ମହାମାରୀରେ ଗାଁରୁ ଅଧରୁ ଅଧିକ ଚାଲିଗଲେଣି । ନୂଆ ପିଢ଼ି ପରେ ପିଢ଼ି ବଦଳୁ ଥିବା ଲୋକମାନେ ଆଉ ବୁଢ଼ା ଲୋକଟିକୁ ଭଲ ଲାଗୁନଥାନ୍ତି, ପରିବାରରେ ସମସ୍ତଙ୍କ ପାଇଁ ସେ ବୋଝ ପାଲଟି ଯାଇଥାଏ । ଏବେ ବୁଢ଼ା ଲୋକଟି ମୃତ୍ୟୁ ଚାହୁଁଥାଏ, ଯାହା ତାକୁ ମିଳିପାରିବ ନାହିଁ ।

ସେ ଈଶ୍ୱରଙ୍କୁ ଗୁହାରି କଲା 'ପ୍ରଭୁ ଏ ଜୀବନ ମୋର ଆଉ ଦରକାର ନାହିଁ, ମୁଁ ଆଖି ଆଗରେ ପୁଅ, ନାତି, ପରିବାର ସମସ୍ତଙ୍କୁ ହରାଇ ମୁଁ ପ୍ରତିକ୍ଷଣ ମରୁଛି । ଏ କଷ୍ଟ ସମ୍ଭାଳି ପାରୁନାହିଁ । ଏବେ ମୋତେ ନେଇଯାଅ । ବୁଢା ଲୋକଟି ଈଶ୍ୱରଙ୍କ ଗୁହାରି କରୁଥିବା ବେଳେ ତା ବଂଶର ଶେଷ ସନ୍ତକ ଥିବା ପିଲାଟିଏ ଆଖି ବୁଜି ଦେଲା । ଏବେ ସେ କାହା ପାଇଁ ବଞ୍ଚିବ, କି ଆନନ୍ଦ ପାଇବ ଜୀବନରେ ! କାହିଁକି ମାଗିଲା ଏତେ ଲମ୍ବା ଆୟୁଷ ? ପଶ୍ଚାତାପରେ ଭୂମି ଉପରେ ମଥା ପିଟି ପିଟି ଯେତେ କାନ୍ଦିଲା ବୁଢ଼ା ଲୋକଟି ଈଶ୍ୱର ଶୁଣିଲେ ନାହିଁ । ଜୀବନ ବଞ୍ଚିବାର ଲୋଭ ହିଁ ମୃତ୍ୟୁଠାରୁ ବି ଅଧିକ ଯନ୍ତ୍ରଣା ଦେଉଥିଲା ତାକୁ । ଦଶ ପିଢ଼ି ଯାଏ ଛଟପଟ ହୋଇ ବୁଢ଼ା ଲୋକଟି ଦେହତ୍ୟାଗ କଲା ।

ସତରେ ଜୀବନ ଭଳି ମୃତ୍ୟୁ ବି କେତେ ଜରୁରୀ । ମୃତ୍ୟୁ ଜୀବନର ଶେଷ ନୁହେଁ, ଆଉ ଗୋଟେ ଜୀବନର ଆରମ୍ଭ । ଈଶ୍ୱର ଯଦି ମୃତ୍ୟୁ ରଖିନଥାନ୍ତେ, ହୁଏତ ଆମ ସମସ୍ତଙ୍କ ଜୀବନ ଏହି ବୃଦ୍ଧ ବ୍ୟକ୍ତିଙ୍କ ଭଳି ହୋଇଥାନ୍ତା । ତେଣୁ ଈଶ୍ୱରଙ୍କ ଏହି ପ୍ରାୟୋଜିତ ବିଧାନକୁ ଆମେ ସମ୍ମାନ ଜଣାଇ ଯେତିକି ଦିନ ପାଇଁ ଆସିଛନ୍ତି, ପ୍ରଭୁଙ୍କ ପ୍ରତିନିଧି ଭାବେ କର୍ତ୍ତବ୍ୟପଥରେ ଆଗେଇଯିବା ଉଚିତ୍ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

---

# ଗୁରୁପୂଜା ପରମ୍ପରାରେ ବ୍ୟାସ ପୂର୍ଣ୍ଣିମା

ଡ଼ଃ.ଅରୁନ୍ଧତୀ ଦେବୀ



ଗୁରୁପୂଜା ପରମ୍ପରା ମୁଖ୍ୟତଃ ଗୁରୁଙ୍କ ପୂଜା କରିବା ଓ ଭକ୍ତି ପ୍ରଦାନ ଦିଗରେ ଉତ୍ସର୍ଗୀକୃତ । ଏହି ସଂସ୍କୃତ ଶବ୍ଦ ଗୁରୁ ଶବ୍ଦଟିର ଦୁଇଟି ଅକ୍ଷରର ଅର୍ଥ ବିଶେଷ ଗୁରୁତ୍ୱ ବହନ କରେ । 'ଗୁ'ର ଅର୍ଥ ଅଜ୍ଞାନ ବା ଅନ୍ଧକାର । ଆଉ 'ରୁ' ଅର୍ଥ ଲିଭେଇଦେବା ବା ଦୂରେଇ ଦେବା । ଅର୍ଥାତ୍ ଅଜ୍ଞାନ ବା ଅନ୍ଧକାରକୁ ଯିଏ ଦୂରେଇ ଦିଅନ୍ତି ସେ ଗୁରୁ ପଦବାଚ୍ୟ । ଗୁରୁ ପୂର୍ଣ୍ଣିମା ବା ବ୍ୟସା ପୂର୍ଣ୍ଣିମା ଆଷାଢ଼ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ । ମୁଖ୍ୟତଃ ହିନ୍ଦୁ, ବୌଦ୍ଧ ଓ ଜନୈନ ଧର୍ମାବଲମ୍ବୀମାନେ ଏହି ପର୍ବଟିକୁ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି । ଭାରତ ବ୍ୟତୀତ ନେପାଳରେ ମଧ ଏହି ପର୍ବଟିର ପାଳନ ପରମ୍ପରା ରହିଛି । ଉତ୍ତର ପ୍ରଦେଶରେ ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ପାଇଁ ଏହି ପର୍ବ ପାଳନ କରିଥାନ୍ତି । ଯୋଗୀ ପରମ୍ପରା ଅନୁଯାୟୀ ଭଗବାନ ଶିବ ହେଉଛନ୍ତି ପ୍ରଥମ ଗୁରୁ । ତେଣୁ ଯୋଗୀମାନେ ଶିବଙ୍କୁ ଆଦିଗୁରୁ ଭାବେ ପୂଜା କରିଥାନ୍ତି । କିନ୍ତୁ ହିନ୍ଦୁ ଋଷି, ସାଧୁ, ସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବରେ ପୂଜା କରିଥାନ୍ତି । ବ୍ୟାସଦେବଙ୍କ ଆଲୋକ ବର୍ତ୍ତିକାରେ ସପ୍ତଋଷିଗଣ ସୃଷ୍ଟି ହୋଇଥିଲେ । ତେଣୁ ହିନ୍ଦୁମାନେ ବ୍ୟାସଦେବଙ୍କୁ ମହାନ ଗୁରୁ ଭାବରେ ପୂଜା କରନ୍ତି । ପ୍ରାଚୀନ କାଳରୁ ଏହି ଗୁରୁ ଶିଷ୍ୟ ପରମ୍ପରା ଚାଲିଆସୁଛି । ଏହି ଦିନଟିରେ ଗୁରୁ ଶିଷ୍ୟମାନଙ୍କ ମଧରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟିହୁଏ ।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ମହାଭାରତ ରଚୟିତା ବ୍ୟାସଦେବ ଋଷି ପରାଶର ଏବଂଧୀବର କନ୍ୟା ସତ୍ୟବତୀଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣି ତିଥିରେ ଜନ୍ମ ଗ୍ରହଣ କରିଥିଲେ । ତେଣୁ ଏହି ଦିନଟିକୁ ବ୍ୟାସ ପୂର୍ଣ୍ଣିମା ଭାବେ ମଧ ପାଳନ କରାଯାଏ । ବେଦବ୍ୟାସ ଜଣେ ବିଜ୍ଞ ଋଷି ଥିଲେ । ସେ ମାନବ ସମାଜ ପାଇଁ ବିଭିନ୍ନ ପ୍ରକାର ଉପଯୋଗୀ ଶାସ୍ତ୍ର ରଚନା କରିଥିଲେ । ସେ ବେଦସ୍ମୃତିକୁ ପାଳିଆ, ବୈଷମପାୟନ, ଜୈମିନୀ ଓ ସୁମନ୍ତ ଏହିପରି ୪ ପ୍ରକାର ଶାସ୍ତ୍ରରେ ବିଭକ୍ତ କରିଥିଲେ । ଏହାପରେସେ ଋକ୍, ସାମ୍, ଯର୍ଜୁ ଓ ଅଥର୍ବ ବେଦଶାସ୍ତ୍ର ରଚନା କରିଥିଲେ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ଶିବଙ୍କୁ ଆଦିଗୁରୁ ଭାବେ ସ୍ୱୀକାର କରାଯାଇଛି । ଗୌତମ ବୁଦ୍ଧ ଯେତେବେଳେ ପ୍ରଗାଢ଼ ଜ୍ଞାନର ଅଧିକାରୀ ହୋଇଗଲେ ସେ ତାଙ୍କର ୫ ଜଣ ଅନୁଗାମୀଙ୍କୁ ଉପଦେଶ ଶିକ୍ଷା ଦେଇ ଗୁରୁ ହୋଇଥିଲେ । ସେ ଆଷାଢ଼ ମାସର ପୂର୍ଣ୍ଣମୀ ତିଥିରେ ତାଙ୍କର ଭିକ୍ଷୁମାନଙ୍କୁ ପାଞ୍ଚୋଟି ଧର୍ମ ଉପଦେଶ ଦେଇଥିଲେ । ଯାହାକୁ ଧମକାକପ୍ରାଟନ କୁହାଯାଏ । ଗୁରୁ ପୂର୍ଣ୍ଣିମା ପର୍ବଟି ଅତ୍ୟନ୍ତ ପବିତ୍ର । ଏହିଦିନ ଆଦିଗୁରୁ ମାନବ ସମାଜର ବିକାଶ ପାଇଁ ନିୟମମାନ ତିଆରି କରିଥିଲେ । ସପ୍ତଋଷିଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜ୍ଞାନ ଉପରେ ସାରା ବିଶ୍ୱକୁ ଶିକ୍ଷଣୀୟ ମହାତ୍ମ୍ୟ ମିଳିଲା । ହିନ୍ଦୁ ଆଧାତ୍ମିକ ଶିକ୍ଷାକୁ ସମ୍ମାନ ଦେବା ପାଇଁ ଏହି ବ୍ୟାସ ପୂର୍ଣ୍ଣିମା ପର୍ବ କରାଯାଇଥାଏ । ଏହି ପୂଜାକୁ ମଧ ବିଭିନ୍ନ ମନ୍ଦିରରେ ପାଳନ କରାଯାଇଥାଏ । ଯେଉଁଥିରେ ଗୁରୁଙ୍କ ଉଦ୍ଦେଶ୍ୟରେ ପୁଷ୍ପ ଓ ଉପହାରମାନ ଅର୍ପଣ କରାଯାଇଥାଏ । ଆଶ୍ରମ, ମଠ ଓ ବିଭିନ୍ନ ଭକ୍ତି ବାତାବରଣ ସ୍ଥାନମାନଙ୍କରେ କୀର୍ତ୍ତନ କରାଯାଏ । ଏହି ପୂଜା ହେଉଥିବା ସ୍ଥାନକୁ ତ୍ରିନୋକ ଗାଦି ବୋଲି କୁହାଯାଏ । ଗୁରୁ ପୂର୍ଣ୍ଣିମାକୁ ମଧ ପାଦପୂଜା ଦିବସ କୁହାଯାଏ । ଏହି ପୂଜାଟି ମୁଖ୍ୟତଃ ଗୁରୁ ଓ ଶିଷ୍ୟର ବିଷୟ ବସ୍ତୁକୁ ନେଇ ଆଧାରିତ । ଏଥିରେ ଏକ ମନ୍ତ୍ର ଉଚ୍ଚାରଣ କରାଯାଏ ତାହା ହେଉଛି - ତ୍ରିନୋକ ଗୁହାର ବ୍ରହ୍ମ, ତ୍ରିନୋକ ଗୁହାର ବିଷ୍ଣୁ, ତ୍ରିନୋକ ଗୁହାର ଦେବୋ ମହେଶ୍ୱର, ତ୍ରିନୋକ ଗୁହାର ସାକ୍ଷାତ ପରମବ୍ରହ୍ମ, ତସ୍ମୈ ଶ୍ରୀ ତ୍ରିନୋକ ଗୁହା ବେ ନମଃ । ଏହି ବ୍ୟାସ ପୂର୍ଣ୍ଣିମା ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଉଥିଲେ ମଧ ଏହାର ଲକ୍ଷ୍ୟ ଏକ । ଗୁରୁମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏହି ପରମ୍ପରାଟି ଉତ୍ସର୍ଗୀକୃତ ।

ଗୁରୁ-ଶିଷ୍ୟ ପରମ୍ପରାରେ ଏକଲବ୍ୟ : ପ୍ରାଚୀନ ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ଏକଲବ୍ୟଙ୍କ ବିଷୟରେ ବର୍ଣ୍ଣନା ରହିଛି । ପିଲାଦିନେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ପାଖରେ ଧନୁର୍ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଖୁବ୍ ଆଗ୍ରହୀ ଥିଲେ । ଦ୍ରୋଣଙ୍କ ନିକଟରେ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଶିକ୍ଷା ଗ୍ରହଣ କରୁଥିବାରୁ ଶୁଦ୍ର ଏକଲବ୍ୟଙ୍କୁ ଦ୍ରୋଣ ଶିକ୍ଷାଦାନ ପାଇଁ ମନା କରିଦେଇଥିଲେ । ପ୍ରତ୍ୟକ୍ଷ ଭାବେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ଶିକ୍ଷାଦାନରୁ ବଞ୍ଚିତ ହେଲେ କିନ୍ତୁ ପରୋକ୍ଷରେ ସେ ଦ୍ରୋଣଙ୍କୁ ଗୁରୁ ଭାବେ ଗ୍ରହଣ କରି ଶିକ୍ଷା ଗ୍ରହଣ କଲେ । ଗୁରୁ ଦ୍ରୋଣଙ୍କ ଶିଷ୍ୟ ଅର୍ଜ୍ଜୁନ, ଭୀମ, ଯୁଧିଷ୍ଠିର, ନକୁଳ, ସହଦେବ, ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ରାଜପୁତ୍ରଙ୍କୁ ଧନୁର୍ବିଦ୍ୟା ଶିଖାଇବା ସମୟରେ ସେ ଦୂରରେ ରହି ଧନୁ ବିଦ୍ୟାକୁ କରାୟତ କରିନେଲେ । ଥରେ ଶିକ୍ଷାଦାନ ସମୟରେ କୁକୁର ଭୁକିବାରୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷାଦାନରେ ବ୍ୟାଘାତ ଘଟିଲା । ଏହା ଦୂରରୁ ନିରିକ୍ଷଣ କରି ଏକଲବ୍ୟ ତୀର ମାରି କୁକୁରର ଭୁକିବା ବନ୍ଦ କରିଦେଲେ । ତୀର ମାରି କୁକୁରଟିର ଭୁକିବା ବନ୍ଦ କରିଦେଇଥିଲେ ମଧ କୁକୁରଟି କିଛି ବି କ୍ଷତି ହୋଇନଥିଲା । ଏହା ତାଙ୍କ ଧନୁର୍ବିଦ୍ୟାର ଶ୍ରେଷ୍ଠ ପରାକାଷ୍ଠା ଥିଲା । ଧନୁର୍ବିଦ୍ୟା ଶିଖି ତୀର ଚାଳନାରେ ପାରଙ୍ଗମ ହୋଇଥିବାରୁ ତାଙ୍କର ସବୁଆଡ଼େ ଚର୍ଚ୍ଚା ହେଉଥିଲା । ଏହି କଥା ଗୁରୁ ଦ୍ରୋଣଙ୍କ ନଜରକୁ ଆସିଲା । କିନ୍ତୁ ଦ୍ରୋଣଙ୍କର ଇଚ୍ଛାଥାଏ ସାରା ବିଶ୍ୱରେ ଅର୍ଜ୍ଜୁନ ହିଁ ଶ୍ରେଷ୍ଠ ଧନୁର୍ଦ୍ଧାରୀ ହୁଅନ୍ତୁ । ସେ ଏହା ସହ୍ୟ କରି ନପାରି ଦିନେ ଏକଲବ୍ୟର କୁଡ଼ିଆକୁ ଗଲେ । ସେଠାରେ ଗୁରୁ ଦ୍ରୋଣ ଦେଖିଲେ ତାଙ୍କର ଏକ ପ୍ରତିମୂର୍ତ୍ତି ରଖି ଏକଲବ୍ୟ ପୂଜା କରୁଛି ଓ ସ୍ୱୟଂ ନିଜେ ଧନୁର୍ବିଦ୍ୟା ଶିକ୍ଷା କରୁଛି । ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଗୁରୁପ୍ରୀତି ତଥା ନିଷ୍ଠା ଦେଖି ଚକିତ ହେଲେ । ଦ୍ରୋଣାଚାର୍ଯ୍ୟ ଗୁରୁ ଦକ୍ଷିଣା ସ୍ୱରୂପ ଏକଲବ୍ୟଙ୍କୁ ତାଙ୍କର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ମାଗିଲେ । ଏକଲବ୍ୟ କିଛି ନଭାବି ଗୁରୁ ଦ୍ରୋଣଙ୍କୁ ଶ୍ରେଷ୍ଠ ମନେକରି ତୁରନ୍ତ ଏକ ଛୁରୀ ଦ୍ୱାରା ତାଙ୍କର ବୃଦ୍ଧ ଆଙ୍ଗୁଠି କାଟି ଗୁରୁଦେବଙ୍କୁ ଦକ୍ଷିଣା ସ୍ୱରୂପ ପ୍ରଦାନ କଲେ । ଏକଲବ୍ୟ ତାଙ୍କର ନିଷ୍ଠା, ସାହସ ତଥା ଗୁରୁଭକ୍ତି ପରାକାଷ୍ଠା ପାଇଁ ଗୁରୁ ଭକ୍ତିର ଜ୍ୱଳନ୍ତ ଉଦାହରଣ ପାଲଟି ଗଲେ ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତ-ଆମେରିକା ମିନି ବାଣିଜ୍ୟ ଚୁକ୍ତି: ସମ୍ଭାବନା, ସମସ୍ୟା ଏବଂ ଏକ ବିସ୍ତୃତ ବିଶ୍ଳେଷଣ

ବର୍ତ୍ତମାନର ବିଶ୍ୱ ଅର୍ଥନୈତିକ ପରିଦୃଶ୍ୟରେ, ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ 'ମିନି ଟ୍ରେଡ୍ ଡିଲ୍' ବା ସୀମିତ ବାଣିଜ୍ୟ ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଏହା ଏକ ପୂର୍ଣ୍ଣାଙ୍ଗ ମୁକ୍ତ ବାଣିଜ୍ୟ ଚୁକ୍ତି (FTA) ନ ହେଲେ ମଧ୍ୟ, ଦୁଇ ଦେଶ ମଧ୍ୟରେ ଥିବା କେତେକ ଜଟିଳ ବାଣିଜ୍ୟିକ ପ୍ରସଙ୍ଗର ସମାଧାନ କରି ଏକ ବୃହତ୍ତର ସହଯୋଗ ପାଇଁ ମାର୍ଗ ପ୍ରଶସ୍ତ କରିବାର କ୍ଷମତା ରଖେ । ଆମେରିକା ୨୦୨୪-୨୫ ଆର୍ଥିକ ବର୍ଷରେ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଭାରତର ସର୍ବବୃହତ୍ ବାଣିଜ୍ୟିକ ଅଂଶୀଦାର ହୋଇ ରହିଛି, ଯେଉଁଠି ଦ୍ୱିପାକ୍ଷିକ ବାଣିଜ୍ୟ ୧୩୧.୮୪ ବିଲିୟନ ଡଲାରରେ ପହଞ୍ଚିଛି । ଏହି ସମୟରେ ଆମେରିକାକୁ ଭାରତର ରପ୍ତାନି ୧୧.୬ ପ୍ରତିଶତ ବୃଦ୍ଧି ପାଇ ୮୬.୫୧ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ଆମଦାନୀ ୭.୪୪ ପ୍ରତିଶତ ବୃଦ୍ଧି ପାଇ ୪୫.୩୩ ବିଲିୟନ ଡଲାର ହୋଇଛି, ଫଳରେ ଭାରତର ବାଣିଜ୍ୟ ବଳକା ୪୧.୧୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଏହି ପରିସଂଖ୍ୟାନ ଦୁଇ ଦେଶର ବର୍ଦ୍ଧିତ ଅର୍ଥନୈତିକ ନିର୍ଭରଶୀଳତାକୁ ସ୍ପଷ୍ଟ କରୁଥିବା ବେଳେ, କେତେକ ପ୍ରମୁଖ କ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ମତଭେଦ ଏକ ବ୍ୟାପକ ଚୁକ୍ତି ପଥରେ ବାଧକ ସାଜିଛି । ତେଣୁ, ଏହି ମିନି ଡିଲ୍ ଏକ ସେତୁ ଭାବେ କାର୍ଯ୍ୟ କରିବାର ସମ୍ଭାବନା ସୃଷ୍ଟି କରିଛି, ଯାହାର ବିଭିନ୍ନ ଦିଗକୁ ତଥ୍ୟଭିତ୍ତିକ ଭାବେ ବିଶ୍ଳେଷଣ କରିବା ଆବଶ୍ୟକ ।

ଏହି ପ୍ରସ୍ତାବିତ ଚୁକ୍ତିର ସବୁଠାରୁ ବଡ଼ ସକାରାତ୍ମକ ଦିଗ ହେଉଛି ଭାରତୀୟ ରପ୍ତାନିକାରୀଙ୍କ ପାଇଁ ନୂଆ ସୁଯୋଗ । ଭାରତ ଆଶା କରୁଛି ଯେ ଏହି ଚୁକ୍ତି ମାଧ୍ୟମରେ ଆମେରିକା ଭାରତର ଶ୍ରମ-ଆଧାରିତ ଉତ୍ପାଦ ଯଥା ବୟନଶିଳ୍ପ, ଚମଡ଼ା, ପାଦୁକା, ରତ୍ନ ଓ ଅଳଙ୍କାର ଏବଂ କେତେକ ଇଞ୍ଜିନିୟରିଂ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବ । ଯଦି ଆମେରିକା ଏହି ଦାବି ମାନି ନିଏ, ତେବେ ଭାରତୀୟ ଉତ୍ପାଦଗୁଡ଼ିକ ଭିଏତନାମ, ବାଂଲାଦେଶ ଏବଂ କାମ୍ବୋଡିଆ ଭଳି ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ତୁଳନାରେ ଆମେରିକୀୟ ବଜାରରେ ଅଧିକ ପ୍ରତିଯୋଗିତାମୂଳକ ହୋଇପାରିବ । ଉଦାହରଣ ସ୍ୱରୂପ, ଆମେରିକା ବାଂଲାଦେଶର ରପ୍ତାନି ଉପରେ ୩୫% ପର ?ୟ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଥିବା ବେଳେ, ଭାରତ ପାଇଁ ଏକ ଅନୁକୂଳ ଚୁକ୍ତି ଏହି କ୍ଷେତ୍ରରେ ଏକ ବଡ଼ ସୁବିଧା ଆଣିପାରେ । ଏହା ବ୍ୟତୀତ, ଇସ୍ପାତ ଓ ଆଲୁମିନିୟମ୍ ଭଳି କ୍ଷେତ୍ରରେ, ଯେଉଁଠି ଆମେରିକା ପୂର୍ବରୁ ଅତିରିକ୍ତ ଶୁଳ୍କ ଲଗାଇଥିଲା, ସେଥିରେ ରିହାତି ମିଳିଲେ ଭାରତର ରପ୍ତାନି ପ୍ରାୟ ୩୫% ବୃଦ୍ଧି ପାଇବାର ସମ୍ଭାବନା ରହିଛି । ନିକଟରେ ଭାରତ ଏବଂ ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନ (WTO)ରେ ଥିବା ସମସ୍ତ ୭ଟି ବିବାଦର ସମାଧାନ କରିଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଏବଂ ଏହି ମିନି ଡିଲ୍ ପାଇଁ ଏକ ସକାରାତ୍ମକ ବାତାବରଣ ତିଆରି କରିଛି ।

ତେବେ, ଏହି ସମ୍ଭାବ୍ୟ ଚୁକ୍ତିର କେତେକ ଜଟିଳ ଏବଂ ବିବାଦୀୟ ଦିଗ ମଧ୍ୟ ରହିଛି, ଯାହା ଭାରତ ପାଇଁ ଗଭୀର ଚିନ୍ତାର କାରଣ ପାଲଟିଛି । ଏହାର କେନ୍ଦ୍ରରେ ରହିଛି କୃଷି କ୍ଷେତ୍ର । ଆମେରିକା ଦୀର୍ଘ ଦିନରୁ ନିଜର ଡାଏରୀ ଉତ୍ପାଦ, ଚିକେନ୍, ସେଓ, ବାଦାମ, ମକା ଏବଂ ଜେନେଟିକାଲି ମୋଡିଫାଏଡ୍ (GM) ଫସଲ ପାଇଁ ଭାରତୀୟ ବଜାରରେ ଅବାଧ ପ୍ରବେଶ ଚାହୁଁଛି । ଭାରତରେ କୃଷି କେବଳ ଏକ ବ୍ୟବସାୟ ନୁହେଁ, ବରଂ ଏହା ଦେଶର ପ୍ରାୟ ୪୦% ଜନସଂଖ୍ୟାର ଜୀବିକାର ମାଧ୍ୟମ । ଆମେରିକାରେ ଜଣେ କୃଷକ ବାର୍ଷିକ ହାରାହାରି ୬୧,୦୦୦ ଡଲାର ସବସିଡି ପାଉଥିବା ବେଳେ, ଭାରତରେ ଏହି ପରିମାଣ ମାତ୍ର ୨୮୨ ଡଲାର । ଏପରି ସ୍ଥିତିରେ, ଆମେରିକାର ଅତ୍ୟଧିକ ସବସିଡିଯୁକ୍ତ କୃଷି ଉତ୍ପାଦ ସହ ଭାରତର କ୍ଷୁଦ୍ର ଚାଷୀମାନେ ପ୍ରତିଯୋଗିତା କରିବା ଅସମ୍ଭବ । ଏହାଦ୍ୱାରା ଘରୋଇ ବଜାରରେ ମୂଲ୍ୟ ହ୍ରାସ ପାଇବ ଏବଂ କୋଟି କୋଟି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯିବାର ଆଶଙ୍କା ରହିଛି । ଏଥିପାଇଁ ଭାରତ କୃଷି ଏବଂ ଡାଏରୀ କ୍ଷେତ୍ରକୁ 'ରେଡ୍ ଲାଇନ୍' ବା ଅଣ-ଆଲୋଚନୀୟ ପ୍ରସଙ୍ଗ ଭାବରେ ରଖିଛି ଏବଂ ଏହି ମିନି ଡିଲରେ ଏଗୁଡ଼ିକୁ ସାମିଲ ନକରିବାକୁ ଦୃଢ଼ ମତ ପୋଷଣ କରିଛି ।

କୃଷି ବ୍ୟତୀତ, ଡାଟା ଲୋକାଲାଇଜେସନ୍ ବା ତଥ୍ୟ ସ୍ଥାନୀକରଣ ନୀତି ମଧ୍ୟ ଆଲୋଚନାର ଏକ ପ୍ରମୁଖ ବିନ୍ଦୁ । ଭାରତ ସରକାର ଦେଶର ନାଗରିକଙ୍କ ତଥ୍ୟକୁ ଦେଶ ଭିତରେ ସଂରକ୍ଷିତ ରଖିବାକୁ ଗୁରୁତ୍ୱ ଦେଉଛନ୍ତି, ଯାହା ଜାତୀୟ ସୁରକ୍ଷା ଏବଂ ତଥ୍ୟ ସାର୍ବଭୌମତ୍ୱ ପାଇଁ ଜରୁରୀ । କିନ୍ତୁ ଗୁଗଲ୍, ଆମାଜନ ଭଳି ବଡ଼ ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି, କାରଣ ଏହା ସେମାନଙ୍କ ବ୍ୟବସାୟିକ ମଡେଲକୁ ପ୍ରଭାବିତ କରୁଛି । ଆମେରିକା ଚାହୁଁଛି ଯେ ଭାରତ ଏହି ନୀତିକୁ କୋହଳ କରୁ, ଯାହା ଉପରେ ଏକ ସହମତିରେ ପହଞ୍ଚିବା କଷ୍ଟକର ହେଉଛି । ସେହିପରି, ଆମେରିକା ଭାରତରେ ବିକ୍ରି ହେଉଥିବା ଚିକିତ୍ସା ଉପକରଣ, ବିଶେଷକରି ଷ୍ଟେଣ୍ଟ୍ ଏବଂ ଆଣ୍ଠୁ ପ୍ରତିରୋପଣ ଉପକରଣ ଉପରେ ଥିବା ମୂଲ୍ୟ ନିୟନ୍ତ୍ରଣକୁ ହଟାଇବା ପାଇଁ ମଧ୍ୟ ଚାପ ପ୍ରୟୋଗ କରୁଛି । ଏହାକୁ ମାନିନେଲେ ଭାରତର ସ୍ୱାସ୍ଥ୍ୟସେବା ସାଧାରଣ ଲୋକଙ୍କ ପାଇଁ ମହଙ୍ଗା ହୋଇଯିବାର ସମ୍ଭାବନା ରହିଛି ।

ଏହି ମିନି ଟ୍ରେଡ୍ ଡିଲ୍ ଏକ ଜଟିଳ ସନ୍ତୁଳନର ପ୍ରୟାସ । ଏହା ଏକ ପୂର୍ଣ୍ଣାଙ୍ଗ ଚୁକ୍ତିର ବିକଳ୍ପ ନୁହେଁ, ବରଂ ଏକ ବ୍ୟାପକ ସହମତି ଦିଗରେ ପ୍ରଥମ ପଦକ୍ଷେପ ମାତ୍ର । ଏହି ଚୁକ୍ତି ମାଧ୍ୟମରେ ଭାରତ ନିଜର ରପ୍ତାନି ବୃଦ୍ଧି ପାଇଁ ସୁଯୋଗ ପାଉଥିବା ବେଳେ, ଆମେରିକୀୟ କୃଷି ଓ ଟେକ୍ କମ୍ପାନୀଗୁଡ଼ିକର ଚାପର ସାମ୍ନା ମଧ୍ୟ କରୁଛି । ଏହି ଚୁକ୍ତିର ସଫଳତା ନିର୍ଭର କରେ ଭାରତ ନିଜର କୃଷକ, ଘରୋଇ ଶିଳ୍ପ ଏବଂ ଡିଜିଟାଲ୍ ସାର୍ବଭୌମତ୍ୱର ସ୍ୱାର୍ଥକୁ କେତେ ଦୂର ସୁରକ୍ଷିତ ରଖିପାରୁଛି । ଏହା ଏକ ଅସ୍ଥାୟୀ ଶାନ୍ତି ସ୍ଥାପନ କରିପାରେ, କିନ୍ତୁ ଦୀର୍ଘମିଆଦୀ ଏବଂ ସ୍ଥାୟୀ ବାଣିଜ୍ୟିକ ସମ୍ପର୍କ ପାଇଁ ଉଭୟ ଦେଶକୁ ଅଧିକ ନମନୀୟତା ଏବଂ ପାରସ୍ପରିକ ବୁଝାମଣା ପ୍ରଦର୍ଶନ କରିବାକୁ ପଡ଼ିବ । ଏହି ମିନି ଡିଲ୍ ଯଦି ସଫଳ ହୁଏ, ତେବେ ଏହା ଭବିଷ୍ୟତରେ ଏକ ବୃହତ୍ ଓ ସର୍ବସମ୍ମତ ବାଣିଜ୍ୟିକ ଚୁକ୍ତି ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବାରେ ସହାୟକ ହେବ ।

# ମିନି ଭାରତରେ ମୋଦି



## ସୌମେନ୍ଦ୍ର ଜେନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚରାଷ୍ଟ୍ରୀୟ ଗସ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ ଘାନାରୁ ଯାଇ ତ୍ରିନିଦାଦ ଓ ଟୋବାଗୋ ଦ୍ୱୀପରେ ପହଞ୍ଚିଥିଲେ । ରାଜଧାନୀ ପୋର୍ଟ ଅଫ ସ୍ପେନଠାରେ ଥିବା ପିୟାର୍କୋ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ତ୍ରିନିଦାଦର ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସରଙ୍କ ସମେତ ୩୫ଜଣ ମନ୍ତ୍ରିମଣ୍ଡଳରେ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । କମଳା ହେଉଛନ୍ତି ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ । ଦେଶର ରାଷ୍ଟ୍ରପତି ଖ୍ରୀଷ୍ଟାଇନ କଙ୍ଗ୍ଲୋ କଙ୍ଗାଲୁ ମଧ୍ୟ ଜଣେ ମହିଳା । ପୋର୍ଟ ଅଫ ସ୍ପେନର ବିମାନ ବନ୍ଦରରେ ଭାରତୀୟ ପୁରାଣ ଚରିତ୍ର ଅନୁଯାୟୀ ବେଶ ପୋଷାକରେ ସଜ୍ଜିତ ଲୋକେ ମୋଦିଙ୍କୁ ସ୍ୱାଗତ କରିଥିଲେ । ଭାରତୀୟ ନୃତ୍ୟ, ସଂଗୀତ, ଭୋଜପୁରୀ କୀର୍ତ୍ତନ ଚୈଥାଲ ଗାନ ମଧ୍ୟରେ ମୋଦି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ୧୯୯୯ପରେ ତ୍ରିନିଦାଦ ଓ ଟୋବାଗୋକୁ ଏହା ହେଉଛି ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରଥମଗସ୍ତ ।

ଦକ୍ଷିଣ ଆମେରିକାସ୍ଥିତ ଦୁଇଟି ଦ୍ୱୀପର ଏହି ଦେଶର ଜନସଂଖ୍ୟା ୧୬ଲକ୍ଷରୁ କମ୍ । ଗୋଟିଏ ଆମେରିକୀୟ ଡଲାରର ମୂଲ୍ୟ ୬.୭୭ ତ୍ରିନିଦାଦ- ଟୋବାଗୋ ଡଲାର ସହ ସମାନ । ୫୧୩୧୮ ବର୍ଗ କିମି କ୍ଷେତ୍ରଫଳ ବିଶିଷ୍ଟ ଏହି ଛୋଟ ଦେଶରେ ଜନସଂଖ୍ୟା ଘନତ୍ୱ ହେଉଛି ବର୍ଗ କିମି ପିଛା ୨୯୪ ଜଣ । ମୋଟ ଜନସଂଖ୍ୟା ମଧ୍ୟରୁ ୬୬ପ୍ରତିଶତ ଖ୍ରୀଷ୍ଟିଆନ, ୨୨.୭ ପ୍ରତିଶତ ହିନ୍ଦୁ । ଭେନେଜୁଏଲାର ଉତ୍ତର ପୂର୍ବରେ ୧୧କିମି ଦୂରରେ ଏହା ଅବସ୍ଥିତ । ୧୯୬୨ରେ ଏହା ଇଂରେଜ ଶାସନରୁ ମୁକ୍ତ ହୋଇ ୧୯୭୬ରେ ସାଧାରଣତନ୍ତ୍ରର ମାନ୍ୟତା ଲାଭ କରିଥିଲା । ଏଠାରେ ଆଫ୍ରିକୀୟ, ଭାରତୀୟ, ଦକ୍ଷିଣ ଆମେରିକୀୟ ସଂସ୍କୃତିର ମିଳିତ ଛାପ ସମାଜରେ ଦେଖିବାକୁ ମିଳିଥାଏ । ଭାରତର କଥକ, ଓଡିଶୀ ଏବଂ ଭରତ ନାଟ୍ୟମ୍ ଏଠାରେ ଖୁବ୍ ପରିଚିତ ନୃତ୍ୟ । ଭାରତ ବାହାରେ ହେଉଥିବା ସବୁଠୁ ବଡ ଦୀପାବଳୀ ମହୋତ୍ସବ ଚଗୁଆନାସ୍‌ର ଦିବାଲୀ ନଗରଠାରେ ହୋଇଥାଏ । ଏହାଛଡା ହୋଲି, ଜନ୍ମାଷ୍ଟମୀ, ଶିବରାତ୍ରୀ, ବିଜୟାଦଶମୀ, ରାମନବମୀ, ହନୁମାନ ଜୟନ୍ତୀ, ମକରସଂକ୍ରାନ୍ତି, ଗୁରୁପୂର୍ଣ୍ଣିମା, ସରସ୍ୱତୀ ପୂଜା, ନବରାତ୍ରୀ ଆଦି ଅନେକ ଭାରତୀୟ ପର୍ବପର୍ବାଣୀ ଏଠାରେ ପାଳିତ ହୋଇଥାଏ । ଏହି ଛୋଟ ଦ୍ୱୀପର ଭି.ଏସ୍, ନଇପଲ ଭାରତୀୟ ମୂଳର ଲେଖକ ଭାବେ ସାହିତ୍ୟରେ ନୋବେଲ ପୁରସ୍କାର ଲାଭ କରିଥିଲେ । ଏହି ଛୋଟ ଦ୍ୱୀପ ରାଷ୍ଟ୍ରର କ୍ରୀଡାବିତ୍‌ମାନେ ଅଲିମ୍ପିକ, କ୍ରିକେଟ, ଫୁଟବଲ ପରି ଅନେକ କ୍ରୀଡାରେ ବେଶ୍ ନାମ କମାଇଛନ୍ତି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋହି କମଳା ପରସାଦ ବିଶେସରଙ୍କ ପାଇଁ ସଙ୍ଗମ ଓ ସରଯୂର ଜଳଘଡି ସହ ଅଯୋଧ୍ୟାର ରାମମନ୍ଦିରର ପ୍ରତିକୃତି ନିଜ ସଙ୍ଗରେ ଭାରତରୁ ନେଇଥିଲେ । ଯାହା ତାଙ୍କୁ ଉପହାରସ୍ୱରୂପ ପ୍ରଦାନ କରିଥିଲେ ।

ନେସନାଲ ସାଇକ୍ଲିଂ ଭେଲୋଡ୍ରମ ଠାରେ ଅନୁଷ୍ଠିତ ସଭାରେ ମୋଦି ଭାଷଣ ଦେଇ ଭାରତ- ତ୍ରିନିଦାଦ-ଟୋବାଗୋ ମଧ୍ୟରେ ରହିଥିବା ଐତିହାସିକ ସଂପର୍କ ବିଷୟରେ ଉଲ୍ଲେଖ କରିଥିଲେ । ଇଂରେଜ ଶାସନ କାଳରେ କିପରି ୧୮୦ବର୍ଷ ପୂର୍ବେ ଆଖୁଚାଷ କରିବାକୁ ଭାରତର ବିହାର ଓ ଉତ୍ତର ପ୍ରଦେଶରୁ ଯାଇଥିବା ଶ୍ରମିକମାନେ ସେଠାକାର ରାଷ୍ଟ୍ର ନିର୍ମାଣରେ ସାମିଲ ହୋଇ ଏବେ ଶାସନମୁଖ୍ୟ ହୋଇପାରିଛନ୍ତି ତାହା ସ୍ମରଣ କରିଥିଲେ। ପୂର୍ବରୁ ବାସୁଦେବ ପାଣ୍ଡେ ମଧ୍ୟ ଚାଷୀ ପରିବାରରୁ ଯାଇ ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ଗଣିତଜ୍ଞ ରୁଦ୍ରନାଥ କପିଳଦେବ, ସଂଗୀତଜ୍ଞ ସୁନ୍ଦର ପୋପୋ, କ୍ରିକେଟ ଖେଳାଳି ଡାରେନ ଗଙ୍ଗା, ଶିବଦାସ ସାଧୁ ଆଦି ଗିରିମିଟିୟା ସଂସ୍କୃତିର ପରିଚିତ ଚେହେରା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଡୋ ଭିଲେଜ୍, ସେଡାଲହିଲ, ଫେସିଲିଟୀ, ପେରୀରୋଡ, ସାଙ୍ଗ୍ରେଗ୍ରାଣ୍ଡେ ଅଗଷ୍ଟିନ୍‌ଠାରେ ଆୟୋଜିତ ହେଉଥିବା ରାମଲୀଳା କେତେକ ସ୍ଥାନରେ ୫୦ରୁ ୧୦୦ବର୍ଷର ପୁରୁଣା ଅନୁଷ୍ଠାନଗୁଡିକ ଦ୍ୱାରା ହୋଇଆସୁଛି । ତ୍ରିନିଦାଦ-ଟୋବାଗୋର ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସରଙ୍କ ପୂର୍ବପୁରୁଷ ରାମଲଖନ ସିଂହ ବିହାରର ବକ୍‌ସାର ଜିଲ୍ଲାରୁ ଯାଇଥିଲେ । ତାଙ୍କୁ ଲୋକେ ବିହାରର ଝିଅ ବୋଲି କହିଥାନ୍ତି । ଅତୀତରେ ବିହାର ଲୋକେ ଭାରତର ଇତିହାସ, ରାଜନୀତି, ଜ୍ଞାନ-ବିଜ୍ଞାନ ଆଦି ବିବିଧ କ୍ଷେତ୍ରକୁ ପ୍ରଭାବିତ କରିଥିଲେ ଏବଂ ଏବେ ମଧ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ ।

ଏହି ଅବସରରେ ତ୍ରିନିଦାଦ-ଟୋବାଗୋର ଷଷ୍ଠ ପିଢିର ବଂଶଜ ମାନଙ୍କ ପାଇଁ ଭାରତ ସରକାର ଭାରତ ବାହାର ନାଗରିକତା ପରିଚୟ ପତ୍ର ବା ଓସିଆଇ କାର୍ଡ ଦେବାକୁ ଘୋଷଣା କରିଥିଲେ । ଭାରତ ବାହାରେ ସମଗ୍ର ବିଶ୍ୱରେ ଥିବା ୩ କୋଟି ୫୦ଲକ୍ଷ ଭାରତୀୟ ଲୋକେ ଦେଶର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରୁଛନ୍ତି । ଭାରତର ସଂସ୍କାର, ସଂସ୍କୃତି, ଭାଷା ଆଦି ସେମାନଙ୍କ ମାଧ୍ୟମରେ ସାରା ଜଗତରେ ପହଞ୍ଚିଛି । ଭାରତୀୟମାନେ ଯେଉଁ ରାଷ୍ଟ୍ରକୁ ଯାଇଛନ୍ତି ସେଠାକାର ପରିବେଶ, ପାଣିପାଗ ସହ ନିଜକୁ ଖାପଖୁଆଇ ନେଇଛନ୍ତି । ସବୁଠି ସେମାନେ ନିଜ ନିଜର କାର୍ଯ୍ୟ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ତ୍ରିନିଦାଦ-ଟୋବାଗୋ କିପରି ପ୍ରଥମ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭାବେ ଭାରତର ୟୁପିଆଇ ବ୍ୟବସ୍ଥାକୁ ଗ୍ରହଣ କରିଛି ତାହା ମଧ୍ୟ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବକ୍ତବ୍ୟରେ ଭାରତର ସଫଳତା ବିବିଧ କ୍ଷେତ୍ରରେ କିପରି ପରିଲକ୍ଷିତ ହୋଇଛି ତାହା ପ୍ରକାଶ କରିଥିଲେ । ବିଶ୍ୱର ଅଧା ଡିଜିଟାଲ ପେମେଣ୍ଟ ଭାରତରେ ହେବା, ଆଇଫୋନ ଉତ୍ପାଦନରେ ଆଗୁଆ ରହିବା, ରେଳସେବା କ୍ଷେତ୍ରରେ ଆଗରେ ରହିବା ତାହାର ପ୍ରମାଣ । ବିଗତ ଦିନରେ ୨୫୦ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଥିବା ବିଷୟ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଲୋକେ ସ୍ୱୀକାର କରିଛନ୍ତି । ଭାରତ ବିଶ୍ୱର ତୃତୀୟ ବଡ ଷ୍ଟାର୍ଟଅପ୍ କେନ୍ଦ୍ର ହୋଇଛି । ଗବେଷଣା, ଅନୁସନ୍ଧାନ, ନିର୍ମାଣ, ଉତ୍ପାଦନ ଆଦି ବିବିଧ କ୍ଷେତ୍ରରେ ଭାରତୀୟମାନେ ଦକ୍ଷତା ପ୍ରଦର୍ଶନ କରି ଦେଶରେ ନୁହେଁ ବିଦେଶର ଅନେକ କମ୍ପାନୀର ପରିଚାଳନା ମୁଖ୍ୟ ହୋଇପାରିଛନ୍ତି । ଅନେକ ଅନୁଷ୍ଠାନରେ ମହିଳାମାନେ ଏବେ ନିର୍ଦ୍ଦେଶିକା ହୋଇ କାର୍ଯ୍ୟ କରୁଛନ୍ତି । ସୁଯୋଗ ପାଇଲେ ପାଖପଡୋଶୀ ଏବଂ ବନ୍ଧୁମାନଙ୍କୁ ଭାରତ ବୁଲିଯିବାକୁ କହିବା ପାଇଁ ପ୍ରଧାନମନ୍ତ୍ରୀ ଉପସ୍ଥିତ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ ।

ତ୍ରିନିଦାଦ-ଟୋବାଗୋର ରାଷ୍ଟ୍ରପତି କଙ୍ଗାଲୁଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ "ଦି ଅର୍ଡର ଅଫ୍ ଦି ରିପବ୍ଲିକ ଅଫ୍ ତ୍ରିନିଦାଦ ଏଣ୍ଡ ଟୋବାଗୋ" ସମ୍ମାନରେ ଜୁଲାଇ ୪ ତାରିଖ ଦିନ ସମ୍ମାନିତ କରାଯାଇଥିଲା । ମୋଦିଙ୍କ ସମ୍ମାନାର୍ଥେ କମଳା ପରସାଦଙ୍କ ଦ୍ୱାରା ଆୟୋଜିତ ଭୋଜୀରେ ସୋହରି ପତ୍ରରେ ଖାଦ୍ୟ ପରଷାଯିବା ବଡ ଆକର୍ଷଣୀୟ ଥିଲା । ପ୍ରଧାନମନ୍ତ୍ରୀ କମଳା ପରସାଦ ମୋଦିଙ୍କ ଗସ୍ତ କାଳରେ ଭାରତର ଟୀକା ଅଭିଯାନକୁ ବେଶ୍ ପ୍ରଶଂସା କରିଥିଲେ । କୋରୋନା ସମୟରେ ବଡ ବଡ ରାଷ୍ଟ୍ର ନିଜର ଟୀକାକୁ ଦେଶ ଭିତରେ ଠୁଳ କରି ରଖିଥିବା ବେଳେ ଭାରତ ଛୋଟଛୋଟ ସହଯୋଗୀ ରାଷ୍ଟ୍ରମାନଙ୍କୁ ମାଗଣାରେ ଟୀକା ବଣ୍ଟନ କରିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ତ୍ରିନିଦାଦ ଟୋବାଗୋ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନରେ ଭାଷଣ କାର୍ଯ୍ୟକ୍ରମ ରଖାଯାଇଥିଲା । ମୋଦି ତାଙ୍କ ଚିରାଚରିତ ଢଙ୍ଗରେ ଭାରତର ଗଣତନ୍ତ୍ର ଏକ ବ୍ୟବସ୍ଥା ନୁହେଁ, ଜୀବନଧାରା ବୋଲି ଉଲ୍ଲେଖ କରିଥିଲେ । ମୋଦିଙ୍କ ଭାଷଣ କାଳରେ ଅନେକ ଥର ତାଳିମାଡ ଦେଖିବାକୁ ମିଳିଥିଲା । ମୋଦି ଉଭୟ ଇଂରାଜୀ ଏବଂ ହିନ୍ଦୀ ଭାଷାକୁ ବ୍ୟବହାର କରି ବକ୍ତବ୍ୟ ରଖିଥିଲେ । ସାଂପ୍ରତିକ ଜଗତ ପାଇଁ ଆହ୍ୱାନ, ସନ୍ତ୍ରାସବାଦଠାରୁ ଆରମ୍ଭ କରି ବିଶ୍ୱର ଅର୍ଥନୀତି ପର୍ଯ୍ୟନ୍ତ ଅନେକ ବିଷୟକୁ ସେ ତାଙ୍କ ଭାଷଣରେ ସ୍ଥାନ ଦେଇଥିଲେ ।

୩୧ ଅଗଷ୍ଟ ୧୯୬୨ରେ ଭାରତ-ତ୍ରିନିଦାଦ-ଟୋବାଗୋ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ସ୍ଥାପନ ହୋଇଥିଲା । ଦୁଇ ଦେଶ ଗଣତନ୍ତ୍ର, ବହୁବିଚାର, ଲୋକଙ୍କ ମଧ୍ୟରେ ସଂପର୍କକୁ ଗୁରୁତ୍ୱ ଦେଇ ଆସିଛନ୍ତି । ପ୍ରତିବର୍ଷ ୩୦ମଇ ଦିନଟିକୁ ଭାରତୀୟଙ୍କ ଆଗମନ ଦିବସ ଭାବେ ପାଳନ କରାଯାଇଥାଏ । କାରଣ ୩୦ମଇ ୧୮୪୫ରେ ଫଟେଲ ରଜାକ ପାଣିଜାହାଜରେ ଭାରତୀୟମାନେ ତ୍ରିନିଦାଦ- ଟୋବାଗୋରେ ପହଞ୍ଚିଥିଲେ । ଏହି ଦିନଟିକୁ ୧୯୯୫ରୁ ଛୁଟିଦିବସ ଭାବେ ଗ୍ରହଣ କରାଯାଇଛି । ୧୮୪୫ରୁ ୧୯୧୭ ମଧ୍ୟରେ ଭାରତରୁ ପ୍ରାୟ ୧୪୦, ୦୦୦ ଶ୍ରମିକ ତ୍ରିନିଦାଦ ଟୋବାଗୋକୁ ଯାଇଥିଲେ । ୪ ଜୁଲାଇ ଦିନ ଦ୍ୱିପାକ୍ଷିକ ଆଲୋଚନା ଦୁଇ ଦେଶର ପ୍ରଧାନମନ୍ତ୍ରୀ ଏବଂ ପ୍ରତିନିଧିମାନଙ୍କ ମଧ୍ୟରେ ହୋଇଥିଲା । ପରେ ଦୁଇ ଦେଶ ପକ୍ଷରୁ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । (କ୍ରମଶଃ)

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଗୁରୁ ସାକ୍ଷାତ ପରଂବ୍ରହ୍ମ



## କାନନ ବାଳା ନାୟକ

ପ୍ରାଣଂ ଦେହଂ ଗେହଂ ରାଜ୍ୟଂ ସ୍ୱର୍ଗଂ
ଭୋଗଂ ଯୋଗଂ ମୁକ୍ତିମ୍ ।
ଭାର୍ଯ୍ୟାମିଷ୍ଟଂ ପୁତ୍ରଂ
ମିତ୍ରଂ ନ ଗୁରୋରଧିକଂ ନ ଗୁରୋରଧିକଂ

'ପ୍ରାଣ, ଶରୀର, ଗୃହ, ରାଜ୍ୟ, ସ୍ୱର୍ଗ, ଭୋଗ, ଯୋଗ, ମୁକ୍ତି, ପତ୍ନୀ, ଇଷ୍ଟ, ପୁତ୍ର ଓ ମିତ୍ର- ଏସବୁ ମଧ୍ୟରୁ କୌଣସିଟି ବି ଶ୍ରୀଗୁରୁ-ଦେବଙ୍କଠାରୁ ବଳି ନୁହେଁ, ଶ୍ରୀଗୁରୁଦେବଙ୍କଠାରୁ ବଳି ନୁହେଁ ।'

- ଭଗବାନ ଶଙ୍କର

ମହାନ୍ ଆମ ଦେଶ ଭାରତ ।ମହାନ ଏହାର ସଂସ୍କୃତିକ ପରମ୍ପରା। ଏହି ସାଂସ୍କୃତିକ ପରମ୍ପରା ମଧ୍ୟରୁ ଗୋଟେ ମୁଖ୍ୟ ପରମ୍ପରା ହେଉଛି ଗୁରୁ ଶିଷ୍ୟ ପରମ୍ପରା। ଏଠି ଗୁରୁଙ୍କୁ ଈଶ୍ୱର ବୋଲି କୁହାଯାଏ। ଗୁରୁଙ୍କୁ ଉତ୍ସର୍ଗ କରାଯାଇ ଗୋଟେ ଗୋଟେ ଦିନ ଗୁରୁ ବନ୍ଦନା କରାଯାଏ। ଏଇ ଭଳି ଗୋଟେ ଦିନ ହେଉଛି ଆଷାଢ ମାସର ପୂର୍ଣ୍ଣିମା।ଏଇ ଦିନଟିକୁ ବ୍ରହ୍ମର୍ଷୀ ବଶିଷ୍ଠଙ୍କ ପ୍ରପୌତ୍ର ତଥା ମହାନ ଋଷି ପରାଶର ଓ ଧିବର କନ୍ୟା ସତ୍ୟବତୀଙ୍କ ପୁତ୍ର କୃଷ୍ଣ ଦ୍ୱୈପାୟନଙ୍କୁ ଉତ୍ସର୍ଗ କରି ପାଳନ କରାଯାଏ ଗୁରୁ ପୂର୍ଣ୍ଣିମା।

ସମଗ୍ର ଜଗତ ଯେତେବେଳେ ଅଜ୍ଞାନତାର ଅନ୍ଧକାରରେ ବୁଡ଼ି ରହିଥିଲା, ସେତେବେଳେ ଜଗତବାସୀଙ୍କୁ ଜ୍ଞାନର ଆଲୋକରେ ଆଲୋକିତ କରିବା ପାଇଁ ସ୍ୱୟଂ ଭଗବାନ ବିଷ୍ଣୁ ସତ୍ୟବତୀଙ୍କ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ସ୍କନ୍ଧ ପୁରାଣ, ବିଷ୍ଣୁଖଣ୍ଡ ବଦରିକା ଶ୍ରମ ମାହାତ୍ମ୍ୟ (୧/୨)ରେ କୁହାଯାଇଛି-

'ବ୍ୟାସ ସତ୍ୟବତୀ ପୁତ୍ରୋ ଭଗବାନ ବିଷ୍ଣୁର ବ୍ୟୟଃ'

ଭାଗବତ ଗଣନା (୧/୩/୨୧) ଓ ଗରୁଡ଼ ପୁରାଣ, ପୂର୍ବ ଖଣ୍ଡ(୧/୨୯)ଅନୁସାରେ

ବ୍ୟାସଦେବ ବିଷ୍ଣୁଙ୍କର ସପ୍ତଦଶ ଅବତାର। ମହର୍ଷି କୃଷ୍ଣ ଦ୍ୱୈପାୟନ ବେଦର ଜ୍ଞାନକୁ ସର୍ବଜନ ବିଦିତ କରିବା ପାଇଁ ତାର ବ୍ୟାସ କାର୍ଯ୍ୟ କରିଥିଲେ ଅର୍ଥାତ୍ ସେ ବେଦକୁ ଚାରି ଭାଗରେ ବିଭକ୍ତ କରିଥିଲେ। ତେଣୁ ବିଷ୍ଣୁ ପୁରାଣ(୩/୩/୫)ରେ କୁହାଯାଇଛି-

ଦ୍ୱାପରେ ଦ୍ୱାପରେ ବିଷ୍ଣୁ ବ୍ୟାସ ରୂପୀ ମହାମୂନେ ବେଦମେକଂ ସବହୁଧା କୁରୁତୋ ଜଗତୋ ହିତୋ। ବେଦକୁ ବିଭାଜନ କରିଥିବା ହେତୁ ମହର୍ଷି କୃଷ୍ଣ ଦ୍ୱୈପାୟନ ବ୍ୟାସଦେବ ନାମରେ ନାମିତ ହୋଇ କାଳ କାଳକୁ ଅମର ରହିଲେ। ସେ ମଧ୍ୟ ଚଳନ୍ତି ଇତିହାସ ମହାଭାରତ ରଚନା କରି ଜଗତରେ ଜ୍ଞାନର ଦ୍ୱୀପକୁ ଜଳାଇ ଥିଲେ।

ଏହା ବ୍ୟତୀତ ସେ ଅଠରଟି ପୁରାଣ, ବ୍ରହ୍ମସୂତ୍ର,ଉପନିଷଦ ଓ ମୀମାଂସା ଆଦି ରଚନା କରିଥିଲେ। ସେ ସମସ୍ତ ବୈଦିକ ଜ୍ଞାନକୁ ଏକ ସୂତ୍ରରେ ବାନ୍ଧିଥିଲେ। ତେଣୁ ତାଙ୍କୁ ପ୍ରଥମ ଗୁରୁ ରୂପେ ଗ୍ରହଣ କରି ତାଙ୍କ ଜନ୍ମ ଦିବସକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ।

ଶିଷ୍ୟର ଜୀବନରେ ଗୁରୁଙ୍କ ଆବଶ୍ୟକତା ଅନନ୍ୟ। ଜଣେ ମାର୍ଗ ଦର୍ଶକ ହିସାବରେ ଶିଷ୍ୟକୁ ଉପଯୁକ୍ତ ମାର୍ଗ ଦେଖାଇ ତାର ଚରିତ୍ର ଗଠନ କରିବା ହିଁ ଗୁରୁର କର୍ତ୍ତବ୍ୟ। ତେଣୁ ଶସ୍ତ୍ରରେ କୁହାଯାଇଛି -

ଗୃଳାରୋଦ୍ଧନ୍ଦରାରସ୍ତୁରୁ କାରସ୍ତ ନିବର୍ତ୍ତକଃ। ଅନ୍ଧକାର ନିବୃତ୍ୟାତୁ ଗୁରୁତିତ୍ୟରି ଧୀୟତେ"।

'ଗୁ' କହିଲେ ଅନ୍ଧାର ଏବଂ 'ରୁ' ର ଅର୍ଥ ଅଜ୍ଞାନ ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି। ଶିକ୍ଷକଙ୍କ ତ୍ୟାଗରେ ଶିଷ୍ୟର ଭବିଷ୍ୟତ ସୁନ୍ଦର ହୁଏ।

ସନ୍ଥ କବୀର କହିଛନ୍ତି -

ଗୁରୁକୋ ପାରସ ଜାନିଏ
କରେ ଲୌହ କୋ ସ୍ୱର୍ଣ୍ଣ
ଶିଷ୍ୟ ଔର ଗୁରୁ ଜଗତ
ମେଁ କେବଳ ଦୋହି ବର୍ଣ୍ଣ।

ଗୁରୁଙ୍କୁ ପରଶ ମଣି ବୋଲି କୁହାଯାଏ ଯାହାଙ୍କ ସ୍ପର୍ଶରେ ଲୁହା ବି ସୁବର୍ଣ୍ଣ ପାଲଟି ଯାଇଥାଏ। ଅର୍ଥାତ୍ ଗୁରୁଙ୍କ ସ୍ପର୍ଶରେ ଅଜ୍ଞାନୀ ଶିଷ୍ୟ ଭିତରେ ଜ୍ଞାନର ଆଭା ପ୍ରକାଶିତ ହୋଇଥାଏ।

ଗୁରୁ କେବେ ବ୍ରହ୍ମା ହୋଇ ଶିଷ୍ୟକୁ ନିଜ ହାତରେ ଗଢନ୍ତି ତ କେବେ ବିଷ୍ଣୁ ସାଜି ତା ଜୀବନକୁ ପରିପୁଷ୍ଟ କରନ୍ତି ତ କେବେ ଶିବ ହୋଇ ଛାତ୍ର ଜୀବନରେ ଥିବା ସମସ୍ତ ଆବିଳତାର ସଂହାର କରି ଥାଆନ୍ତି। ତେଣୁ ଗୁରୁଙ୍କୁ ତ୍ରିଦେବଙ୍କ ସ୍ୱରୂପ ଭାବି ପୂଜା କରାଯାଏ। ତେଣୁ କୁହାଯାଏ

"ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର ।ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ"॥

ଗୁରୁ ଶିଷ୍ୟକୁ ସାଂସାରିକ ସୁଖରେ ମଜ୍ଜି ନ ରହି ଆଧ୍ୟାତ୍ମିକ ମାର୍ଗ ଚାଲିବାର ପଥ ଦେଖାଇ ଥାଆନ୍ତି। ଗୁରୁ ଶିଷ୍ୟକୁ ମାୟାର ବନ୍ଧନରେ ବାନ୍ଧି ନ ହୋଇ ପରମାତ୍ମାଙ୍କର ସତ୍ ଚିଦାନନ୍ଦ ରୂପକୁ ଧ୍ୟାନ କରିବାକୁ ପରାମର୍ଶ ଦେଇଥାନ୍ତି। ଗୁରୁ ଶିଷ୍ୟକୁ ପରମାତ୍ମାଙ୍କ ସ୍ୱରୂପ ସହିତ ପରିଚିତ କରାନ୍ତି। ଯାହା ଫଳରେ ଶିଷ୍ୟ ମୋହ ମାୟା ରୂପି ଭବ ସାଗରରୁ ପାର ହୋଇ ଜଗତ କଲ୍ୟାଣରେ ନିଜ ଜୀବନକୁ ଉତ୍ସର୍ଗ କରି ପରମ ଆନନ୍ଦ ଲାଭ କରେ ଏବଂ ପରମାତ୍ମାଙ୍କ ସାନିଧ ଲାଭ କରିବାର ପଥରେ ଅଗ୍ରସର ହୁଏ। ତେଣୁ ଗୁରୁ ସ୍ୱାମୀ କହନ୍ତି -

ଗୁରୁ ବିନା ଆନ କେହି ନାହିଁ ଏ ସଂସାରେ, ଜୀବକୁ ଯାତନା କୂପରୁ ଉଦ୍ଧାର କରିପାରେ। ଗୁରୁ ଓ ଶିଷ୍ୟ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଗୁରୁ ବିନା ଶିଷ୍ୟ ଅଧୁରା ଏବଂ ଶିଷ୍ୟ ବିନା ଗୁରୁ ତେଣୁ ଭାଗବତ ରେ କୁହାଯାଇଛି-

ମୁହିଁ ବସଇ ଗୁରୁ ଦେହେ
ମୋ ବିନୁ ଗୁରୁ ଭିନ୍ନ ନୁହେଁ।

ଗୁରୁ ମାନଙ୍କର ଏହି ଅମୂଲ୍ୟ ଅବଦାନକୁ ସମ୍ମାନ ଦେବାପାଇଁ ପାଳନ କରାଯାଏ ଗୁରୁ ପୂର୍ଣ୍ଣିମା। କାରଣ ଗୁରୁ ହେଉଛନ୍ତି ସ୍ୱୟଂ ଈଶ୍ୱରଙ୍କ ସ୍ୱରୂପ ତାଙ୍କୁ ଭକ୍ତି କଲେ ହିଁ ମୁକ୍ତିର ମାର୍ଗ ମିଳେ। ଆଉ ଗୁରୁଙ୍କୁ ଅବମାନନା କଲେ ଅଧଃପତନ ର ବାଟ ଫିଟେ। ତେଣୁ ଶାସ୍ତ୍ରରେ ଉଲ୍ଲେଖ ଅଛି -

ହରି ରୁଠେ ଗୁରୁ ଠୋର ହେ
ଗୁରୁ ରୁଠେ ନହି ଠୋର।

ଅର୍ଥାତ୍ ଭଗବାନ ରାଗିଲେ ଗୁରୁଙ୍କ ଶରଣକୁ ଯାଇପାରିବ କିନ୍ତୁ ଗୁରୁ ରାଗିଲେ କେଉଁଠି ଶରଣ ମିଳିବା ସମ୍ଭବ ନୁହେଁ।

+ଅତିରିକ୍ତ କମିଶନର (ଅପିଲ୍)
ଦ୍ରବ୍ୟ ଓ ସେବାକର,ପୁରୀ,
ଚକଲା, ପୁରୀ
ମୋ: ୯୪୩୮୧୪୬୨୦୦




## ଧନର ପାହାଡ଼ ଭଙ୍ଗା ସମ୍ପର୍କର ଇଟାରେ

### ଦେବାଶିଷ ଦେ



ନିରିମାଖି ନାରୀ ଚାହିଁ
ବସିଥାଏ,ବାପ ଘରୁ କେବେ
ଆସିବ ଭାର,
ଜୀବନ ଜଞ୍ଜାଳେ ଉବୁଡୁବୁ ଥାଇ
ଖୋଜେ ବାପ ଘର ସିନିହ ତାର।
ସିନିହା ନାରୀକୁ ଅଧିକାର ନୁହେଁ,
ବାପଘରେ କାଳେ ହଜିଯିବ ତାର
ନାନୀ ଡାକ କି ପିଉସୀ ଲୋଡ଼ା,
ଚାହିଁ ବସିଥାଏ, ପୁନିଅ ପରବ ପାଳନ
ଯୋଡ଼ା,
ଲକ୍ଷେ ସଂପତ୍ତି କୁ ମଗେନାହିଁ ଖାଲି
ସ୍ୱାମୀକୁ ଡରାଏ ଛାଡ଼ି ଚାଲି ଯିବି ବାପ
ଘର ଡେଇଁ ଏଡ଼ାଇ ବେଢ଼ା।
ନିଶ୍ୱ ନ ମଣି ବାପ ଘର ତାର
ହୋଇ ରହି ଥାଏ ତାର ମାନସ
ଘୋଡ଼ା।
ଏ ବେଇମାନ ସମାଜ ଆଜି
ଭଉଣିକୁ ଏଡ଼ାଇ ଏକତା ନଅର
ଭାଙ୍ଗି ଖଣ୍ଡ କରେ ଧନ ପାହାଡ଼।
ଭଉଣୀ, ପିଉସୀ ଗରମ ନିଃଶ୍ୱାସ,
ସ୍ୱାଭିମାନ ଭାଙ୍ଗେ ଧନର ଏକଠା
ପ୍ରହାର।
ହାହାକାର ଯହିଁ ନାରୀ ହେଉଥିବ,
ଅବହେଳିତ କରି ସୂକ୍ଷ୍ମ ସମ୍ପର୍କ,
କିଲାଭ ଲଭୁଛି ଏ ସମାଜ ସେଠି
ଧନ ପୋତା ଅପର୍ଟ ମେଣ୍ଟ ର
ନଭଶ୍ଚୁମ୍ୱନ ?
ଚିନ୍ତକ --

+ପୋଲିସ ଲାଇନ୍ ବାଲେଶ୍ୱର

## ସହଧର୍ମିଣୀ

### ଡ. ଶିଶିର କୁମାର କର



ବୁଢାକାଳେ
ମାଡିବସେ ଅପାରଗତା
ସବୁ ସଫଳତା
ରହିଯାଏ କାଗଜ କଲମରେ
ପବନ ସହିତ ତାଳଦେଇ
ଦୌଡୁଥିବା ଲୋକ
ଝଡ଼, ବତାସ ବର୍ଷାକୁ
ମୁଣ୍ଡାଇ ଚାଲୁଥିବା ମଣିଷ
କେଞ୍ଚିଡ଼ି ପରି ଗୋଲ ହୋଇ ବସିଛି
ଆଜି ସେସବୁ 'ଅବୋଲକରା' ଗପ
ଶୁଣୁ ଶୁଣୁ ପିଲାମାନେ ଅତୀତ
ଦିନର କଥା
ହୁଇସିଲ୍ ମାରି କରନ୍ତି ଅବିଶ୍ୱାସ ।

ଜଣେ ଆସି ସେମାନଙ୍କୁ ବୁଝାଏ
ମିଛ ନୁହେଁ ସେସବୁ ସତ
ବାଘ ବୁଢା ହୋଇଗଲେ
ବାଘୁଣୀକୁ ସାକ୍ଷୀ ରଖେ
ମୁଣ୍ଡା ହୋଇ ଯାଇ ଥାଏ
ତା'ର ନଖ ଦାନ୍ତ ।

ବାଘୁଣୀ ଯୋଗାଏ ଖାଦ୍ୟ
ପାଣି ଆଉ ପଥ୍ୟ
ଜଡିବୁଟି ଦେଇ ଉପସମ କରେ
ବୟସର କ୍ଷତ
ହାନି ଲାଭ ରୋଗ ଶୋକ
ସବୁ କଥା ବୁଝୁଥାଏ
ସାରଥୀ ସାଜେ
ଆଗେଇ ନେବାକୁ
ଜୀବନର ନନ୍ଦିଘୋଷ ରଥ ।

କଣ୍ଟାଝଟା ପଡ଼ିଥିବା
ଉଚ୍ଚ ନିଚ୍ଚ ଜୀବନ ରାସ୍ତାରେ
ଆପଣାର ମାନେ ହାତ ଛାଡ଼ି
ଦେବାପରେ
ପଛେ ପଛେ ଚାଲୁଥାଏ
ଧର୍ମ-କର୍ମ, ଆଶା-ଆଶଙ୍କାରେ
କାରଣ ସେ ସବୁଦିନ ପାଇଁ
ଧରିଛି ମୋ ହାତ ।

+ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ - ୯୭୭୮୫୪୩୮୯୭



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୭୨



ଡ. ସିନ୍ଧୁ ସେନ୍

ତା ଅନ୍ତରରେ ମଧ୍ୟ ପ୍ରବାହିତ ହେଉଛି ଦୟା, କ୍ଷମାର ଏକ ଫଲ୍‌ଗୁ ଝର । ମୋ ଦୃଷ୍ଟିରେ ସୀତାଦେବୀ କ'ଣ ତାହା ମୋ ବ୍ୟତୀତ ଆଉ କେହି ଅଧିକ ଜାଣନ୍ତି ନାହିଁ। ସୀତାଦେବୀଙ୍କ ଭିତରେ ମୁଁ ସମଗ୍ର ମାତୃଜାତିକୁ ନିରୀକ୍ଷଣ କରିଛି । ହୃଦୟ ସିଂହାସନରେ ତାଙ୍କୁ ପୂଜା କରିଛି । ତାଙ୍କ ଉପରେ ଅତ୍ୟାଚର କରିବା ଦୂରର କଥା ତାଙ୍କ ଅଙ୍ଗ ସ୍ପର୍ଶ କରିବାକୁ ସୁଦ୍ଧା ମୁଁ ସାହସ କରିନି । ଅନ୍ୟମାନଙ୍କ ଆଖିରେ ରାବଣ ଯାହା ବି ହେଉନା କାହିଁକି, ତା ହୃଦୟ ମଧ୍ୟରେ ଲୁକ୍କାୟିତ ହୋଇ ରହିଛି କୋମଳ ଗାନ୍ଧାର । ସେଇଥିପାଇଁ ତ ମୋ ଦୃଷ୍ଟିରେ ସୀତାଦେବୀ ଥିଲେ ଜଣେ ଜନନୀ, ମାଆ। ତାଙ୍କ ପ୍ରତି ଅନ୍ୟ କେହି ବି ନିଷ୍ଠୁର ନ ହୁଅନ୍ତୁ। ସେଇଥିପାଇଁ ତାଙ୍କୁ ଅଶୋକବନର ନିରୋଳା ଜାଗାରେ ରଖିଥିଲି, ମୁକ୍ତ ଭାବେ ବିଚରଣ କରିବାକୁ ଛାଡ଼ି ଦେଇଥିଲି । ତାଙ୍କର ସୁରକ୍ଷା ପାଇଁ କିଛି ବିଶ୍ୱସ୍ତ ରାକ୍ଷସୀ ପରିଚାରିକାଙ୍କୁ ନିଯୁକ୍ତ କରିଥିଲି । ତାର ଅର୍ଥ ନୁହେଁ, ମୁଁ ତାଙ୍କୁ ଏମିତି ଦୁର୍ବଳ ଭାବେ ରାମଙ୍କ ହାତରେ ସମର୍ପଣ କରିଦେବି ।

ନା ନା ମୁଁ ପାରିବିନି, କେବେ ପାରିବିନି, ସୀତାଙ୍କ ମୁକ୍ତି ବିଷୟକୁ ନେଇ ମୁଁ କାହାରି ସହ ସାଲିସ୍ କରିପାରିବି ନାହିଁ।

ଆମ ଭିତରେ ଏମିତି କଥାବାର୍ତ୍ତା ଚାଲିଥିବା ବେଳେ ପୁତ୍ର ମେଘନାଦ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି କହିଲା, ଆମେ କ'ଣ ଏମିତି ଦୁର୍ବଳ ହୋଇପଡ଼ିଲୁଣି ଯେ, ରାମଙ୍କ ପାଖକୁ ସନ୍ଧିପ୍ରସ୍ତାବ ପଠାଇବା । ଏହା କେମିତି ହେବ । ଶାସ୍ତ୍ର ଅନୁସାରେ ବୀର ତ ସେଇ ଯିଏ ମୃତ୍ୟୁ ଭୟରେ ପଛଘୁଞ୍ଚା ଦେଇଥାଏ । ଏମିତି ସମୟରେ ଆମ ତରଫରୁ ସନ୍ଧି ପ୍ରସ୍ତାବ ଦେବା ଅର୍ଥ ଆମେ ମୃତ୍ୟୁକୁ ଭୟ କରୁଛୁ । ମେଘନାଦ କଥାରେ ମୋ ମନର ସାହସ ଆହୁରି ବଢ଼ିଗଲା। ମେଘନାଦର ବୀରତ୍ୱ ଉପରେ ମୋର ଖୁବ୍ ଭରସା ଅଛି । ସିଏ ତ ପୁଣି ଦେବଲୋକକୁ ପଦାନତ କରିପାରିଛି । ଇନ୍ଦ୍ରବିଜେତା ବୋଲି ସେ ତ ଇନ୍ଦ୍ରଜିତ । ବିଭୀଷଣଙ୍କ ଉଦ୍ଦେଶ୍ୟରେ ମେଘନାଦ ଅନେକ କିଛି କହୁଥିଲା । ବିଭୀଷଣଙ୍କ ମୁହଁରେ ଶତ୍ରୁର ପ୍ରଶଂସା ମୁଁ ଆଦୌ ସହ୍ୟ କରିପାରୁ ନଥିଲି । ତାଙ୍କୁ ମୋ ସାନଭାଇ ବୋଲି ତାର ଅନେକ କଥା ସହିଯାଉଥିଲି । ହେଲେ ବାରମ୍ବାର ତା ମୁହଁରୁ ଶତ୍ରୁପକ୍ଷର ପ୍ରଶଂସା ଶୁଣି ରାଗ ମୋର ପଞ୍ଚମକୁ ଉଠି ଯାଇଥିଲା । ବିଂଶ ଚକ୍ଷୁ ମୋର ଜଳି ଉଠିଥିଲା । ଅତିଶୟ କ୍ରୋଧରେ ବିଭୀଷଣଙ୍କୁ ମୃତ୍ୟୁଦଣ୍ଡ ନଦେଇ ଲଙ୍କାରୁ ନିର୍ବାସନ ଦଣ୍ଡ ଦେଲି । ଆଉ ଖୁବ୍ ଶୀଘ୍ର ତାଙ୍କୁ ଲଙ୍କାଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲି ।

ତଥାପି ବିଭୀଷଣଙ୍କ ଠାରେ କୌଣସି ପ୍ରତିକ୍ରିୟା ନଥିଲା । ବରଂ ଛଳଛଳ ଆଖିରେ ମଥାନତ କରି ମୋ ଆଦେଶକୁ ମାନିନେଇ ରାଜସଭାରୁ ବିଦାୟ ନେଇ ଚାଲିଗଲେ । ଅନେକେ ତାଙ୍କୁ ସମର୍ଥନ କରୁଥିଲେ ମଧ୍ୟ ମୋ ସାମ୍ନାରେ କେହି ବି ମୁହଁ ଖୋଲିବାକୁ ସାହସ କରୁନଥିଲେ । ତାଙ୍କ ସହ ତାଙ୍କର କିଛି ବିଶ୍ୱସ୍ତ ମନ୍ତ୍ରୀ ମଧ୍ୟ ଲଙ୍କାରୁ ବିଦାୟ ନେଇ ଚାଲିଗଲେ। ଏବେ ମୁଁ ଅନ୍ତିମ ଶଯ୍ୟାରେ ଥାଇ ସେ ଦିନର ବିଭୀଷଣର ଲୁହଭରା ପ୍ରଣାମ ସ୍ମରଣକୁ ଆସୁଛି। ଆମ ଦୁଇଭାଇଙ୍କ ମଧ୍ୟରେ ଏତେଦିନର ବନ୍ଧନ କେମିତି ଗୋଟିଏ କ୍ଷଣରେ ତୁଟିଗଲା, ସେସବୁ ଭାବିଲେ ମୋ କଲାକୃତ କର୍ମ ପାଇଁ କ୍ଷୋଭ ଜାଗୁଛି । ଭାବିଥିଲି ବିଭୀଷଣ ମୋତେ କ୍ଷମାମାଗି ପାରନ୍ତି । ନିଷ୍ପତ୍ତିର ପୁର୍ନବିଚାର ପାଇଁ ଅନୁରୋଧ କରିପାରନ୍ତି । ହେଲେ ଅଭିମାନୀ ବିଭୀଷଣ ସେମିତି କିଛି ବି ପ୍ରତିକ୍ରିୟା ନରଖି ଏକମୁହାଁ ହୋଇ ମୋ ଠାରୁ ବିଦାୟ ନେଇ ଯେ ଚାଲିଗଲେ । ଆଉ ପଛକୁ ଫେରି ଚାହିଁ ନାହାଁନ୍ତି। ପରେ ମୁଁ ଗୁପ୍ତଚର ଠାରୁ ଖବର ପାଇଥିଲି ବିଭୀଷଣ ଲଙ୍କାରୁ ବିତାଡ଼ିତ ହୋଇ ଶତ୍ରୁ ଶିବିରରେ ଆଶ୍ରା ନେଇଥିଲେ । ରାମଙ୍କର ଶରଣ ପଶିଥିଲେ । ଆଉ ରାମ, ମୋ ଭାଇ ଜାଣ ମଧ୍ୟ ବିଭୀଷଣଙ୍କୁ ଆପଣାର କରି ପାରିଲେ କେମିତି ? ବିଭୀଷଣ ତେବେ ଠିକ୍ କହିଥିଲା, ରାମଙ୍କ ପାଖରେ କେହି ଘୃଣାର ପାତ୍ର ନୁହଁନ୍ତି। ଶତ୍ରୁ ଶିବିରରୁ ଯେ କେହି ଯାଉନା କାହିଁକି, ତାଙ୍କୁ ସେ ସ୍ୱାଗତ କରୁଥିଲେ । ତାହାହିଁ ଥିଲା ତାଙ୍କର ମହନୀୟତା । ମୁଁ କିନ୍ତୁ ତାଙ୍କୁ ମହନୀୟତାକୁ ବୁଝି ମଧ୍ୟ ବୁଝିପାରି ନଥିଲି ।

ଏବେ ଅନ୍ତିମ ଶଯ୍ୟାରେ ଥାଇ ଅତୀତ ବେଶିବେଶି ସ୍ମରଣକୁ ଆସୁଛି । ରାମ ମୋତେ ତାଙ୍କୁ ବୁଝିବା ପାଇଁ ଦୀର୍ଘଦିନ ସମୟ ଦେଇଥିଲେ । ମୋର ମାନସିକତାର ପରିବର୍ତ୍ତନ ପାଇଁ ଅନେକ ସୁଯୋଗ ଦେଇଥିଲେ । ମୁଁ କିନ୍ତୁ ନିଜକୁ ବଦଳାଇ ପାରି ନଥିଲି । ଏସବୁର ମୂଳରେ ଥିଲା ମୋର ରାବଣତ୍ୱ । କୁହ ରାମଚନ୍ଦ୍ର ମୋର କେବଳ ଗୋଟିଏ ନୁହେଁ, ଶହେଟି ଭୁଲ୍ ଥାଇପାରେ । କିନ୍ତୁ ମୁଁ ଜାଣେ ତୁମ ସହ ଶତ୍ରୁତା ମୂଳରେ ମୋର କ'ଣ ଲକ୍ଷ୍ୟ ଥିଲା । କ'ଣ ଉଦ୍ଦେଶ୍ୟ ଥିଲା । ଅନ୍ୟର ହୃଦୟ ବୁଝିପାର ବୋଲି ତୁମେ ପରା ଅନ୍ତର୍ଯ୍ୟାମୀ । ତୁମେ କ'ଣ ମୋ ହୃଦୟ ବୁଝିପାରି ନଥିଲ । ମୋର ବାହ୍ୟ ରୂପର ଆବିଳତା ମଧ୍ୟରେ ଭିତର ରୂପକୁ ଦେଖିପାରି ନଥିଲ? ମୁଁ ଚାହିଁଥିଲେ ସେଦିନ ବିଭୀଷଣକୁ ମୃତ୍ୟୁଦଣ୍ଡ ଦେଇପାରିଥାନ୍ତି। ସେଇ କ୍ଷଣରେ ହିଁ ତାର ଜୀବନଦୀପ ଲିଭି ଯାଇଥାନ୍ତା । ମାତ୍ର ତାହା ନକରି ମୁଁ ତାକୁ କାହିଁକି ନିର୍ବାସନ ଦଣ୍ଡ ଦେଲି। ଆଉ ଏତିକି ମଧ୍ୟ ଜାଣିଥିଲି । ମୋ ଠାରୁ ଦୂରେଇଗଲା ପରେ ସେ ତୁମରି ଠାରେ ଶରଣାପନ୍ନ ହେବ । ତୁମରି ଆଶ୍ରା ପାଇ ଆନନ୍ଦରେ ରହିବ । ବିଭୀଷଣ ଯେ ତୁମରି ଭକ୍ତ ପ୍ରଭୁ । ମୁଁ କିନ୍ତୁ ତୁମର ଶତ୍ରୁ । ଶତ୍ରୁତା ମଧ୍ୟରେ ତୁମରି ସାନ୍ନିଧ ପାଇଛି । ବିଭୀଷଣକୁ ଲଙ୍କାଗଡ଼ରୁ ବହିଷ୍କାର ତୁମ ସହ ମୋତେ ନିକଟତର କରାଇଛି । ବିଭୀଷଣ ପ୍ରତି ମୁଁ ଅନ୍ୟାୟ କରିଥାଇ ପାରେ । ହେଲେ ସେ ଯେ ଭବିଷ୍ୟତରେ ଲଙ୍କାର ରାଜା । ଭାଇ ହୋଇ ଭାଇ ପ୍ରତି ମୋ କର୍ତ୍ତବ୍ୟ କେତେଦୂର କରିଛି ମୁଁ ଜାଣେନା । କିନ୍ତୁ ମୋ ହୃଦୟରେ ଆମ ଭାଇ, ଭଉଣୀ ମାନଙ୍କ ପାଇଁ ଯଥେଷ୍ଟ ଶ୍ରଦ୍ଧା ଥିଲା । ଏମିତିକି କୁମ୍ଭକର୍ଣ୍ଣ ନିଦ୍ରାସନରେ ରହୁଥିଲେ ମଧ୍ୟ ମୁଁ ତାକୁ ଅନାଦର କରି ନଥିଲି। ଏବେ ମୋ ଜୀବନର ଅନ୍ତିମ କ୍ଷଣରେ ସେସବୁ ଭାବିଲାବେଳେ ନିଜକୁ ନିଜେ ଦୋଷୀ ମଣୁଛି ସତ । ତେବେ ଏତିକି କହିବି, ତୁମେ ଯଦି ଅନ୍ତର୍ଯ୍ୟାମୀ ଥିଲ, ତେବେ ତୁମେ କ'ଣ ରାବଣର ହୃଦୟକୁ ଚିହ୍ନି ପାରି ନଥିଲ । ତା ସତ୍ତ୍ୱେ ତୁମେ କ'ଣ କହିପାରିବ ମୁଁ ଯାହା କରିଥିଲି ସବୁକିଛି ଭୁଲ୍ କରିଥିଲି ।

॥ ତେତିଶ ॥

ବିଭୀଷଣ ଲଙ୍କା ଛାଡ଼ି ଚାଲିଗଲା ପରେ ମୁଁ ଅନେକ ଭାଂଗି ପଡ଼ିଥିଲି । ମୋ ସ୍ମରଣକୁ ଅନେକ କଥା ଆସୁଥିଲା । ବାପାଙ୍କ ଆଶ୍ରମରେ ରହିଥିବା ଅବସ୍ଥାରେ ମୋ ମନରେ କେବେ ଏତେ ତିକ୍ତ ଚିନ୍ତା ଆସୁନଥିଲା । ମାତାମହ ସୁମାଳୀଙ୍କ କଥାରେ ପଡ଼ି ଲଙ୍କାର ସିଂହାସନ ପ୍ରତି ହୋଇ ଉଠିଥିଲି ଅତିମାତ୍ରାରେ ଲୋଭାନ୍ୱିତ । ଖୁବ୍ ଶୀଘ୍ର ଲଙ୍କା କେମିତି ମୋ ହାତମୁଠାକୁ ଆସିବ । ସେଇଥିପାଇଁ ପାଗଳପ୍ରାୟ ହୋଇଗଲି । ଜ୍ୟେଷ୍ଠଭାଇ କୁବେରଙ୍କ ମଧ୍ୟ ଅବମାନନା କଲି । ତାଙ୍କ ଠାରୁ ମଧ୍ୟ ଲଙ୍କା ଛଡ଼ାଇ ଆଣିଲି। ଲଙ୍କାର ରାଜା ହୋଇଗଲି । ମୋ ପାଦତଳେ ଧନ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଲୋଟ଼ି ପଡ଼ିଲା । କଳେବଳେ କୌଶଳେ ପୁଷ୍ପକଯାନ ମଧ୍ୟ ଛଡ଼ାଇ ଆଣିଲି । ଆଉ ଏବେ ପୁଣି ବିଭୀଷଣଙ୍କୁ ନିର୍ବାସନ ଦଣ୍ଡ ଦେଲି । ଏସବୁ ତ ମୋର କର୍ମର ଫଳ । ଏସବୁ ଚିନ୍ତାରୁ ମୁଁ ମୁକୁଳି ପାରୁନି କାହିଁକି ? ମୋତେ ଯେମିତି ଲାଗୁଥିଲା ଚିନ୍ତାଗୁଡ଼ିକ ମୋ ଚାରିପଟେ ଛାଇ ପରି ଘେରି ରହିଛନ୍ତି । ମୋତେ ଯେମିତି ଚେତେଇ ଦେଇ କହୁଛନ୍ତି ହେଲା ତ ଏବେ ନିଜ କଲା କୃତକର୍ମର ଫଳ ଭୋଗ କର । ନିଜ ଶୟନ କକ୍ଷରେ ଏକାଏକା ବସିରହି ଏମିତି ଅନେକ ଭାବନା ମଧ୍ୟରେ ବୁଡ଼ି ରହିଥିଲି । ହଠାତ୍ କବାଟରେ ମୃଦୁ କରାଘାତର ସ୍ୱର । ଏ ଅସମୟରେ ମୋ ପାଖରେ ପୁଣି କାହାର କି କାମ ପଡ଼ିଲା। ମୋତେ କାହାରି ସହ ଦେଖା କରିବାକୁ ଇଚ୍ଛା ହେଉନଥାଏ । ହେଲେ କବାଟ ଶବ୍ଦ କ୍ରମଶଃ ଜୋର ହେବାକୁ ଲାଗିଲା । କିଏ ଏ ଅସମୟରେ ପୁଣି କାହିଁକି ?

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୯୮ ॥

କଶ୍ୟପ ନିଜ ବିଜ୍ଞାନ ଶାଳାର କାର୍ଯ୍ୟ ଶେଷ କରି ଫେରୁଥିଲେ। ସେ କାର୍ଯ୍ୟ କଣ ଥିଲା ?

ଇତି ମଧ୍ୟରେ ଆର୍ଯ୍ୟ ମାନେ ଦେବତା ମାନଙ୍କ ସହିତ ଉପଯୁକ୍ତ। ଦେବୀମାନଙ୍କୁ ବିବାହ ଦେଇଥିଲେ। ଯେଉଁ ନାରୀମାନେକି ଅସାଧାରଣ ଶକ୍ତିର ଅଧିକାରିଣୀ ଥିଲେ। ସେମାନେ ସାତୋଟି ଦ୍ୱିପରୁ ନିର୍ବାଚିତ ହୋଇ ଆସିଥିଲେ। ପ୍ଲକ୍ଷ ଦ୍ୱିପରୁ ବ୍ରାହ୍ମଣୀ ( ସରସ୍ୱତୀ ) ବା ସାବିତ୍ରୀମାନେ, ଶାଳ୍ମଳୀ( ପୁଷ୍କର ମଧ୍ୟ ହୋଇପାରେ) ଦ୍ୱିପରୁ ବିଷ୍ଣୁଙ୍କ ପତ୍ନୀ ବୈଷ୍ଣବୀ, ଶାକ ଦ୍ୱିପରୁ ମାହେଶ୍ୱରୀ ବା ଶିବଙ୍କ ପତ୍ନୀ, କୁଶ ଦ୍ୱିପରୁ ଇନ୍ଦ୍ରାଣୀ, ଇନ୍ଦ୍ରଙ୍କ ପତ୍ନୀ, ଜମ୍ବୁ ଦ୍ୱିପରୁ କାର୍ତ୍ତିକଙ୍କ ପତ୍ନୀ କୁମାରୀ, ପୁଷ୍କର ଦ୍ୱିପରୁ ବରାହଙ୍କ ପତ୍ନୀ ବରାହୀ ଆସିଥିଲେ। ଏହିମାନେ ଥିଲେ ସପ୍ତ ମାତୃକା। ଆଦି ମାତୃକାଙ୍କ ପରେ ଏମାନେ ମାନବର ସର୍ବୋଚ୍ଚ ବିକାଶ ଦେବତା ମାନଂକ ବଂଶ ସୃଷ୍ଟି କରିଥିଲେ। କେତେକ ଅଷ୍ଟ ମାତୃକା କହନ୍ତି । ମୟର ତ୍ରିପୁର ବିମାନ ନିର୍ମାଣ ପରେ ଆର୍ଯ୍ୟ ମାନେ ଦୁର୍ଗ ମଧ୍ୟରେ ରହି ଯୁଦ୍ଧ କରିବା ମୁକ୍ତ ପ୍ରାଙ୍ଗଣଠାରୁ ନିରାପଦ ବୋଲି ଜାଣି ଦୁର୍ଗ ନିର୍ମାଣ କଲେ ଓ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଦୁର୍ଗା। ମା କାଳୀ (କାଳକେୟ), ଗ୍ରାମ ଦେବତୀ ଆଦି ପ୍ରାୟ ଅସୁର ଓ ଜନଜାତି ମାନଙ୍କ ଦେବୀ ଥିଲେ। ଏମାନେ ତନ୍ତ୍ର ଦେବୀ ପ୍ରାୟ ଓ ଏମାନଙ୍କ ନିକଟରେ ବଳି ପ୍ରଥା ଥିଲା। ଆର୍ଯ୍ୟ ଦେବୀ ମାନେ ଶାକା ହାରୀ, ମାତୃଦେବୀ ଥିଲେ ଓ ସେମାନଙ୍କ ନିକଟରେ ବଳି ଦିଆଯାଉ ନଥିଲା। ଆର୍ଯ୍ୟ ମାନଂକ ଯୁଦ୍ଧର ଦେବୀ ପ୍ରାୟ ମା ଦୁର୍ଗା ଓ ଚଣ୍ଡୀ, ଚାମଣ୍ଡା ଆଦି ଥିଲେ। (ଏବେ ମଧ୍ୟ ଏହି ପରମ୍ପରା ଅନୁସାରେ ଦଶହରା ଦିନ ଦୁଇଟି ଜହ୍ନି (ଯାହା ଆଶ୍ୱିନ( କୁମାର ବା କାର୍ତ୍ତିକଙ୍କ ପୂର୍ଣ୍ଣିମା, କାରଣ ଦେବତା ମାନଂକ ସେନାପତି ଭାବେ କେବଳ ସୁନ୍ଦର ଓ ଶକ୍ତିମାନ ଶିବଙ୍କ ଅନୁଗତ କୁମାର ମାନେ ପ୍ରଥମେ ନିଯୁକ୍ତ ହେଉଥିଲେ ଓ ପରେ ବିବାହ କରିଥିଲେ), ମାସର ଜହ୍ନ ବା ଚନ୍ଦ୍ର ସଭ୍ୟତା ତଥା କାର୍ତ୍ତିକଙ୍କ ସହ ସମ୍ପର୍କିତ)କୁ ଅଶ୍ୱ କରି ବଳି ଦିଆଯାଏ। ତେଣୁ କ୍ଷତ୍ରିୟ ମାନେ ଯୁଦ୍ଧରେ ଜୀବ ହତ୍ୟା କରିବା ସ୍ୱାଭାବିକ। ଅଶ୍ୱ ଶକ୍ତି ସାମର୍ଥ୍ୟ ଓ ବେଗର ପ୍ରତୀକ। ପରେ ଏମାନେ ସମସ୍ତେ ଆର୍ଯ୍ୟ ସଭ୍ୟତାରେ ମିଶି ଯାଇଥିଲେ।

ସେହି ସମୟରେ ହୁଏତ ବର୍ତ୍ତମାନ ସମୟ ପରି କଶ୍ୟପ ବିଭିନ୍ନ ଭିନ୍ନ ବୃକ୍ଷ ଓ ତରୂ ଲତାଙ୍କ ନିକଟକୁ ଯାଉଥିଲେ ଓ ସେଗୁଡିକର ଶାଖା ଗୁଡିକୁ ଏକାଠି କରି କଲମୀ କରୁଥିଲେ। ବିଭିନ୍ନ ପ୍ରକାର ଗଛର ଶାଖା ଗୁଡିକୁ ଯୋଡି ଉଭୟଙ୍କ କୋଷର ମିଶ୍ରଣରେ ସଙ୍କର ଫଳ ଓ ଫୁଲ ମାନ ସୃଷ୍ଟି କରିଥିଲେ। ଗୋଟିଏ ପ୍ରକାର ଫଳ ଓ ଫୁଲରୁ ବିବିଧ ବର୍ଣ୍ଣର ଜାତି, ପ୍ରଜାତି ଓ ଉପଜାତିର ବୃକ୍ଷ ମାନ ତିଆରି କରୁଥିଲେ। ପୁଣି ଗୋଟିଏମୂଳ ଜୀବରୁ ବିଭିନ୍ନ ପ୍ରକାର ପଶୁ,ପକ୍ଷୀ ସୃଷ୍ଟି କରୁଥିଲେ, ଯେଉଁ ମାନଙ୍କର ଗୁଣସୂତ୍ର ଗୁଡିକର ସଂଖ୍ୟା ସମାନ ଥିଲା ଜୀବ କୋଷର ମିଶ୍ରଣରେ ଭ୍ରୁଣ ସୃଷ୍ଟି କରି ସେହି ( ହାଇବ୍ରିଡ ବା କିମେର)କୁ ସେ ଅନ୍ୟ ଏକ ପଶୁବା ପକ୍ଷୀକୁ ପାଳିତା ମାତା ରୂପେ ଗ୍ରହଣ କରି ତାର ଗର୍ଭାଶୟରେ ଛାଡ଼ି ଦେଉଥିଲେ। ଏକ ଜାତୀୟ ଜୀବର ଶୁକ୍ରାଣୁ ସହ ଅନ୍ୟ ଜାତୀୟ ଜୀବର ଗର୍ଭାଶୟରେ ବିଭିନ୍ନ ପ୍ରାଣୀର ଅଙ୍ଗ ପ୍ରତ୍ୟଙ୍ଗ ଥିବା ଏକ ନୂତନ ଜୀବର ସୃଷ୍ଟି ହେଉଥିଲା। ଏହି ଉପାୟରେ ସେ ନାନା ପ୍ରଜାତି ଓ ଉପଜାତିର ଅନ୍ୟାନ୍ୟ ପଶୁ, କୁକୁର, ବିରାଡ଼ି, ମୂଷା, ଛାଗ,ଗୋରୁ ଏପରିକି ସିଂହ, ବ୍ୟାଘ୍ର, ହରିଣ, ଶଶକ ଆଦିଙ୍କର ଜୀବକୋଷ ଗୁଡିକ ପରସ୍ପର ସହିତ ମିଶ୍ରଣ କରି ଅଦ୍ଭୁତ ସଂଙ୍କର ଜୀବମାନ (ହାଇବ୍ରିଡ଼) ସୃଷ୍ଟି କରିଥିଲେ। ସେଥିରୁ ବିଭିନ୍ନ ପ୍ରକାର ବାଘ, ସିଂହ, ହରିଣ ଆଦି ଜନ୍ମ ହୋଇଥିଲେ। ଗୋଟିଏ ପ୍ରାଣୀର ଭ୍ରୁଣରେ ମାନବ ଜୀବ କୋଷକୁ ବିକଶିତ କରାଇ ଏହାକୁ ପାଳିତା ପଶୁର ଗର୍ଭାଶୟକୁ ସ୍ଥାନାନ୍ତର କରୁଥିଲେ। ଏହା ଥିଲା ଥୋରାପିର ଶେଷ ଉପାୟ। (ପଠିତ) ଯଦି ମାନବ କୋଷିକା ଗୁଡ଼ିକ ବିକାଶ ଶୀଳ ପ୍ରାଣୀ ଭ୍ରୁଣର ମସ୍ତିସ୍କକୁ ଚାଲି ଯାଉଥିଲା, ତେବେ ପ୍ରକୃତିରେ ଅଭାବନୀୟ ବିଭ୍ରାଟ ସୃଷ୍ଟି ହେଉଥିଲା। ଫଳରେ ମାନବ ମସ୍ତିସ୍କ ସହିତ ଅନ୍ୟ ପ୍ରାଣୀଟିର ମସ୍ତିସ୍କ ସେହିଭଳି କାର୍ଯ୍ୟକାରୀ ହୋଇ ଯାଉଥିଲା। ଏହିପରି ହୁଏତ ସେ ପଶୁ, ପକ୍ଷୀମାନଙ୍କୁ ବାଙ୍ମୟ କରି ପାରୁଥିଲେ। ହୁଏତ ସେ ଏହିଭଳି ଶୁକ ମୁନି ଏବଂ ରାବଣଙ୍କ ମନ୍ତ୍ରୀ ଶୁକ, ସାରଣଙ୍କୁ ସୃଷ୍ଟି କରିଥିଲେ। ବ୍ୟାଘ୍ର ଓ ମହାଭାରତର ବକ ପକ୍ଷୀ ମଧ୍ୟ ମଣିଷ ପରି ଜ୍ଞାନମୟ ବାର୍ତ୍ତାଳାପ କରିପାରୁଥିଲେ।

ପରିବେଶ ମଧ୍ୟ ଅନୁକୂଳ ଥିଲା। ପ୍ରାକୃତିକ ପରିସ୍ଥିତି ଏତେ ସୁନିର୍ମଳ ଥିଲା ଯେ, କୋଷିକା ସହ କୋଷିକା, ଶୁକ୍ରାଣୁ ସହିତ ଡିମ୍ବାଣୁ ଗୁଡ଼ିକ ଯୋଡ଼ିଦେଲେ ବିନା ଅୟାସରେ ଅତି ସହ ଜରେ ଏସବୁ ବିକଶିତ ହୋଇ ଯାଉଥିଲା। ସେହି ନୂତନ ପଶୁପକ୍ଷୀ ମାନଙ୍କୁ ଦେଖି କଶ୍ୟପ ଓ ପ୍ରଜାପତି ମାନେ ଅତି ଆନନ୍ଦରେ ଆତ୍ମହରା ହୋଇଯାଉଥିଲେ। ବର୍ତ୍ତମାନ ମଣିଷର ମସ୍ତିଷ୍କରେ ଥିବା ଗୁଣସୂତ୍ର ଗୁଡିକ ସଜାଇ ଉନ୍ନତ ମସ୍ତିଷ୍କ ବିକଶିତ କରାଇ, ନୂତନ ଧରଣର ବୁଦ୍ଧିମାନ ମଣିଷ, ଚିକିତ୍ସକ, ଯନ୍ତ୍ରୀ, ବୁଦ୍ଧିମାନ କରିତ୍ କର୍ମା ବୈଜ୍ଞାନିକ ଶିଳ୍ପୀ, ଲେଖକ ଆଦି ସୃଷ୍ଟି କରାଯିବାର ସମ୍ଭାବନା ପ୍ରକାଶିତ। ସେମାନେ ଅନ୍ୟର ମସ୍ତିସ୍କ ମଧ୍ୟରେ ନିଜ ଚେତନା ପ୍ରବେଶ କରାଇ ମଧ୍ୟ ତାଙ୍କୁ ଉନ୍ନତ ମାନବ ରେ ପରିଣତ କରି ପାରୁଥିଲେ। ଜଣଙ୍କର ଜୀବକୋଷରୁ ଅନେକ ଅନୁରୂପ ସ୍ୱରୂପ ସୃଷ୍ଟି କରିପାରୁଥିଲେ। କଶ୍ୟପଙ୍କ ପରଠାରୁ ଏଭଳି ବୈଜ୍ଞାନିକନି ମାନେ ଭାରତ ବର୍ଷରେ ବହୁ ସଂଖ୍ୟାରେ ସୃଷ୍ଟି ହୋଇଥିଲେ। ସେମାନେ ଇଚ୍ଛା କଲେ, ନିଜ ଦେହରୁ ବା କୌଣସି ଅନ୍ୟମାନବଠାରୁ ଅନ୍ତର୍ବିଜ୍ଞାନ ବଳରେ ଅନେକ ପ୍ରତିରକ୍ଷୀ ସୈନ୍ୟ ମାନ ସୃଷ୍ଟି କରିଥାନ୍ତି। ଏମାନେ ଅଦୃଶ୍ୟ ଚେତନା ଓ ମାନସିକ ସ୍ତରକୁ ପ୍ରଭାବିତ କରିଥାନ୍ତି। ଯେଉଁମାନେ ମସ୍ତିସ୍କକୁ ଉନ୍ନତ କରିଥାନ୍ତି। ଶତ୍ରୁକୁ ଉନ୍ମାଦ ମଧ୍ୟ କରିପାରନ୍ତି । ସେମାନେ ମଣିଷ ମସ୍ତିସ୍କର ସ୍ୱାଭାବିକ ତାକୁ ପ୍ରତିରୋଧ, ନିୟନ୍ତ୍ରିତ କରିଥାନ୍ତି । ବର୍ତ୍ତମାନ ସମୟରେ କେତେକ ସାଙ୍ଘାତିକ ମୋବାଇଲ ଖେଳପରି ଅମାନବିକ ବିଜ୍ଞାନ ମଧ୍ୟ ସେମାନଙ୍କୁ ଜଣାଥିଲା। ଏମାନେ କୁମ୍ଫୁ ପରି ସାଧନା ବଳରେ ଶୂନ୍ୟରେ ବର୍ଷା କରିବା, ଅଗ୍ନି ଜାଳିବା, ଝଡ ସୃଷ୍ଟି କରିବା, ଚତୁର୍ଦ୍ଦିଗ ଅନ୍ଧାର କରିବା ପରି ମାୟା ରଚନା କରିପାରୁଥିଲେ। ଦୈବୀ ଶକ୍ତି ବଳରେ ଅସାଧାରଣ ସାମର୍ଥ୍ୟ, ଅଭିଶାପ ବା ଆଶିର୍ବାଦକୁ କାର୍ଯ୍ୟକାରୀ କରିପାରୁଥିଲେ। ଆଧାତ୍ମିକ ଶକ୍ତି ବଳରେ ସେହିପରି ପରିବେଶକୁ ଈର୍ଷା ହୀନ, ଶାନ୍ତ , ସନ୍ତୋଷ ଜନକ ଓ ଉଚ୍ଚ ଚେତନଶୀଳ କରିପାରୁଥିଲେ। ମୁନି, ଋଷି, ବ୍ରାହ୍ମଣ, ତାନ୍ତ୍ରିକ ଓ ସାଧକ ଆଦି ଜ୍ଞାନୀ ମାନେ ଉପଯୁକ୍ତ ଗୁରୁଙ୍କ ଦ୍ୱାରା ପ୍ରଣୀତ ହୋଇ ଉପଯୁକ୍ତ କାର୍ଯ୍ୟ ସାଧନ ପାଇଁ ସତ୍ ପ୍ରୟୋଗ କରି ସମାଜରେ ଶାନ୍ତି, ଶୃଙ୍ଖଳା ରକ୍ଷା କରି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲେ। ଏମାନେ ବିଜ୍ଞାନ ପରି ଅନ୍ତର୍ବୀ ଜ୍ଞାନ ବଳରେ ମସ୍ତିସ୍କ ରେ କନ୍ ଫରେନସ, ଆଳାପ କରି ପାରୁଥିଲେ। ଅନ୍ଧକୁ ଦର୍ଶନ, ମୂକ୍‌କୁ ବାଚାଳ,ପଙ୍ଗୁକୁ ସଚଳ, ବଧିରକୁ ଶ୍ରୋତା, ପ୍ରେମିକକୁ ସମ୍ମୋହିତ, ବୃଦ୍ଧକୁ କାମନା, ପ୍ରଶ୍ନର ଉତ୍ତର ଭାଷା ଓ ଚିତ୍ରରେ ଦେଇ ପାରୁଥିଲେ। ବିପଦ ବେଳେ ଅନୁଗତକୁ ରକ୍ଷା କରୁଥିଲେ। ଦକ୍ଷ ପ୍ରଜାପତି ପୂର୍ବ ଜନ୍ମରେ ମାନବ ବା ପ୍ରାଣୀ ମାନଂକ ମଧ୍ୟରେ ଶ୍ରଦ୍ଧା, ମୈତ୍ରୀ, ଦୟା,ଶାନ୍ତି, ତୁଷ୍ଟି, ପୁଷ୍ଟି, କ୍ରିୟା,ଉନ୍ନତି, ତିତିକ୍ଷା, ବୁଦ୍ଧି, ଲଜ୍ୟା, ମେଧା, ସିଦ୍ଧି, ସତ୍ୟ ଶ୍ରମ, ହର୍ଷ, ଗର୍ବ, ଯୋଗ, ସ୍ମୃତି, ଅର୍ଥ, କ୍ଷେମ, ବିନୟ, ଦର୍ପ ଆଦି ଉଚ୍ଚତର ଗୁଣଗୁଡ଼ିକ ସୃଷ୍ଟି କରିପାରୁଥିଲେ। ଏମାନେ ଶୂନ୍ୟରେ ସ୍ୱର୍ଗ କରିପାରୁଥିଲେ। ଏହି ମାନଂକ ଆତ୍ମ ଶକ୍ତି ବା ଆଧାତ୍ମିକ ଶକ୍ତି ପ୍ରବଳ ଥିଲା। ଏମାନେ ଅନ୍ୟର ମନୋଭାବନାକୁ ଜାଣି ପାରୁଥିଲେ। ବର୍ତ୍ତମାନ ସମୟରେ ମଧ୍ୟ ଆଧୁନିକ ବିଜ୍ଞାନ ମାନବିକ ବୁଦ୍ଧି ବଳରେ ଏହିପରି ଆଶ୍ଚର୍ଯ୍ୟ କାମ ମାନ କରି ଏହାଠାରୁ ଅଧିକ ଅଗ୍ରଗତି କରିଛିକି ନାହିଁ, ବୈଜ୍ଞାନିକ ମାନେ ଜାଣିଥିବେ। କଶ୍ୟପ ପୂର୍ବୋକ୍ତ ଯୋଗ ସାଧନା ବଳରେ ଏହା କରି ପାରୁଥିଲେ। ବ୍ୟାସ ଦେବଙ୍କ ପରି ମୁନି ମାନେ ଦେବ କୃପା ବଳରେ ଯେ କୌଣସି ସମୟର ବର୍ଣ୍ଣନା କରିଥିଲେ। (କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ



## ମୋକ୍ଷ କଣ ମୁଁ ଜାଣିନି ମଣିମା...

### ଲକ୍ଷ୍ମୀପ୍ରିୟା ପୃଷ୍ଟି

ମୋକ୍ଷ କଣ ମୁଁ ଜାଣିନି ମଣିମା
ଜାଣିନି ତୋ ପୂଜା ବିଧି
ମନର ବେଦୀରେ ପୂଜୁଛି ନିତି ମୁଁ
ଭାବି ମୋର ପ୍ରତିନିଧି ।
ମରମେ ଉଛୁଳି ତୋ ଦିବ୍ୟ ଚେତନା
ଆଖିରୁ ଝରଇ ଲୁହ
ସେ ଲୁହ ଭିତରେ ଦିଶୁଥାଏ ମୋତେ
ତୋର ସେହି କଳାମୁହଁ ।
ଲୋଡ଼ା ନାହିଁ ମୋର ଧନ ଦଉଲତ
ଅବା ଆନ ସୁଖ ଶିରୀ
ତୋ ଚକାନୟନ ଦେଖୁଥିବି ନିତି
ଦୁଃଖ ଯାଉଥିବ ହରି ।
ମହାବାହୁ ନାମ ବୋଲାଇଛୁ ବୋଲି
ମରତେ ପଡ଼ିଛି ହୁରି
ସେଇ ବାହୁ ତଳେ ପତିତ ମୁଁ ଏକ
ଆଶ୍ରାଦିଅ ଚକ୍ରଧାରୀ ।
ମୋକ୍ଷ କଣ ମୁଁ ଜାଣିନି ମଣିମା
ଜାଣିନି ତୋ ପୂଜା ବିଧି
ଜାଣିଛି ଏତିକି ଏ ମୂଢ଼ମତିକି
ସାହା ସେ କ୍ଷମା ବାରିଧି ।

+ଅଧ୍ୟାପିକା,ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଯାଜପୁର

## ବୋହୂ ମୋର ଠାକୁରାଣୀ

### ମଧୁମିତା ମିଶ୍ର



କା ଆଗେ କହିବି କିପରି କହିବି..
ମୁଁ ଅଟେ ଜଗଜ୍ଜନନୀ..
ପୁଅ ମୋର ସ୍ୱୟଂ ପାଳନକରତା..
ବୋହୂ ମୋର ଠାକୁରାଣୀ..

କୌଶଲ୍ୟା ହୋଇ ମୁଁ ଜନମ ଦେଲାରୁ
ସୀତା ହୋଇ ସେ ଆସିଲା..
ରାଜକୁମର ମୋ କୋମଳ ରାମକୁ..
ନେଇ ବନବାସ ଗଲା..

ପୁଅ ମୋର କେତେ କଷ୍ଟ ସହିଥିଲା..
ଏକା ଥାଇ ଏତେ ଦିନ..
ଖୁସି ଦେଖିଲିନି ଦିନେ ବି ତା ମନେ..
କାଟିଲା ଦୁଃଖେ ଜୀବନ..

ପୁଣି ସେ ଆସିଲା ରାଧାରାଣୀ ହୋଇ
ବାଇଆ ତା ପାଇଁ କାହ୍ନୁ..
ଯେତେ ପାଟରାଣୀ ଆସିଲେ ବି ରାଧା
ଗଲାନି କେବେ ତା ମନୁ..



ଯଶୋଦା ହୁଏ କି ଦେବକୀ ମୁଁ ହୁଏ
ଠାକୁର ହୁଏ ମୋ ପୁଅ..
ଆଜି ହୋଇଅଛି ଗୁଣ୍ଡିଚା ଦେବୀ ମୁଁ
ପୁଅ ମୋ କାଳିଆ ଦିଅଁ..

ବର୍ଷସାରା ରହି ବଡ଼ ଦେଉଳରେ
ପୁଅ ମୋ ଖଟୁଛି କେତେ..
ଥରୁଟେ ଆସଇ ଛୁଟିରେ ମୋ କୋଳେ
ଶୋଇବାକୁ ଟିକେ ସତେ..

ଆଜି ବି ବୋହୂ ମୋ ଦଉଡ଼ି ଆସିଲା
ପୁଅ ରଥ ଭାଙ୍ଗିଦେଲା..
ନିଦ ଅଧା ଛାଡ଼ି କାଳିଆ ମୋହରି
ବାହୁଡି ଯିବି କହିଲା..

ରଖି ନ ଥାନ୍ତି ମୁଁ ଜୀବନ ସାରା ଯେ
ବୋହୂ ତାହା ବୁଝିଲାନି..
ସବୁଥର ପରି ମୋ ପୁଅକୁ ନେ଼ି ସେ
ମୋତେ କିଛି କହିଲାନି..

କେତେ ଯୁଗ ଧରି କେତେ ଯତ୍ନ କଲି
କିଛି ତ ଲାଭ ହେଲାନି..
କା ଆଗେ କହିବି ମନ ଦୁଃଖ ମୋର
ବୋହୂ ସ୍ୱୟଂ ଠାକୁରାଣୀ..

+ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭



## ସୁଖ

### ସ୍ନିଗ୍ଧା ପଣ୍ଡା

ଦିନେ ଜିଏଁ କି ବର୍ଷଟିଏ
ପାଏ କି ହରାଏ
ଦୁଃଖୀ ଜମା ହେବି ନାହିଁ
ସୁଖ ଖୋଜିବାକୁ ସୁଖ ପାଇବାକୁ
ୟା' ଠାରୁ ଆଉ ସଳଖ ବାଟଟି
ମତେ ଯେଣୁ ଜଣାନାହିଁ ।

ଦୁଃଖ ତ ଅସରା ଲାଗେ ସବୁଦିନ
ମନପ୍ରାଣ ଦହୁଥାଏ
ସୁଖ ଆସେ ଯେବେ ହାତ ପାଆନ୍ତାକୁ
ଆରକ୍ଷଣେ ଚାଲିଯାଏ ।

ଚାଲିଗଲା ପରେ ତଥାପି ସୁଖକୁ
ମନେ ରଖି ହସୁଥିବି
ଦୁଃଖ ମୋର ଭୁଲୁଥିବି
ପଚାରୁଥିବି ମୁଁ ଦୁନିଆଁରେ ଆଉ
ମୋ ଠାରୁ ସୁଖୀ କିଏ ।

ଗ୍ରା. ପୋ. ଲହଣ୍ଡା, ବରଗଡ଼
ମୋ-୯୮୬୧୩୨୩୬୫୦

# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର...



ଯଶସ୍ୱିନୀ ପଟ୍ଟନାୟକ



ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କଠାରୁ ମଧ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ ବାଟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ତ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୁଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ଆଷାଢ଼ ପୂର୍ଣ୍ଣିମା ଦିନ ଗୌତମ ବୁଦ୍ଧ ପ୍ରଥମ କରି ଉତ୍ତର ପ୍ରଦେଶର ସାରନାଥଠାରେ ବୌଦ୍ଧ ଧର୍ମର ବାଣୀ ପ୍ରଚାର କରିଥିଲେ । ତେଣୁ ଏହି ଦିନ ବୌଦ୍ଧ ଧର୍ମାବଲମ୍ବୀ ପାଳନ କରନ୍ତି ଗୁରୁ ପୂର୍ଣ୍ଣିମା ଭାବରେ । ଆଜିଠାରୁ ବୌଦ୍ଧ ସନ୍ନ୍ୟାସୀ ପାଳନ କରନ୍ତି ବର୍ଷା ବାସ । ଅର୍ଥାତ୍ ବର୍ଷା ତିନି ମାସ ସେମାନେ ଗୋଟିଏ ସ୍ଥାନରେ ଅର୍ଥାତ୍ ବୁଦ୍ଧ ମନ୍ଦିରରେ ଅବସ୍ଥାନ କରନ୍ତି । କେହି କେହି ଏହି ସମୟରେ ଉଗ୍ର ତପ ସାଧନା ବି କରନ୍ତି ।

ଗୁରୁଙ୍କ ନିକଟରେ ଶିଷ୍ୟକୁ ସମସ୍ତ କଷ୍ଟରୁ ଦୂର କରିବାର କ୍ଷମତା ରହିଛି । ଏପରିକି ଜଣେ ଗୁରୁ ଚାହିଁଲେ ଶିଷ୍ୟକୁ ନିଜ ଠାରୁ ଶ୍ରେଷ୍ଠ ବ୍ୟକ୍ତିରେ ପରିଣତ କରିଦେଇପାରିବେ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ପର୍ଯ୍ୟନ୍ତ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କ ପରମାତ୍ମାଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । ପ୍ରଥମଗୁରୁ ତଥା ଆଦି ଗୁରୁ ହେଉଛନ୍ତି ସ୍ୱୟଂ ଭଗବାନ ଶିବ । ସେ ଶକ୍ତି ଆକାରରେ ସମସ୍ତ ବିଦ୍ୟମାନ ସ୍ୱରୂପର ବିଘଟନ ଏବଂ ପରିବର୍ତ୍ତନ ପାଇଁ ଉତ୍ତରଦାୟୀ । ଜଣେ ସାଧକ ପାଇଁ ଗୁରୁ ଭଗବାନଙ୍କ ସ୍ୱରୂପ । ଗୁରୁଙ୍କ ଶକ୍ତିର କୌଣସି ସୀମା ନାହିଁ । ଏହି ଶକ୍ତି ଅନନ୍ତ ତଥା ଅଖଣ୍ଡ । ଗୁରୁ କହିଥିବା ବାଣୀକୁ ଶିଷ୍ୟ ବୁଝିବା ଉଚିତ । ପ୍ରାଚୀନ କାଳରେ ମୁନିଋଷିମାନେ କହିଯାଇଛନ୍ତି, ଗୁରୁଙ୍କ ଛବି ହେଉଛି ସେହି ମୂଳତତ୍ତ୍ୱ ଯେଉଁଥିରୁ ଧ୍ୟାନ ଆସିଥାଏ । ସାଧକ ଦ୍ୱାରା କରାଯାଇଥିବା ପୂଜା ଅଥବା କୌଣସି ପ୍ରକାର ତପ ଗୁରୁଙ୍କ ଚରଣ କମଳରୁ ଆସିଥାଏ । ମନ୍ତ୍ରର ମୂଳ ଗୁରୁଙ୍କ ବଚନରୁ ଉଦ୍ଧୃତ ହୋଇଥାଏ ଏବଂ ଗୁରୁଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ଗୁରୁଙ୍କ ଶକ୍ତିକୁ ଅନୁଭବ କରିବାକୁ ହେଲେ ନିଜ ସୀମିତ ଇନ୍ଦ୍ରିୟଗୁଡ଼ିକର ଅହଙ୍କାରୀ ଅନୁଭବ ଠାରୁ ଉର୍ଦ୍ଧ୍ୱକୁ ଉଠିବାକୁ ହେବ । ସୀମିତ ମସ୍ତିଷ୍କରେ ଗୁରୁଙ୍କ ଅସୀମ ଶକ୍ତିକୁ ବୁଝିବା ଅସମ୍ଭବ ।

ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମା ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ.....



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ ବାଟ ଦେଖାଇଥାନ୍ତି ।

ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୁରୁ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି 'ବିପାକ ପଥରେ ହାତ ଧରି ଯିଏ ଚାଲିବା କୌଶଳ ଶିଖାଇ ଦିଅନ୍ତି, ତାଙ୍କୁ ହିଁ ଜାଣିବ ଗୁରୁବୋଲି ଅଭୟ ପଥରେ ସେ ହିଁ ନିଅନ୍ତି ।' ଗୁରୁଙ୍କ ଶ୍ରୀଚରଣରେ ସୃଷ୍ଟିସ୍ଥିତି ଓ ପ୍ରଳୟର ସମସ୍ତ କୌଶଳ ଓ ଜ୍ୟୋତି ସନ୍ନିବେଶ ହୋଇ ରହିଛି । ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର କହିଛନ୍ତି 'ଯୁଗପୁରୁଷ ଆବିର୍ଭାବେ, ଦେବଶକ୍ତି-ସିଦ୍ଧଶକ୍ତି, ଅତି-ଦୈହିକସମାହାରେ ତାଙ୍କଠି ପୂରଣ ଅଭିବ୍ୟକ୍ତି, ଯେତେକ ତନ୍ତ୍ର ବ୍ରାହ୍ମୀ ମନ୍ତ୍ର, ସାର୍ଥକତାର ଲଭେ ଯନ୍ତ୍ର, ଯବକାଚରେ ସୂର୍ଯ୍ୟ-ରଶ୍ମୀ ଯେଭଳି ସ୍ୱଭାବ ସଂହତି ।' ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ସହିତ ସମାନ ସ୍ଥାନ ଦିଆଯାଇଛି । କୁହାଯାଇଛି - 'ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ, ମନ୍ତ୍ରମୂଳଂ ଗୁରୁବାକ୍ୟ, ମୋକ୍ଷଂମୂଳ ଗୁରୁକୃପା' । ଆଲୋଚନା ପ୍ରସଙ୍ଗରେ ଜଗତ୍‌ଗୁରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି- ଗୁରୁ ସର୍ବସ୍ୱ ଓ କେନ୍ଦ୍ରାନୁଗ ଆକର୍ଷଣ ଏକାନ୍ତ ଆବଶ୍ୟକ । ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡ - ଗ୍ରହ-ନକ୍ଷତ୍ର-ତାରା, କ୍ଷିତି-ଅପ୍-ତେଜ-ମରୁତ୍-ବ୍ୟୋମ, ଗଛ-ଲତା, ପଶୁ-ପକ୍ଷୀ, ମନୁଷ୍ୟ, ତୁମେ ଓ ମୁଁ - ନାନା ପର୍ଯ୍ୟାୟରେ, ନାନା ସ୍ତରରେ, ନାନା କ୍ରମରେ ସେହି କେନ୍ଦ୍ରାନୁଗ ଆକର୍ଷଣର ପ୍ରତିଫଳନ । ସଦ୍‌ଗୁରୁଙ୍କୁ ଗ୍ରହଣ କରି ତାଙ୍କର ନିର୍ଦ୍ଦେଶାନୁସାରେ ବିହିତ ଭାବରେ ସାଧନ କଲେ ଏହାର ରହସ୍ୟ ଧୀରେ ଧୀରେ ଫୁଟି ଉଠେ - ସବୁକିଛି ଆଖିରେ ଦେଖାଯାଏ ଓ କାନରେ ଶୁଣାଯାଏ । ଏହା ହିଁ ବିଜ୍ଞାନ । ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ତ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୁଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମା ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# 'ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ'

ଡକ୍ଟର ସୁରେଶ କୁମାର ନାୟକ



ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ ବାଟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ତ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୁଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମା ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

ବିପିନ ବିହାରୀ ମହାନ୍ତି

# ବ୍ୟାସ ପୂର୍ଣ୍ଣିମା / ଗୁରୁ ପୂର୍ଣ୍ଣିମା

ବେଦ, ବେଦାନ୍ତ, ଗୀତା ଓ ଉପନିଷଦର ଭାଷ୍ୟକାର ତଥା ମହାକାବ୍ୟ ଯୁଗର ମହାଭାରତ, ଅଷ୍ଟାଦଶ ପୁରାଣ, ଶ୍ରୀମଦ୍ ଭାଗବତ, ବ୍ରହ୍ମସୂତ୍ର, ମୀମାଂସା ପ୍ରଭୃତିର ପ୍ରଣେତା ମହର୍ଷି ବ୍ୟାସଦେବଙ୍କ ଜନ୍ମତିଥି, ହେଉଛି ଆଷାଢ଼ମାସ ପୂର୍ଣ୍ଣିମାଦିନ । ଏହା ବ୍ୟାସ ପୂର୍ଣ୍ଣିମା ନାମେ ଖ୍ୟାତ ସେ ମଧ ବେଦାନ୍ତ ଦର୍ଶନ ଓ ଅଦ୍ୱୈତବାଦର ସଂସ୍ଥାପକ । ମହର୍ଷି ବ୍ୟାସଦେବ ହସ୍ତିନାପୁରର ମହାରାଣୀ ସତ୍ୟବତୀ ଏବଂ ଋଷି ପରାଶରଙ୍କର ପୁତ୍ର ଅଟନ୍ତି । ବେଦ ପରି ବୃହତ୍ ଗ୍ରନ୍ଥକୁ ସେ ଋକ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ ଏହିପରି ଚାରୋଟି ଭାଗ (ବ୍ୟାସ) କରିଥିବାରୁ ଏବଂ ଯଥାକ୍ରମେ ତାଙ୍କର ଚାରିଶିଷ୍ୟ ଜୈଲ୍ୟ, ଜୈମିନି, ବୈଶମ୍ପାୟନ ଓ ସୁମନ୍ତଙ୍କୁ ପ୍ରଚାର ଓ ପ୍ରସାର ଦାୟିତ୍ୱ ଦେଇଥିବାରୁ ତାଙ୍କୁ ମଧ ବେଦ ବ୍ୟାସ ରୂପେ ନାମିତ କରାଯାଇଛି । ତାଙ୍କର ନିର୍ଦ୍ଦେଶକ୍ରମେ ଏବଂ ବାର୍ତ୍ତା ଅବଗତକୁ ନେଇ ଜନୈକ ଶିଷ୍ୟ ଲୋମହର୍ଷଣଙ୍କ ଦ୍ୱାରା ସେ ମହାଭାରତ ରଚନା ଆରମ୍ଭ କରିଥିଲେ । ଜନ୍ମପରେ ସେ ତପସ୍ୟା ନିମନ୍ତେ ଦ୍ୱୈପାୟନ ଦୀପକୁ ଯାଇଥିଲେ । ଜନ୍ମରୁ କୃଷ୍ଣ ବା ରଙ୍ଗରେ କଳା ଥିବାରୁ ଏହି ଦୁଇ କାରଣକୁ ନେଇ ତାଙ୍କର ଭିନ୍ନ ନାମ ରଖାଯାଇଥିଲା କୃଷ୍ଣ ଦ୍ୱୈପାୟନ । ବେଦବ୍ୟାସ ଅରୁଣିଙ୍କ ପତି ତଥା ଶ୍ରୀ ଶୁକଦେବଙ୍କ ପିତା ଥିଲେ । ସେ ମଧ କୌରବ ଓ ପାଣ୍ଡବମାନଙ୍କର ପିତାମହ ଥିଲେ । ସେ ତ୍ରିକାଳଦର୍ଶୀ ଥିଲେ । ହସ୍ତିନାପୁରର ଭବିଷ୍ୟ ତଥା ବିଭିନ୍ନ ସମସ୍ୟାର ସମାଧାନ ନେଇ ସେ ମାତା ସତ୍ୟବତୀଙ୍କୁ ସମୟକାଳୀନ ପରାମର୍ଶ ଦେଉଥିଲେ ଅଥବା ତାଙ୍କ ସହିତ ବିଚାରବିମର୍ଷ କରୁଥିଲେ ।

ତାଙ୍କ ଜନ୍ମତିଥିର ଅନ୍ୟନାମ ଗୁରୁପୂର୍ଣ୍ଣିମା । ଗୁରୁ ପରମ୍ପରାରେ ଗୁରୁମାନେ ତାଙ୍କ ଶିଷ୍ୟମାନଙ୍କୁ ଅନ୍ଧକାରରୁ ଜ୍ଞାନର ଆଲୋକ ପ୍ରଦର୍ଶନ କରନ୍ତି । ଏଣୁ ଶାସ୍ତ୍ରରେ କୁହାଯାଇଛି :



ଗୃଳାରୋଦ୍ଧନ୍ଦରାରସ୍ତୁ ରୁ କାରସ୍ତ ନିବର୍ତ୍ତକଃ ।
ଅନ୍ଧକାର ନିବୃତ୍ୟାତ୍ତୁ ଗୁରୁତିତ୍ୟରି ଧୀୟତେ ।।

'ଗୁ' କହିଲେ ଅନ୍ଧାର ଏବଂ 'ରୁ'ର ଅର୍ଥ ଅଜ୍ଞାନ ଅର୍ଥାତ୍ ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମୁକ୍ତ କରି ଆଲୋକ ପ୍ରଦର୍ଶନ କରନ୍ତି । ଗୁରୁ କଦାପି ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି । ଗୁରୁ ଅର୍ଥରେ ସେ ଓଜନଦାର ବା ମହାମହିମ । ଏଣୁ ଯଥାର୍ଥରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଶାସ୍ତ୍ରମତେ :

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।।

ବ୍ୟାସଙ୍କ ନିମନ୍ତେ ଏହି କଥାକୁ ଭିନ୍ନ ଭାଷାରେ କୁହାଯାଇଛି
ବ୍ୟାସାୟ ବିଷ୍ଣୁ ରୂପାୟ, ବ୍ୟାସ ରୂପାୟ ବିଷ୍ଣବେ
ନମୋ ବୈ ବ୍ରହ୍ମ ବିଧୟେ ବଶିଷ୍ଠାୟ ନମୋନମଃ
ଅଚ୍ୟୁତର୍ବଦ ବ୍ରହ୍ମା ଦ୍ୱିର୍ବାହାରୁ ପରେ ହରିଃ
ଆଭାଲ ଲୋଚଚନଃ ଶମ୍ଭୁ ଭଗବାନ ବାଦରାୟାଣଃ ।

ମାତା, ଜନ୍ମଦାତ୍ରୀ ଏହି କ୍ରମରେ ପ୍ରଥମ ଗୁରୁ, ପିତା ଦ୍ୱିତୀୟ ଗୁରୁ ଏବଂ ଶିକ୍ଷାଦାତା ହିଁ ତୃତୀୟଗୁରୁ । ଭାଗବତରେ ଲେଖାଯାଇଛି : ଗୁରୁ ନଥାଇ ସଦ୍‌ଜ୍ଞାନ, କାହୁଁ ତୁ ପାଇବୁ ଅର୍ଜୁନ । ଗୁରୁମାନେ ହିଁ ଆମ ଜୀବନର ମାର୍ଗଦର୍ଶକ, ସୁନିୟନ୍ତ୍ରକ, ପୁରାଣମତେ ଗୌତମ, ଯାମିନି, କଣ୍ୱ, କପିଳ, ମାର୍କଣ୍ଡେୟ, ପତଞ୍ଜଳି, ବ୍ୟାସଦେବ, ଦ୍ରୌଣ, କୃପାଚାର୍ଯ୍ୟ,ଏବଂ ସ୍ୱୟଂ ଭଗବାନ କୃଷ୍ଣ ତଥା ପରବର୍ତ୍ତୀ କାଳରେ ଆଦିଶଙ୍କର ମଧୋଚାର୍ଯ୍ୟ,ବାସବ, ଧ୍ୟାନେଶ୍ୱର, ଚୈତନ୍ୟ, ଜୟନ୍ତଭଟ୍ଟ, ରାମାନୁଜ, କବୀର, ମଧୁସୂଦନ, ମାଧବ, ନାମଦେବ, ନିମ୍ବାର୍କ, ପ୍ରଭାକର, ରାମଦାସ, ତୁକାରାମ ଏବଂ ତୁଳସୀଦାସ ଇତ୍ୟାଦି ପ୍ରମୁଖ ଅଟନ୍ତି । ସେହିପର ତ୍ରେତୟା ଯୁଗରେ ଯେତେ ଯୋଗୀ ଋଷି ଯଥା ବଶିଷ୍ଠ, ସନ୍ଦିପନୀ, ସାଣ୍ଡୁଲ୍ୟ...ଇତ୍ୟାଦି ମହାନ୍ ଗୁରୁମାନଙ୍କର ଦୃଷ୍ଟାନ୍ତ । ଗୁରୁମାନଙ୍କ ଠାରୁ ଶିକ୍ଷା, ଦୀକ୍ଷା ତଥା ତାଙ୍କ ଆଦର୍ଶ ସବୁକିଛି ଶିଷ୍ୟମାନଙ୍କର ଜୀବନରେ ପ୍ରତିଫଳିତ ହୋଇଥାଏ । ବ୍ୟାସଦେବ ତାଙ୍କ ସୃଷ୍ଟି ମାଧ୍ୟମରେ ଯୁଗଯୁଗ ପାଇଁ ଏ ମଣିଷ ଜାତିକୁ ଯେଉଁ ମହାନ ଶିକ୍ଷା ଦେଇଛନ୍ତି ତାହା : ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ ଅର୍ଥାତ୍ ବିଶ୍ୱ ବ୍ରହ୍ମାଣ୍ଡରେ ନାହିଁ ବୋଲି ବୁଝାଯାଏ । ଏଇଥିପାଇଁ ଭାରତରେ ସମସ୍ତ ପୌରାଣିକ କିମ୍ବଦନ୍ତୀ ଅଥବା ପ୍ରାମାଣିକ ତଥ୍ୟମାନ ବର୍ତ୍ତମାନ ସମଗ୍ର ବିଶ୍ୱପାଇଁ ଗବେଷଣାର ସାମଗ୍ରୀ ପାଲଟିଛି । ଆମ ଜୀବନର ପ୍ରତିଟି ବିଭାଗ ପାଇଁ ଏହା ବର୍ତ୍ତମାନ ମହାନ ବିଭବରୂପେ ସମୃଦ୍ଧି କରୁଛି । ଏ ଦୃଷ୍ଟିରୁ ଆମର ଅଷ୍ଟାଦଶ ପୁରାଣ, ମହାଭାରତ, ଗୀତା ଏବଂ ବିଶେଷକରି ଆମ ପାଇଁ ଶ୍ରୀମଦ୍ ଭାଗବତର ସରଳୀ କରଣ ରୂପ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ ବିଚାର୍ଯ୍ୟ ଅଟେ । ଏମିତିରେ ବ୍ୟାସଦେବ ଆମର ମହାନ୍ ଗୁରୁ ଅଟନ୍ତି । ଏଣୁ ତାଙ୍କ ଜନ୍ମତିଥିକୁ ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକୃଷ୍ଣଙ୍କର ଜନ୍ମତିଥି ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ପାଳନ କଲାପରି ଗୁରୁପୂର୍ଣ୍ଣିମା ରୂପେ ପାଳନ କରାଯାଏ ।

ପ୍ରାଚୀନ କାଳରେ ଏହି ଆଷାଢ଼ ପୂର୍ଣ୍ଣିମା ଦିନ ଗୁରୁ କୂଳରେ ଶିଷ୍ୟମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଶିକ୍ଷା ଦେବା ନିମନ୍ତେ ଗ୍ରହଣ କରାଯାଉଥିଲା ଏବଂ ଶିକ୍ଷାରେ ଉପଯୁକ୍ତ ଦକ୍ଷତା ହାସଲ ପରେ ଏହିଦିନ ଗୁରୁଦକ୍ଷିଣା ଦାନପୂର୍ବକ ଶିଷ୍ୟମାନଙ୍କୁ ବିଦାୟଦେବାକୁ ହେଉଥିଲା । ଏହି ଦକ୍ଷିଣା ଶିଷ୍ୟମାନଙ୍କର ଏକ ସମର୍ପଣର ଭାବ । ଏହି କାରଣରୁ ଆଷାଢ଼ ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା କହିବାରେ ମଧ ଯଥାର୍ଥତା ଅଛି ।

ଗୁରୁପୂର୍ଣ୍ଣିମା ପାଳନ ଯଦିଓ ସମସ୍ତ ଜାତି, ଧର୍ମ, ବର୍ଣ୍ଣ ଓ ସଂପ୍ରଦାୟ ଉର୍ଦ୍ଧ୍ୱରେ ତଥାପି ଏହାକୁ ରାଷ୍ଟ୍ରୀୟ ସ୍ୱୟଂ ସେବକସଂଘ ଏକ ପବିତ୍ର ଦିବସରୂପେ ପାଳନ କରେ ।ଏହି ଦିନ ସେମାନେ ଏକ ଗୈରିକ ଧ୍ୱଜାକୁ ଗୁରୁରୂପେ ଉତ୍ତୋଳନ କରିଥାନ୍ତି ଏବଂ ତାକୁ ଅଭିନନ୍ଦନ ଜଣାଇଥାନ୍ତି । ଏହି ଦିନ ଗୁରୁମାନଙ୍କ ପ୍ରତି ଶିଷ୍ୟ ତଥା ଅଭିଭାବକମାନଙ୍କର ଏକ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ରଖିଥାଆନ୍ତି । ତେବେ ଏପରି ଏକ ସଂଘୀୟ କାର୍ଯ୍ୟକ୍ରମକୁ ବାଦ୍‌ଦେଲେ ଆମ ଭାରତୀୟ ମାନଙ୍କ ପାଇଁ ଗୁରୁକୂଳ ତଥା ଗୁରୁ-ଶିଷ୍ୟର ସମ୍ପର୍କ ନେଇ ଏକ ସାର୍ବଜନୀନ କାର୍ଯ୍ୟକ୍ରମ ହେବା ଉଚିତ୍ । ଏହାଦ୍ୱାର ଆମ ସଂସ୍କୃତି, ଐତିହ୍ୟ ତଥା ଏକ ସୁପରମ୍ପରାର ସୁରକ୍ଷା ହେବ । ଏହା ହିଁ ଗୁରୁପୂର୍ଣ୍ଣିମାର ତାତ୍ପର୍ଯ୍ୟ ।

+ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା,
ମୋ., ୯୯୩୮୩୪୧୩୮

# ରାଜ୍ୟ ଲ' କମିଶନଙ୍କ ଲୋଗୋ ଓ ଇ-ମେଲ ଆଇଡି ଉନ୍ମୋଚିତ

ଭୁବନେଶ୍ୱର, ୦୯/୭ (ନି.ପ୍ର): ଓଡିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ବୁଧବାର ତୋଷାଳୀ ଭବନ ସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଥମ ବୈଠକରେ ପାଞ୍ଚଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା ଯେଉଁଥିରେ କମିଶନର ଲୋଗୋ ଏବଂ ଇ-ମେଲ୍ ଆଇଡି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଆଇନ ବିଭାଗର ତାରିଖ ୧୬.୦୩.୧୬ ରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରାଯାଇଥିଲା । ଏଥିସହିତ ଧାରା ୧୪(୨) ଅନୁଯାଇ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନ୍ ରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିଶ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ୭୬ତମ ବନମହୋତ୍ସବ ପାଳିତ

ବେତନଟୀ, ୦୯/୭ (ନି.ପ୍ର): ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ୭୬ତମ ବନମହୋତ୍ସବ ଉପଲକ୍ଷେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଙ୍ଗକୁ ବନୀକରଣ ଓ ପରିବେଶ ସନ୍ତୁଳନ ସମ୍ପର୍କୀତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଓଏଭି ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବନବିଭାଗ ପକ୍ଷରୁ ବେତନଟୀ ରେଞ୍ଜର ମନୁୱର ଖାଁ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ବନପାଳ ପ୍ରଦୀପ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ କିସମର




ଚାରାଗଛ ରୋପଣ କରାଯାଇଥିଲା। ବିଶ୍ୱତାପନ, ଅସନ୍ତୁଳିତ ପରିବେଶ, ଋତୁଚକ୍ରରେ ପରିବର୍ତ୍ତନ ଭଳି ଉଦବେଗଜନକ ସମସ୍ୟା ସମଗ୍ର ବିଶ୍ୱସମୁଦାୟ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ଏସମସ୍ତ ସମସ୍ୟାର ଏକମାତ୍ର - ସମାଧାନ ବୃକ୍ଷରୋପଣ, ବ୍ୟାପକ ବନୀକରଣ ଓ ଜଙ୍ଗଲ ସମ୍ପଦର ସୁରକ୍ଷା ବୋଲି ଛାତ୍ରଛାତ୍ରୀମାନଙ୍କୁ ଅତିଥି ଅଧିକାରୀଗଣ ବିଭିନ୍ନ ଗଠନମୂଳକ ପରାମର୍ଶ ମାଧ୍ୟମରେ ସଚେତନ କରାଇଥିଲେ । ସମସ୍ତ ନିଜନିଜ କ୍ଷେତ୍ରରେ ଗଛଲଗାଇବା ତଥା ଏହାର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣକୁ ନେଇ ଯତ୍ନବାନ ହେବାସହିତ ଅନ୍ୟମାନଙ୍କୁ ମଧ୍ୟ ଏଦିଗରେ ପ୍ରବର୍ତ୍ତାଇବାକୁ ପରାମର୍ଶ ଦିଆଯାଇଥିଲା । ବିଶ୍ୱରେ ଜୀବନଜଗତର ସତ୍ତାକୁ ବଜାୟ ରଖିବାକୁ ହେଲେ ଏବଂ ତାପମାତ୍ରାର ଦୃତ ଅଭିବୃଦ୍ଧିକୁ ପ୍ରତିହତ କରିବାକୁ ହେଲେ ବନୀକରଣ ଏବଂ ଜଙ୍ଗଲ ସମ୍ପଦର ସୁରକ୍ଷା ନିତ୍ୟାନ୍ତ ଅପରିହାର୍ଯ୍ୟ ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ପରିବେଶ ଏବଂ ବନୀକରଣ ସମ୍ପର୍କୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରିଚାଳନାରେ ଗରୁଡବସା ଓଏଭି ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରୁଛନ୍ତି।

# ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୭ ତମ ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ, ୦୯/୭ (ନି.ପ୍ର): ବ୍ୟକ୍ତିଗତ ବିକାଶ ମାଧ୍ୟମରେ ସମାଜକୁ ପରିବର୍ତ୍ତନ ଏବଂ ସମାଜ ପରିବର୍ତ୍ତନ ମାଧ୍ୟମରେ ରାଷ୍ଟ୍ରର ପୁନଃ ନିର୍ମାଣର ଲକ୍ଷ୍ୟ ନେଇ ସ୍ଥାପନା ହୋଇଥିବା ବିଶ୍ୱର ସର୍ବ ବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୭ ତମ ପ୍ରତିଷ୍ଠା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସହିତ ଜିଲ୍ଲାର ଧାମନଗର ମହାବିଦ୍ୟାଳୟ, ଚରମ୍ପା ମହାବିଦ୍ୟାଳୟ ଏବଂ ବାସୁଦେବପୁର ନଗରରେ ପତାକା ଉତ୍ତୋଳନ ହେବା ସହ ବୃକ୍ଷ ରୋପଣ କରାଯାଇଛି। ଭଦ୍ରକ କଲେଜରେ ଶତାଧିକ ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ପରିଷଦର ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦୁର୍ଗାଶଙ୍କର ଦାସ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ ସମାଜ ଓ ରାଷ୍ଟ୍ର ନିର୍ମାଣରେ ଛାତ୍ର ସମାଜର ଗୁରୁ ଭୂମିକା ରହୁ। ଦେଶ ଗଠନରେ




କୌଣସି ଜଣେ ବିଦ୍ୟାର୍ଥୀର ଅଂଶୀଦାର କମି ରହି ନଯାଉ। ଅବସରପ୍ରାପ୍ତ ପ୍ରାଧାପକ ସଂଗ୍ରାମ କିଶୋର ମହାନ୍ତି ପତାକା ଉତ୍ତୋଳନ କରି ବିଦ୍ୟାର୍ଥୀ ପରିଷଦର ଗଠନ, ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ଦୁର୍ଗା ଶଙ୍କର ଜେନା, ଭଦ୍ରକ ସ୍ୱଂୟଶାସିତ ମହାବିଦ୍ୟାଳୟର ଛାତ୍ର ନେତା ତ୍ରିଲୋଚନ ବାରିକ, ଶୁଭମ୍ ପାଢ଼ୀ, ପ୍ରିତୀମା ପଣ୍ଡା, ସଂଗ୍ରାମ ଜେନା, ଶୁଭଶ୍ରୀ ଦେବର୍ଚ୍ଚନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚରମ୍ପା ମହାବିଦ୍ୟାଳୟ ପରିସରରେ ସଂଗଠନ ପକ୍ଷରୁ ପତାକା ଉତ୍ତୋଳନ ସହ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଭିପିର ଜିଲ୍ଲା ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସହ ସଂଯୋଜକ ଅଭିଳାଷ ତ୍ରିପାଠୀ, ବିଶ୍ୱନାଥ ଲାହା, ମନୋଜ କୁମାର ବାରିକ, ସମ୍ଭବ ପରିଡ଼ା, ସୁମିତ୍ରା ସେଠୀ ନେତୃତ୍ୱ ନେଇଥିଲେ। ବାସୁଦେବପୁର ନଗରରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପରିଷଦର ପତାକା ଉତ୍ତୋଳନ ହୋଇଥିଲା। ଏଥିରେ ବିଭାଗ ଏସଏଫଏସ ସଂଯୋଜିକା ମାଧୁରୀ ରାଉତ, ଜିଲ୍ଲା ସହ ସଂଯୋଜିକା ପୂଜାରାଣୀ ମଲ୍ଲିକ, ଶୁଭମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧାମନଗର ମହାବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ତଥା ଏବିଭିପିର ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏଥିରେ ନଗର ସମ୍ପାଦକ ହିମାଂଶୁ ମହାରଣା, ସହ ସମ୍ପାଦକ ବିଶ୍ୱାସ ରଞ୍ଜନ ଜେନା ଏବଂ ଶୁଭମ୍ ପରିଡ଼ା, ଆଲୋକ ଦାସ ଓ ବରଦା ପ୍ରସନ୍ନ ନାୟକ ଉପସ୍ଥିତ ଥିଲେ। ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ପରିସରରେ ଏକାଧିକ କାର୍ଯ୍ୟକ୍ରମର ଯୋଜନା କରାଯାଇଛି ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# ଖଇରା ଆଦର୍ଶ ବିଦ୍ୟାଳୟରେ ଓୟୁଜେର ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର, ୦୯/୭ (ନି.ପ୍ର): ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷାପ୍ରଦାନ ବେଳେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ସଚେତନ କରାଇବା ଜରୁରୀ ବୋଲି ଖଇରା ବ୍ଲକର ଅଧକ୍ଷା ଅଭିଲିପ୍ସା ସାହୁ ମତବ୍ୟକ୍ତ କରିଛନ୍ତି । ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଖଇରା ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧକ୍ଷା ସାହୁ କହିଲେ




ଯେ,ପିଲାଟିଏ ଗଛ ଲଗାଇବା ପାଇଁ ପ୍ରଥମରୁ ପ୍ରେରଣା ଓ ଅଭିଜ୍ଞତା ହାସଲ କଲେ ତାର ଜୀବନକାଳ ମଧ୍ୟରେ ଅନେକ ବୃକ୍ଷ ସୃଷ୍ଟି କରି ପାରିବ। ତାହା ସମାଜ ପାଇଁ ଉଦାହରଣ ହୋଇ ରହିବ। ଆସନ୍ତୁ ଆମେ ସମସ୍ତେ ରାସ୍ତାକଡ଼, ଗାଁ ପଡିଆପାର୍ଶ୍ୱ, ବାଡିପଛପାଖ,ରେ ଅର୍ଥକାରୀ ଗଛ ସଜନା, ପପେୟା, ସହ ବର, ଅଶ୍ୱସ୍ଥ, ଲିମ୍ବ, କରଞ୍ଜ,ଆମ୍ବ, ତାଳ, ଗଛ ଲଗାଇ ପରିବେଶ କୁ ସବୁଜିମାରେ ଭରିଦେଇ ଏକ ଉଦାହରଣ ସୃଷ୍ଟି କରିବା। ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ ମୁଦୁଲି, ଶିକ୍ଷୟତ୍ରୀ କୌଶଲ୍ୟା ଜେନା, ସୁଜିତ କୁମାର ବେହେରା, ମୃତ୍ୟୁଞ୍ଜୟ ନାୟକ,ଅନନ୍ତ ନାରାୟଣ ପରିଡ଼ା, ନିର୍ମାଲ୍ୟ ବେହେରା ୟୁନିଅନର ବରିଷ୍ଠ ଉପଦେଷ୍ଟା ଶିଶିର କୁମାର ଦାସ, ସଭାପତି ଗଙ୍ଗାଧର ରାଉତ, ଉପସଭାପତି ଉତ୍କଳ ବନ୍ଧୁ ପଣ୍ଡା, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ଜେନା,ଅକ୍ଷୟ କୁମାର ମଲ୍ଲିକ, ସଞ୍ଜୟ କୁମାର ବେହେରା, ଶମ୍ଭୁନାଥ ନାୟକ, ତପୋଧନ ବାରିକ, ବଳରାମ ଲେଙ୍କା , ସତ୍ୟଭାମା ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ତପୋଧନ ବାରିକ ଧନ୍ୟବାଦ ଦେଇଥିଲେ।

# ୱାଟର ଲଗିଙ୍ଗ କମ୍ କରିବାକୁ ପଦକ୍ଷେପ ନିଆଯାଉଛି - ମନ୍ତ୍ରୀ

ଭୁବନେଶ୍ୱର, ୦୯/୭ (ନି.ପ୍ର): ରାଜଧାନୀରେ ୱାଟର ଲଗିଙ୍ଗ କମ୍ କରାଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରୁଛନ୍ତି। ଏହାକୁ ନେଇ ଆହୁରି ଯୋଜନା କରାଯାଉଛି। ଯେଉଁ ଯେଉଁ ଜାଗାରେ ୱାଟର ଲଗିଙ୍ଗ ହେଉଛି ସେସବୁ ଜାଗାରେ ନ ହେବା ପାଇଁ ପ୍ରୟାସ ଜାରି ରହିଛି। ବର୍ଷା ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ୱାଟର ଲଗିଙ୍ଗ ପଏଂଟ ସବୁକୁ ମନିଟରିଙ୍ଗ କରାଯାଇଥିଲା।

# ସୁବର୍ଣ୍ଣରେଖାର ଜଳ ପତ୍ତନ ବିପଦ ସଂକେତ ସାମାନ୍ୟ ତଳେ ପ୍ରବାହିତ

ଲଙ୍ଗଳେଶ୍ୱର , ୦୯/୭ (ନି.ପ୍ର): ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଜି ସୁବର୍ଣ୍ଣ ରେଖାର ଜଳ ପତ୍ତନ ବିପଦ ସଂକେତର ସାମାନ୍ୟ ତଳେ ପ୍ରବାହିତ ହେଉଛି। ନଦୀର ଜଳ ସ୍ତର ଏବେ ଜଳେଶ୍ୱର ବ୍ଲକ ରାଜଘାଟ ଠାରେ ୧୦.୫ ମିଟର ରହିଛି। ଏଠାରେ ଜଳ ସ୍ତରର ସତର୍କ ସୂଚନା ୯. ୪୫ ମିଟର ହୋଇଥିବା ବେଳେ ବିପଦ ସଂକେତ ହେଉଛି ୧୦. ୩୬ ମିଟର। ନଦୀର ଜଳ ସ୍ତର ବୃଦ୍ଧି ଯୋଗୁଁ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା ଜାମ କୁଣ୍ଡା ଆଦି ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରିଛି। ପାଳଚମ୍ପେଇ, ଚଢ଼ ପାଳ ପଡା, ଚଢ଼ ବଡାପାଳ, ଖାନପୁର, ମନୁନଗର, ତଳ ବାଲିଆପାଳ,



ସୁଙ୍ଗମୁହଁ, ଚୌଧୁରୀ କୁଦ, ରସଲପୁର, ବିଷ୍ଣୁପୁର, କୁହ୍ଲ ଚଢ଼, ତାଳପଦା ଆଦି ଗାଁ ବନ୍ୟା ଜଳ ଘେରରେ ରହିଛି। ଏହି ସବୁ ଗାଁ ର ରାସ୍ତାରେ ବନ୍ୟା ପାଣି ଗଡୁଛି। ପ୍ରଶାସନ ପକ୍ଷରୁ କୌଣସି ଆଗୁଆ ପଦକ୍ଷେପ ନିଆଯାଇ ନାହିଁ। ବାରଂବାର ବନ୍ୟା ଆସିବା ଯୋଗୁଁ ଲୋକଙ୍କ ଚାଷ ଓ ବାସ ଉଜୁଡି ଯାଇଛି କହିଲେ ଚଳେ। ଶାରଦ ଧନ ତଳି ଏବେ ପାଣିରେ ବୁଡି ରହିଛି। ପରିବା ଚାଷ ତ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇ ଯାଇଛି। ତେବେ ବନ୍ୟାର ପ୍ରତିକାର ପାଇଁ ପ୍ରତି ପଞ୍ଚାୟତର ସରପଞ୍ଚ ମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବିଶେଷ ମଧ୍ୟସ୍ଥା ଅଭିଯାନ ଦ୍ୱାରା ମାମଲାର ସମାଧାନ : 'ଏକ ପରିଚୟ ଦେଶ ପାଇଁ' ଅଭିଯାନ ଆରମ୍ଭ

ଭଦ୍ରକ, ୦୯/୭ (ନି.ପ୍ର): ଜାତୀୟ ଆଇନ୍ ସେବା ପ୍ରାଧୀକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ୯୦ ଦିନିଆ ଜିଲ୍ଲା ଆଇସେବା ପ୍ରାଧିକରଣ ଭଦ୍ରକ ମଧ୍ୟସ୍ଥତା କେନ୍ଦ୍ରରେ ବିଶେଷ ମଧ୍ୟସ୍ଥା ଅଭିଯାନ ଦେଶ ପାଇଁ ଯାହାକି ୧ ଜୁଲାଇ ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ । ମଧ୍ୟସ୍ଥତା ଦ୍ୱାରା ବିବାଦରେ ଥିବା ପକ୍ଷଗୁଡ଼ିକ ଅଦାଲତରେ ମାମଲାର ବିଚାର ନକରି ଏକ ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରନ୍ତି। ବିବାଦର ସମାଧାନ ନିମନ୍ତେ ମଧ୍ୟସ୍ଥତା ଏକ ଅପୂର୍ବ ସୁଯୋଗ ଆଣିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ସମାଧାନ ପଦ୍ଧତି ମାଧ୍ୟମରେ ମିଳିଥାଏ। ଏହା ବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଖର୍ଚ୍ଚରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି। ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିଚାର ଶୁଣାଣୀର ଏକ ବିକଳ୍ପ ବ୍ୟବସ୍ଥା। ମାମଲାକୁ ମଧ୍ୟସ୍ଥତା ଦ୍ୱାରା ସମାଧାନ ପ୍ରକ୍ରିୟାକୁ ଚୟନ କରିଲେ ବହୁତ ଶିଘ୍ର ସମାଧାନ ହେବା ସଂଗେ ସଂଗେ ଅର୍ଥ ଏବଂ ସମୟ ଖର୍ଚ୍ଚରୁ ମୁକ୍ତି ମିଳିପାରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେପି ନେତା...

ପରେ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଜୁନ୍ ୩୦ ତାରିଖରେ ବିଏମସି କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଉପରେ ୬ରୁ ୭ ଜଣ ମିଶି ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଜଗନ୍ନାଥ ପ୍ରଧାନଙ୍କ ନାଁରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରିଥିଲେ ବୋଲି ବିଏମସି ଅତିରିକ୍ତ କମିସନର କହିଥିଲେ । ଘଟଣାକୁ ନେଇ ରାଜ୍ୟରେ ଓଏଏସ୍ ସଂଘ କଲମ ଛାଡ଼ ଆନ୍ଦୋଳନ କରିଥିଲା ଏବଂ ଜଗନ୍ନାଥଙ୍କ ଗିରଫ ଦାବି କରିଥିଲା । ଏହି ଘଟଣାରେ ପୁଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଛି ।

### ଆସନ୍ତା ସପ୍ତାହରେ...

ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କଳିଙ୍ଗ ରତ୍ନ ପୁରସ୍କାର-୨୦୨୪'' ପ୍ରଦାନ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ଏବଂ ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

### ଗୁଜରାଟରେ ଭୁଶୁଡ଼ିଲା...

୯ ଜଣଙ୍କ ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଉ ୧୧ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଉଦ୍ଧାର ହୋଇଥିବା ୯ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ଏହା ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍। ଏହା ସେଣ୍ଟ୍ରାଲ ଗୁଜରାଟ ଓ ସୌରାଷ୍ଟ୍ରକୁ ସଂଯୋଗ କରେ। ଆନନ୍ଦ, ବଡୋଦରା, ଭରୁଚ ଓ ଅଙ୍କଲେଶ୍ୱର ଲୋକଙ୍କ ପାଇଁ ଏହା ବହୁତ ଗୁରୁତ୍ୱ ରଖେ। ଏହି ବ୍ରିଜ୍ ?ରେ ସଦାବେଳେ ଭିଡ଼ ଦେଖିବାକୁ ମିଳେ। ତଥାପି ଦୀର୍ଘ ବର୍ଷ ହେଲା ପ୍ରଶାସନ ଏହାକୁ ଅବେହଳା କରିଆସିଥିଲା। ଏହାର ଅବସ୍ଥା ଶୋଚନୀୟ ହୋଇଯାଇଥିଲେ ହେଁ, ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ନଥିଲା। ସେଥିପାଇଁ ଆଜି ଏମିତି ଏକ ଅଘଟଣ ଘଟିଛି। ଏହି ବ୍ରିଜ୍‌ର ଅବସ୍ଥାକୁ ଦୃଷ୍ଟିରେ ରଖି ଏକ ନୂଆ ବ୍ରିଜ୍ ନିର୍ମାଣ କରିବା ପାଇଁ ତିନି ମାସ ତଳେ ମୁଖ୍ୟମନ୍ତ୍ରୀ ୨୧୨ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ଅର୍ଥ ମଞ୍ଜୁର ହୋଇଥିବା ସତ୍ତ୍ୱେ ଏଯାବତ ବ୍ରିଜ୍‌ର ଡିଜାଇନ ପ୍ରସ୍ତୁତ ହୋଇପାରିନି କି ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇପାରିନି। ଆଜି ବ୍ରିଜ୍ ଭୁଶୁଡ଼ି ପଡ଼ିବା ପରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏକ ଟିମ୍‌କୁ ସେଠାକୁ ପଠାଇଛନ୍ତି। ତଦନ୍ତ କରି ସବିଶେଷ ରିପୋର୍ଟ ଦେବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେହିଭଳି ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗମ୍ଭୀରା-ମୁଜପୁର ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ୧୯୮୧ ମସିହାରେ ଆରମ୍ଭ ହୋଇଥିଲା। ୧୯୮୫ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ଓ ଏହାକୁ ଲୋକଙ୍କ ପାଇଁ ଖୋଲି ଦିଆଯାଇଥିଲା। ବ୍ରିଜ୍‌ର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଏହା ଉପରେ ଭାରିଯାନ ଚଳାଚଳକୁ ଅନୁମତି ନଦେବା ପାଇଁ ୨୦୧୭ରେ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ପ୍ରାୟ ୯୦୦ ମିଟର ଲମ୍ବ ଏହି ବ୍ରିଜ୍‌ରେ ୨୩ଟି ସ୍ପାନ ଥିବା ବେଳେ ଆଜି ସେଥିରୁ ଗୋଟିଏ ଭୁଶୁଡ଼ି ପଡ଼ିଛି।

### ଶ୍ରୀମନ୍ଦିର ସୁରକ୍ଷାରେ ଢିଲା ...

ସୁରକ୍ଷା ସତ୍ତ୍ୱେ କେମିତି ପଶିଲେ ଯୁବକ ? ଘଟଣାକୁ ନେଇ ଖବର ପ୍ରସାରଣ ପରେ ତଦନ୍ତ ପାଇଁ ଏକ କମିଟି ଗଠନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। କମିଟିରେ ୪ ଜଣ ସଦସ୍ୟ ଅଛନ୍ତି । ଶ୍ରୀମନ୍ଦିର ଅନାଧିକାର ପ୍ରବେଶ ପ୍ରସଙ୍ଗରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଚଞ୍ଚଳ ରାଣା କହିଛନ୍ତି 'ସିସିଟିଭି କ୍ୟାମେରା ଯାଞ୍ଚ କରି ନିଆଯିବ ଆକ୍ସନ୍। ମେଘନାଦ ପାଚେରୀ ଡେଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦିଆଯିବ ଏତଲା ।' ତେବେ ଅଳିଆ ସଫା ଗାଡ଼ିକୁ ପ୍ରବେଶ କରିବା ପାଇଁ ପୁଲିସ ବାରଣ କରିବା କଥା ସଫେଇ ଦାୟିତ୍ୱରେ ଥିବା କର୍ମଚାରୀ କହୁଥିବା ବେଳେ ଏସପି କହିଛନ୍ତି ସମନ୍ୱୟ ଅଭାବରୁ ହୋଇଛି । ରଥଯାତ୍ରା ପାଇଁ ମାଳ ମାଳ ସୁରକ୍ଷା କର୍ମୀ ପୁରୀରେ ଜଗିଥିବାବେଳେ ମେଘନାଦ ପାଚେରୀ ଡେଇଁ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପ୍ରଶ୍ନ ଉଠୁଛି, ଅଳିଆ ଆବର୍ଜନା କେତେ ଦିନ ହେବ ଜମା ହୋଇ ରହିଥିଲା ? କ'ଣ ପାଇଁ ଆବର୍ଜନା ସ୍ଥାନାନ୍ତର ହୋଇ ନଥିଲା ? କେଉଁଠି ରହିଲା ସମନ୍ୱୟର ଅଭାବ ?

### ପୁଣି ପିପିଲିକୁ ...

ମଡ଼କ ନେଇ ଚାଷୀଙ୍କ ବାର୍ଡ଼ ଫ୍ଲୁ ସଂକ୍ରମଣ ରେ ମୃତ୍ୟୁ ଘଟୁଥିବା ଚାଷୀମାନେ ଆଶଙ୍କା କରିଛନ୍ତି । ଏନେଇ ସମ୍ପୃକ୍ତ କୁକୁଡ଼ା ଚାଷୀ ଙ୍କ ଅଭିଯୋଗ ଅନୁଯାଇ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି । ଖୁବଶୀଘ୍ର ମୃତ କୁକୁଡାଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯିବ ବୋଲି କୁହାଯାଇଛି ।

### ବାୟୁସେନାର ଯୁଦ୍ଧ ବିମାନ ...

ଏହାକୁ ମିଶାଇ ଗତ ୫ ମାସରେ ୩ଟି ଜାଗୁଆର ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହେଲେଣି। ଗତ ମାର୍ଚ୍ଚ ୭ ତାରିଖରେ ହରିୟାଣାର ପଞ୍ଚକୁଲାରେ ଏକ ଜାଗୁଆର ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କ୍ରାଶ ପୂର୍ବରୁ ପାଇଲଟ ବିମାନଟିକୁ ଜନବସତିରୁ ଦୂରକୁ ନେଇଯାଇଥିଲେ ଓ ନିଜେ ମଧ୍ୟ ସୁରକ୍ଷିତ ଭାବେ ସେଥିରୁ ବାହାରି ଆସିଥିଲେ। ସେହିପରି ଗତ ଏପ୍ରିଲ ୨ ତାରିଖରେ ଗୁଜରାଟର ଜାମନଗରରେ ଆଉ ଏକ ଜାଗୁଆର ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସିଦ୍ଧାର୍ଥ ଯାଦବ ନାମକ ଜଣେ ପାଇଲଟଙ୍କ ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ଜଣେ ପାଇଲଟ ବର୍ତ୍ତି ଯାଇଥିଲେ। ବିମାନଟି କ୍ରାଶ କରିବା ପୂର୍ବରୁ ସେ ସେଥିରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ।

### ଖୁବ୍ ଶୀଘ୍ର ହେବ ମନ୍ତ୍ରୀମଣ୍ଡଳ ...

କୃଷି, ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି । ଏହାକୁ ଉପଯୋଗ କରାଯିବ । ଓଡ଼ିଶାରୁ ଦାରିଦ୍ର୍ୟ ହଟିବ । ବାହାରକୁ ଖଟିବା ପାଇଁ ଆଉ କେହି ଯିବେ ନାହିଁ ବୋଲି ମନମୋହନ କହିଛନ୍ତି । ତେବେ ମନମୋହନଙ୍କ ନୂତନ ଟିମ୍‌ରେ ଯୁବ ନେତା, ପୁରୁଖା ନେତା ସାମିଲ୍ ହୋଇ ଟିମ୍ ଗଠନ କରାଯିବ ବୋଲି ମଧ୍ୟ ସେ କହିଛନ୍ତି ।

### ଶ୍ରମିକ ଅଟକ ଘଟଣା: ଓଡ଼ିଶା...

ଶ୍ରମିକଙ୍କୁ ଛାଡ଼ିବାକୁ ଭିଡିଓ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡିଜିପିଙ୍କୁ ଅପିଲ୍ କରିଛନ୍ତି। ଦୁଇ ଦିନ ତଳେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅବୈଧ ଭାବେ ରହୁଥିବା ୪୪୪ରୁ ଅଧିକ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଏଥିରେ ମହୁଆଙ୍କ ନିର୍ବାଚନମଣ୍ଡଳି କିଷ୍ଣନଗରରୁ ବି କିଛି ଶ୍ରମିକ ଥିବା ସୂଚନା ରହିଛି। ଯାଞ୍ଚ ପରେ ଏମାନଙ୍କୁ ଛଡ଼ାଯିବ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ।

# ନୀଳଗିରିରେ ଭାରତବନ୍ଦ ଆନ୍ଦୋଳନ ସଫଳ

ନୀଳଗିରି, ୦୯/୭ (ନି.ପ୍ର): କେନ୍ଦ୍ରସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧକରି ୧୮ଦଫା ଦାବୀ ନେଇ ୧୦ଟି କେନ୍ଦ୍ରୀୟ ଟ୍ରେଡ୍? ୟୁନିୟନ ଓ ଏହାର ସହଯୋଗୀ ସଂଗଠନ ପକ୍ଷରୁ ବୁଧବାର ଭାରତବନ୍ଦ ପାଇଁ ଡାକରା ଦିଆଯାଇଥିଲା। ଏହିକ୍ରମରେ ବାଲେଶ୍ୱର ଜିଲ୍ଲା ସେରଗଡ଼-ଝରଣାଘାଟି ୧୯ ନଂ ରାଜ୍ୟରାଜପଥର ନୀଳଗିରି ବାଇପାସ୍ ଛକ ଓ ମିତ୍ରପୁର ଠାରେ ବିଜେଡ଼ି , କଂଗ୍ରେସ ସିପିଆଇ ଏବଂ ସିପିଆଇ(ଏମ) ଦଳର ନୈତିକ ସମର୍ଥନରେ ସକାଳ ୭ଘଟିକା ଠାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଏବଂ ପିକେଟିଂ କରାଯାଇଥିଲା। ଏହି ବନ୍ଦଡାକରାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, କୋର୍ଟ ଓ ବ୍ୟାଙ୍କ ବନ୍ଦ କରାଯାଇଥିଲା। ଡାକ୍ତରଖାନା ଭଳି ଅତ୍ୟାବଶ୍ୟକ କାର୍ଯ୍ୟାଳୟକୁ ଛାଡ଼ିଦେବା ସହ ଦୋକାନ ବଜାର ବନ୍ଦ କରାଯାଇଥିଲା। ନୂତନ ଶ୍ରମକୋଡ୍ ବାତିଲ, ବେକାରୀଙ୍କୁ ନିଯୁକ୍ତି, ଚାଷୀମାନଙ୍କୁ ଏମଏସପି ପ୍ରଦାନ, ସ୍କିମ ୱାର୍କର୍ସ ମାନଙ୍କୁ ସରକାରୀ ମାନ୍ୟତା, ଘରୋଇକରଣ ବନ୍ଦ ଇତ୍ୟାଦି ୧୮ଦଫା ଦାବୀ ଉପରେ ଚାରିଦଳର ନେତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।ବିଜେଡିରୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବରିଷ୍ଠ ସାମ୍ୟବାଦୀ ନେତା କୈଳାସ ଚନ୍ଦ୍ର ପଣ୍ଡା, ସିପିଆଇ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, କଂଗ୍ରେସ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା, ଏନ.ଏ.ସି ସଭାପତି ଉପେନ୍ଦ୍ର ବେହେରା, ସି.ପି.ଏମ ଜୋନ ସମ୍ପାଦକ ବିଜୟ ପାତ୍ର, ସତ୍ୟଜିତ ଦାସ, ରବୀନ୍ଦ୍ର ପରିଡା, ଦିବାକର ବାରିକ, ଗଙ୍ଗାଧର ମିଶ୍ର, ବୁଦ୍ଧଦେବ ସରକାର, ରବୀନ୍ଦ୍ର ପରିଡା, ସି.ପି.ଆଇ ଜୋନ ସମ୍ପାଦକ ବିଜୟ କୁମାର ସ, ସିଆଡ଼ିମାଳ ସମିତି ସଭ୍ୟ ରାଜୀବ ଦାସବାବୁ, କିଶାନ କଂଗ୍ରେସ ରାଜ୍ୟ ଉପସଭାପତି ଯଶୋଦା ନନ୍ଦନ ସିଂହ, ବରିଷ୍ଠ ଆଇନଜୀବି ଗୌରହରୀ ବେହେରା, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ବିକ୍ରମ ମିଶ୍ର, ହରେକୃଷ୍ଣ ପଣ୍ଡିତ, ଯୋଗେଶ୍ୱର ବେହେରା, ଦେବେନ୍ଦ୍ର ବେହେରା, ଷ୍ଟାଲିନ ମିଶ୍ର, ଭାଗିରଥି ବେହେରା, ଚିନ୍ମୟ କୁମାର ମହାପାତ୍ର, ଚନ୍ଦନ ମଲ୍ଲିକ, ସଞ୍ଜୟ ବେହେରା, ଜୟକୃଷ୍ଣ ପାତ୍ର, ଅମରେନ୍ଦ୍ର ନାୟକ,କୁନା ଲେଙ୍କା, ସୁରେନ୍ଦ୍ର ମହାପାତ୍ର ଏବଂ ପାଟିକାସଙ୍ଘର ସାଥିମାନେ ସାମିଲ ହୋଇଥିଲା ବେଳେ ବନ୍ଦ ଡାକରା ସମ୍ପୂର୍ଣ୍ଣ ସଫଳ ହୋଇଥିବା କୁହାଯାଇଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କନିଷ୍ଠ ମହିଳା ମହାବିଦ୍ୟାଳୟରେ ୭୬ ତମ ବନମହୋତ୍ସବ ପାଳିତ

ଉଦଳା , ୦୯/୭ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା କନିଷ୍ଠ ମହାବିଦ୍ୟାଳୟ ତରଫରୁ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗର ସହଯୋଗରେ ଚଳିତ ଜୁଲାଇ ୭ ତାରିଖ ସୋମବାର ଦିନ ୭୬ ତମ ବନମହୋତ୍ସବ ପାଳିତ ହୋଇ ଯାଇଛି । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗିରିଜା ଶଙ୍କର ପାତ୍ର ଉକ୍ତ ମହୋତ୍ସବ ଆୟୋଜନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ବୃକ୍ଷ ରୋପଣ କରାଯିବା ସହିତ ଚାରା ଗଛ ଗୁଡ଼ିକ କିପରି ସୁରକ୍ଷିତ ରହିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା । ଉଦଳା ବନଖଣ୍ଡ ଅଧିକାରୀ ଦରକାର ପଡୁଥିବା ଚାରା ଗଛ ଯୋଗାଇଦେବା ସହିତ ଛାତ୍ରୀ ମାନଙ୍କୁ ନିଜ ନିଜର ଘର ବାଡ଼ିରେ ମଧ୍ୟ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିଳବାକୁ ଅନୁରୋଧ ଜଣାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ, ଅଧ୍ୟାପିକା ମଂଜୁଲା କଲିଆ ଓ ମେରିନା ପଣ୍ଡା ଜଙ୍ଗଲ ସମ୍ପଦର ଆବଶ୍ୟକତା ଆଜି କିପରି




ଜରୁରୀ ହୋଇ ପଡ଼ିଛି ବକ୍ତବ୍ୟ ମାଧ୍ୟମରେ ଛାତ୍ରୀ ମାନଙ୍କୁ ଜଣାଇଥିଲେ । ପରିବେଶବିତ କୂଳମଣି ବେହେରା ଓ ଭଗବାନ ବେହେରା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ପାଉଁରୁଟି ଫ୍ୟାକ୍ଟ୍ରିରୁ ନିର୍ଗତ କେମିକାଲ ମିଶା ପାଉଡର ଖାଇ ଗୋଟିଏ ଗାଈର ମୃତ୍ୟୁ



ବେତନଟୀ,୯/୭(ନି.ପ୍ର)- ପାଉଁରୁଟି ଫ୍ୟାକ୍ଟିରୁ ନିର୍ଗତ କେମିକାଲ ମିଶା ପାଉଡର ଖାଇ ବେତନଟୀ ଉପକଣ୍ଠ ମଧୁସାହିର ଜନୈକ ବ୍ୟକ୍ତିଙ୍କର ଗୋଟିଏ ଗାଈର ମୃତ୍ୟୁ ହେବାସହିତ ଅନ୍ୟ ଦୁଇଟି ଗାଈ, ବାଛୁରୀ ଗୁରୁତର ଥିବାବେଳେ ଗ୍ରାମର ଅନ୍ୟାନ୍ୟ ଲୋକଙ୍କର ମଧ୍ୟ ଏକାଧିକ ଗୋରୁଗାଈ ଅସୁସ୍ଥ ଥିବାର ବୁଧବାର ସକାଳେ ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ସୂଚନା ମୁତାବକ ଚାଷକାମ ଆରମ୍ଭ ହୋଇଯାଇଥିବାରୁ ଗୃହପାଳିତ ଗୋରୁଗାଈ ଗୁଡିକୁ ବାହାରକୁ ନଛାଡି ଘରପାଖାପାଖି ଚରିବାକୁ ଛଡାଯାଉଥବା ବେଳେ ଏକ ପାଉଁରୁଟି ଫ୍ୟାକ୍ଟିରୁ ନିର୍ଗତ କେମିକାଲ ମିଶା ପାଉଡର ଖାଇ ଗ୍ରାମର ମଙ୍ଗଲ ମହାନ୍ତଙ୍କର ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଟି ଗାଈ,ବାଛୁରୀ ଗୁରୁତର ଥିବାରୁ ଚିକିତ୍ସା ଜାରି ରହିଛି । ସେହିଭଳି ଗ୍ରାମର ଅନ୍ୟାନ୍ୟ ଲୋକଙ୍କର ଏକାଧିକ ଗୋରୁଗାଈ ଅସୁସ୍ଥ ଥିବାବେଳେ ସେମାନଙ୍କର ମଧ୍ୟ ଚିକିତ୍ସା ଜାରି ରହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି । ତେବେ ବର୍ଷାଦିନରେ ବାହାରକୁ ନଯାଇ ଘରପାଖରେ ଚରାବୁଲା କରୁଥିବା ଗୋରୁ ଗାଈ ସମେତ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ଜୀବନ ପ୍ରତି ବିପଦ ସାଜିଥିବା ପାଉଁରୁଟି ଫ୍ୟାକ୍ଟି ପାଇଁ ଗ୍ରାମବାସୀ ଚିନ୍ତାରେ ପଡିଥିବା ବେଳେ ଏଭଳି ଗୃହପାଳିତ ପଶୁଙ୍କ ମୃତାହତ ପରିସ୍ଥିତି ସେମାନଙ୍କୁ ବିଚଳିତ କରିଛି । ଗ୍ରାମବାସୀ ଏନେଇ ପୁଲିସର ଦ୍ୱାରସ୍ଥ ହେବାନେଇ ସୂଚନା ଦେଇଥିବା ବେଳେ ଏଭଳି ଘଟଣା ବାବଦରେ କୌଣସି ଅଭିଯୋଗ ଆସିନଥିବା ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି ।

## ଧର୍ମଘଟରେ ସାମିଲ ହେଲେ ବିଭିନ୍ନ ସଙ୍ଗଠନ

ଖଇରା, ୦୯/୭ (ନି.ପ୍ର): ଦେଶ ବ୍ୟାପି ସାଧାରଣ ଧର୍ମଘଟର ପ୍ରଭାବ ଖଇରାରେ ଦେଖିବାକୁ ମିଳିଛି । ବସ ଚଳାଚଳ ବନ୍ଦଥିବା ବେଳେ ବ୍ୟାଙ୍କ ପ୍ରତିଷ୍ଠାନ, ବ୍ଲକ, ତହସିଲ ବନ୍ଦ ରହିଥିଲା । ବିଭିନ୍ନ ଶ୍ରମିକ ଓ ବ୍ୟବସାୟୀ ସଙ୍ଗଠନ, ଆଶା ଓ ଅଙ୍ଗନୱାଡି ସଂଘ ଏହି ଧର୍ମଘଟରେ ଯୋଗ ଦେଇ ୪ଶ୍ରମ କୋଡ ବାତିଲ,ମିଶନ ଶକ୍ତି ପୁନର୍ଗଠନ ପ୍ରତ୍ୟାହାର,ମାସିକ ସର୍ବନିମ୍ନ ମଜୁରି ୨୯ହଜାରକୁ ବୃଦ୍ଧି, ପୁରୁଣା ପେନସନ ଲାଗୁ, ରଷ୍ଟ୍ରାୟାତ ଉଦ୍ୟୋଗର ଘରୋଇ କରଣକୁ ବନ୍ଦ ରଖିବା ଭଳି ୧୮ଦଫା ଦାବି ପୁରଣ ପାଇଁ ବ୍ଲକ ଛକରେ ଆୟୋଜିତ ପଥପ୍ରାନ୍ତ ସଭାରେ ନେତୃବୃନ୍ଦ ଦାବି କରିଥିଲେ । ରତ୍ନାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଥପ୍ରାନ୍ତ ସଭାରେ ଜନ୍ମେଜୟ ଶତପଥି, ଜଗତାନନ୍ଦ ମହାପାତ୍ର, ମାନସ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ସଂଯୁକ୍ତା ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଶିକ୍ଷକ, ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଜଳେଶ୍ୱର ମଞ୍ଚ ପକ୍ଷରୁ ୧୮ ଦଫା ଦାବି ନେଇ ସାଧାରଣ ଧର୍ମଘଟ

ଜଳେଶ୍ୱର, ୦୯/୭ (ନି.ପ୍ର): ଶ୍ରମିକ ବିରୋଧୀ ଶ୍ରମ କୋର୍ଡର ଉଚ୍ଛେଦ,କୃଷି ଋଣ ଛାଡ ସାଙ୍ଗକୁ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ନିର୍ଦ୍ଧାରଣ,ସମସ୍ତଙ୍କୁ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା, ରାଷ୍ଟ୍ରାୟତ ସଂସ୍ଥା ଗୁଡିକର ଘରୋଇ କରଣକୁ ବନ୍ଦ କରିବା,ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣ କରିବା, ଅସ୍ଥାୟୀ ବା ଠିକା ନିଯୁକ୍ତି ବଦଳରେ ନିୟମିତ ନିଯୁକ୍ତି କରିବା,ସମସ୍ତ ଶୂନ୍ୟ ପଦବୀ ପୂରଣ କରିବା,ସମସ୍ତ ପ୍ରକାର ଭତ୍ତା ମାସିକ ୩୫୦୦ ଟଙ୍କାକୁ ବୃଦ୍ଧି କରିବାପୁରୁଣା ପେନସନ ଯୋଜନାର ପୁନଃ ପ୍ରଚଳନ କରିବା ଆଦି ୧୮ ଦଫା ଦାବୀ ନେଇ ଶିକ୍ଷକ,ଶ୍ରମିକ କର୍ମଚାରୀ ସମନୟ ସମନ୍ୱୟ ସମିତି ଜଳେଶ୍ୱର ମଞ୍ଚ ପକ୍ଷରୁ ୧୮ ଦଫା ଦାବି ନେଇ ମଞ୍ଚର ସଭାପତି ଅଜିତ କୁମାର ଦାସ ଓ ସଂପାଦକ ଦିଲ୍ଲୀପ




କୁମାର ଗିରୀଙ୍କ ଆହ୍ୱାନରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ସମସ୍ତ ଶ୍ରମିକ, କୃଷକ,କୃଷି ଶ୍ରମିକ, ମହିଳା, ଯୁବ,ଛାତ୍ର ସଂଗଠନ ଏକତ୍ରିତ ହୋଇ ଆନ୍ଦୋଳନ, ଧର୍ମଘଟ, ବିକ୍ଷୋଭ, ପ୍ରତିବାଦ, ହରତାଳ ସହିତ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣନାଥ ଟୋଲ ଗେଟ ପାଖରେ ସକାଳ ୬ ଘଟିକାରୁ ୧୦ ଘଟିକା ସମୟରେ କମଳ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ରବିନ୍ଦ୍ର ବାରିକ ବସନ୍ତ ଦାସ, ସୌଭିକ ଜେନା ମନୋରଞ୍ଜନ ଦାସ,ନିରୋଜ ବେହେରା,ନରେନ୍ଦ୍ର ସିଂ ସହ ସହସ୍ରାଧିକ ଆନ୍ଦୋଳନ କାରି ଉପସ୍ଥିତ ଥିଲେ।ଦିଲ୍ଲିପ କୁମାର ଗିରି, ଶିକ୍ଷକ ନେତା ଅକ୍ଷୟ ମିଶ୍ର, ମନୋରଞ୍ଜନ ଦାସ,ମମି ପଣ୍ଡା,ପଲ୍ଟୁ ଦାସ,ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ଶତାଧିକ ଆନ୍ଦୋଳନ କାରୀ ବଡ ବଜାର ଛକ ନିକଟରେ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଛକ ନିକଟରେ କଂଗ୍ରେସରୁ ସୁଦର୍ଶନ ଦାସ, ରାଜୀବ ପରିଡ଼ା, ହରିଶଙ୍କର ଜେନା,ଅଙ୍କିତ ପରିଡ଼ା, ଗିରିଜା ଶଙ୍କର ଦାସ, ସବ୍ୟସାଚୀ ଦାସ, ହେମନ୍ତ ଗିରି, ଜଗଦିଶ ନନ୍ଦୀ, ମନୁରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଅଙ୍ଗନବାଡି କର୍ମୀଙ୍କ ସହ ଆନ୍ଦୋଳନକୁ ଜୋରଦାର ସମର୍ଥନ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ମା'ଙ୍କ ଦେହାନ୍ତ



ବସ୍ତା , ୦୯/୭ (ନି.ପ୍ର): ସିଂଲା ଥାନା ଇଡିଦା ଗ୍ରାମର ଶ୍ରୀମତୀ ବାସନ୍ତି ଭଞ୍ଜଙ୍କ ୬୩ ବର୍ଷ ବୟସ ରେ ହୃଦଘାତ ରେ ଦେହାନ୍ତ। ବସ୍ତା ବ୍ଲକ ଇଡିଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ଭଞ୍ଜୀଙ୍କ ମାତା ଶ୍ରୀମତୀ ବାସନ୍ତୀ ଭଞ୍ଜ ।ସେ ବର୍ତ୍ତମାନର ସରପଞ୍ଚ ଶ୍ରୀମତୀ ମମତା ଭଞ୍ଜ ଙ୍କ ଶାଶୂ।ସେ ସ୍ୱର୍ଗତ ବସନ୍ତ ଭଞ୍ଜ ଙ୍କ ଧର୍ମପତ୍ନୀ ଥିଲେ। ସେ ଦୀର୍ଘ ଦିନରୁ ମଧୁମେହ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ଶ୍ରୀମତୀ ଭଞ୍ଜୀ ଙ୍କ ରକ୍ତଚାପ କମିଜିବାରୁ ବସ୍ତା ଡ଼ାକ୍ତରଖାନା ନିଆଯାଇଥିଲା। ପରେ ତାଙ୍କୁ ବାଲେଶ୍ୱର ରେମୁଣା ସ୍ଥିତ ଫକିରମୋହନ ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଥିଲା। ବୁଧବାର ଅପରାହ୍ନ ୧:୪୫ମି: ସମୟରେ ହୃଦଘାତରେ ମୃତୁ ବରଣ କରିଥିଲେ । ତାଙ୍କର ଜଣେ ପୁଅ ଆୟୁର୍ବେଦିକ ଡ଼ାକ୍ତର। ଦୁଇ ପୁଅ ଓ ତିନି ଝିଅ । ତାଙ୍କର ଶେଷ ଦର୍ଶନ ପାଇଁ ବହୁ ବନ୍ଧୁବାନ୍ଧବ , ନାତି ନାତୁଣୀ ପରିବାର ବର୍ଗ ,ରାଜ ନେତା ଙ୍କ ଭିଡ ଜମିଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ମୁଖାଗ୍ନି ବଡ ପୁଅ ବିଭୁପ୍ରସାଦ ଭଞ୍ଜ ଦେଇଥିଲେ ।

# ହାତିଆଡ଼ିହା ଶିବମୁନି ଯୋଗାଶ୍ରମରେ ସୁବାସମୁନିଙ୍କ ୯୦ତମ ଜୟନ୍ତୀ ପାଳନ

ରୂପସା , ୦୯/୭ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଙ୍କ ସଭାପତିତ୍ୱରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡିଶା ପ୍ରାନ୍ତର ପୂର୍ବତନ ଅଧ୍ୟକ୍ଷ, ଅଭୟାଶ୍ରମର ପ୍ରତିଷ୍ଠାତା, ମାନସ କନ୍ୟା ଜ୍ଞାନଦୀପର ପୂର୍ବତନ ସମ୍ପାଦକ, ବ୍ରହ୍ମଜ୍ଞାନୀ ମୁନି ଶିରୋମଣି ଯୋଗାଚାର୍ଯ୍ୟ ସୁବାସମୁନିଜୀଙ୍କ ୯୦ତମ ଶୁଭ ଜନ୍ମଜୟନ୍ତୀ, ଯୋଗୀ ଯୋଗଶିକ୍ଷୟତ୍ରୀ, ମୁନିରାଜ ମୁନିରାଜ୍ଞୀ, ମୁନି ମୁନିମତୀ,ମୁନୀ କୁମାର ମୁନି କୁମାରୀ ମାନଙ୍କୁ ନେଇ ମହା ସମାରୋହରେ ପାଳିତ ହୋଇଯାଇଛି । ମୁନି ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ବିମଳାଲେଙ୍କା, ସୁମତୀ



ଦଳାଇ, ପ୍ରମୁଖ । ତାଙ୍କର ପ୍ରିୟ ଶିଷ୍ୟ, ଆଶ୍ରମର କୋଷାଅକ୍ଷ,ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମିସ୍ତ୍ରୀ, ଗୁରୁଙ୍କର ଆଦର୍ଶ ଜୀବନ ଶୈଳୀ, ତାଙ୍କର ଯୋଗମୟ ଜୀବନ ସହିତ ଅଲୌକୀକ ପ୍ରତିଭା ତଥା ସାଧନାର ସିଦ୍ଧିକୁ ପ୍ରାଞ୍ଜଳ ଭାବରେ ସମସ୍ତଙ୍କୁ ବୁଝାଇଥିଲେ । ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ପରିବାର ସହିତ ଆଶ୍ରମବାସୀଙ୍କର ଆଶୀର୍ବାଦ କାମନା କରିଥିଲେ । ପ୍ରଥମେ ଉପସ୍ଥିତ ସମସ୍ତେ ସମୂହ ପ୍ରଣବ ଶୁଭ ଭାବନା କରିବା ପରେ ଶିବମୁନିଓ ସୁବାସମୁନିଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିଥିଲେ । ଉପସ୍ଥିତଥିଲେ- ମୁନିରାଜ ସୁବଳ ବଢାଇ, ଜଗଦିଶ ପରିଡା, ଯୋଗେନ୍ଦ୍ର ବେହେରା, ସତ୍ୟ ସେନାପତି, ସୁନିମତୀ ସୁମତୀ ବେହେରା, ଜାହ୍ନବୀ ଗିରି,ଉର୍ମିଳା ଚାଉଳ, ମିନତୀ ବର, କୁନି ମାଝି, ମୁନି କୁମାରୀ ମିନତୀ ଦଳାଇ ପ୍ରମୁଖ । ଶେଷରେ ସୁବାସମୁନିଙ୍କ ପଟ୍ଟ ଶିଷ୍ୟ ଯୋଗୀ ଭିକାରୀଚରଣ ମିସ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଆମ୍ବ ଭକ୍ଷଣ କରାଇଥିଲେ ।

# କୁନି ରଥରେ ବିଜେ ହେଲେ କୁନି ଜଗନ୍ନାଥ: କୁନି ଶ୍ରଦ୍ଧାଳୁଙ୍କ ହାତରେ ପାଳିତ ହେଲା ଘୋଷଯାତ୍ରା




ବାରିପଦା, ୦୯/୭ (ନି.ପ୍ର): ଶେଷ ହୋଇଛି ପବିତ୍ର ଘୋଷଯାତ୍ରା। ପ୍ରବଳ ଭକ୍ତ ସମାଗମ ଭିତରେ ହଲି ଝୁଲି ରଥଯାତ୍ରାର ପର୍ବ ଶେଷ କରିଛନ୍ତି ଚତୁର୍ଦ୍ଧା ମୂର୍ତି। ତେବେ ରଥଯାତ୍ରାର ଏଭଳି ଜନ ସମୁଦ୍ର ଭିତରେ ନିଜ ପ୍ରିୟ କାଳିଆ ଠାକୁରଙ୍କ ରଥକୁ ଟାଣିବାର ସୁଯୋଗ ପାଇ ପାରି ନଥାନ୍ତି କୁନି କୁନି ଭକ୍ତମାନେ। ହେଲେ ସେ ତ ଭାବର ଠାକୁର। ତେଣୁ ଏଭଳି କୁନି କୁନି ଭକ୍ତମାନେ ମଧ୍ୟ କିଭଳି ରଥ ଟାଣିବାର ସୁଯୋଗ ପାଇବେ, ସେଥିପାଇଁ ନିଆରା ପଦକ୍ଷେପ ଗ୍ରହଣ କରିଛନ୍ତି ବାରିପଦା ସହରରେ ଥିବା ବଚପନ୍ ପ୍ଲେ ସ୍କୁଲ ର କର୍ତୃପକ୍ଷ। ବିଦ୍ୟାଳୟରେ ପଢୁଥିବା ଛୋଟ ଛୋଟ ଛାତ୍ରଛାତ୍ରୀ ମାନଙ୍କ ଭାବକୁ ସମ୍ମାନ ଜଣାଇ ସେମାନଙ୍କ ପାଇଁ ତିଆରି କରିଥିଲେ ଏକ କୁନି ରଥ। ଆଉ ରଥରେ ବିରାଜମାନ ବି କରିଥିଲେ ଚତୁର୍ଦ୍ଧା ମୂର୍ତ୍ତି। ସେ ବି କୁନି ପ୍ରତିମା। କୁନି ରଥରେ ବିରାଜିତ ନିଜ ପ୍ରିୟ କାଳିଆ ଠାକୁର, ବଡଭାଇ ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ଅତି ଖୁସିରେ ଟାଣିଥିଲେ ଛାତ୍ରଛାତ୍ରୀ ମାନେ। କୁନି ରଥରେ କୁନି ଦିଅଁ, ସେ ପୁଣି କୁନି କୁନି ଭକ୍ତଙ୍କ ଗହଣରେ ହଲି ଝୁଲି ଯାଉଥିବାର ଦୃଶ୍ୟ ଥିଲା ସତରେ ନିଆରା। ବିଦ୍ୟାଳୟ କର୍ତୃପକ୍ଷଙ୍କ ଏଭଳି ପଦକ୍ଷେପକୁ ଅଭିଭାବକଙ୍କ ମହଲରେ ବେଶ ପ୍ରଶଂସା କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ଏଥିରେ ନିଜକୁ ସାମିଲ କରାଇଥିବାର ଦେଖିବାକୁ ମିଳିଥିଲା।

# ପୁରୀ ରଥଯାତ୍ରାରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ପୋଲିସ ଦାୟିତ୍ୱରେ ବାଲେଶ୍ୱରର 'ବଣଧୂଳିର ଫୁଲ' ସଂଗଠନର ଦୁଇ ମହିଳା

ନୀଳଗିରି , ୦୯/୭ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ବଣଧୂଳିର ଫୁଲ'ତରଫରୁ ଚଳିତ ଘୋଷଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀ ସହରରେ ନୀଳଗିରିର ଦୁଇଜଣ ଆଦିବାସୀ ମହିଳା ପୋଲିସ ଭୂମିକାରେ ଆଇନଶୃଙ୍ଖଳା ସହିତ ବିଭିନ୍ନ ସେବାକାର୍ଯ୍ୟରେ ଶ୍ରଦ୍ଧାଳୁ ସମେତ ପର୍ଯ୍ୟଟକଙ୍କୁ ସହଯୋଗର ହାତବଢ଼ାଇ ଉଦାହରଣ ସୃଷ୍ଟି କରିଛନ୍ତି। କବିତା ସିଂ ଏବଂ ରଶ୍ମିତା ସିଂ ନାମକ ଦୁଇଜଣ ଆଦିବାସୀ




ମହିଳା ବିଶ୍ୱ ଆଜାଦି ଠେଙ୍ଗାବାହିନୀ ନାମକ ସଂସ୍ଥାରେ ଯୋଗ ଦେଇ ଏହି ଅଭିନବ ପଦକ୍ଷେପରେ ସାମିଲ ହୋଇ ଯାତ୍ରୀସୁରକ୍ଷା ସହିତ ବିଭିନ୍ନ ସେବା ଯୋଗାଇଦେଇଥିବାରୁ ଉକ୍ତ ଦୁଇ ମହିଳାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ନୀଳଗିରିରେ ଏହିଭଳି ଅନେକ ଲୋକଙ୍କୁ ଠେଙ୍ଗାବାହିନୀରେ ସାମିଲକରି ଜନସାଧାରଣ ମାନଙ୍କୁ ବିଭିନ୍ନକ୍ଷେତ୍ରରେ ସହଯୋଗ କରାଯିବ ବୋଲି ସଂଗଠନର ସଂସ୍ଥାପକ ବିଜୟ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଦେଶବ୍ୟାପୀ ସାଧାରଣ ଧର୍ମଘଟ ବାଲେଶ୍ୱରରେ ସଫଳ

ବାଲେଶ୍ୱର, ୦୯/୭ (ନି.ପ୍ର): ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସମସ୍ତ ସ୍ୱାଧୀନ ଜାତୀୟ ଫେଡେରେସନ୍ ଆହ୍ୱାନରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ବାଲେଶ୍ୱରରେ ଅନୁଭୂତ ହୋଇଛି। ଧର୍ମଘଟକାରୀମାନେ ସକାଳ ୬ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଉଭୟ ଦିଗକୁ ଯାଉଥିବା ଟ୍ରେନ୍‌ଗୁଡ଼ିକ ସମ୍ମୁଖରେ ଓ ରେଳଧାରଣା ଉପରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଟ୍ରେନ୍‌ଗୁଡ଼ିକ ଯାତାୟତରେ ବିଳମ୍ବ ହୋଇଥିଲା। ବାଲେଶ୍ୱର ସହରରେ ଆନ୍ଦୋଳନକାରୀମାନେ ମୋଟର ସାଇକେଲ ଶୋଭାଯାତ୍ରାରେ ବିଭିନ୍ନ ବ୍ୟବସାୟକ ପ୍ରତିଷ୍ଠାନମାନଙ୍କୁ ଭେଟି ଆଜିର ବନ୍ଦରେ ସାମିଲ ହେବାପାଇଁ ଅନୁରୋଧ କରିଥିଲେ। ଷ୍ଟେସନ୍ ଛକ ନିକଟରେ ଥିବା ରିଲାଏନ୍ସ୍ ମାର୍ଟ ପ୍ରଭୃତି ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଥିଲା। ଫଳରେ ସହରରେ ଯାତାୟତ କରୁଥିବା ଚାରିଚକିଆ ଯାନ ଓ ଭାରିଯାନ ଅଟକିଥିଲା। ପରିବହନ କର୍ମଚାରୀମାନେ ଧର୍ମଘଟରେ ଯୋଗଦେଇଥିବାରୁ ସହଦେବଖୁ । ବସଷ୍ଟାଣ୍ଡରୁ କୌଣସି ବସ୍ ଯାତାୟାତ କରିପାରିନଥିଲା। ରିକ୍ସା ଚାଳକ ସଂଘ ଧର୍ମଘଟକୁ ସମର୍ଥନ ଜଣାଇଥିବାରୁ ସହରରେ କୌଣସି ରିକ୍ସା ଚଳାଚଳ କରି ନ ଥିଲା। ବାଲେଶ୍ୱର ଦୌରାଜଜ୍ କୋର୍ଟ ଫାଟକ ସମ୍ମୁଖରେ ଶତାଧିକ ଆନ୍ଦୋଳନକାରୀ ବିଭିନ୍ନ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବାରୁ ବିଚାରପତି ଓ କର୍ମଚାରୀମାନେ କୋର୍ଟ ପରିସରକୁ ପ୍ରବେଶ କରିପାରି ନ ଥିଲେ। ପୌର କାର୍ଯ୍ୟାଳୟ, ସମସ୍ତ ଜାତୀୟକରଣ ବ୍ୟାଙ୍କ୍, ମୁଖ୍ୟ ଡାକଘର, ଟେଲିଫୋନ୍ ଭବନ ସମେତ ସହରରେ ଥିବା ସମସ୍ତ ଶାଖା ଡାକଘର, ଆର.ଏମ୍.ଏସ୍., ଜିଲ୍ଲା ଶ୍ରମ ଦପ୍ତର, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରଭୃତି ବନ୍ଦ ରହିଥିଲା। ଜିଲ୍ଲାପାଳଙ୍କ ଦପ୍ତର ଏବଂ ଏହା ପରିସରରେ ଥିବା କାର୍ଯ୍ୟାଳୟ ଗୁଡ଼ିକ ସମ୍ମୁଖରେ ସ୍କିମ୍ ୱାର୍କରର୍ସ ତଥା, ଆଶା, ପାଚିକା ଓ ଅଙ୍ଗନୱାଡ଼ି କର୍ମୀମାନେ ଦଳଦଳ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସାଧାରଣ ଧର୍ମଘଟରେ ଶ୍ରମିକ-କର୍ମଚାରୀମାନଙ୍କ ମିଳିତ ମଂଚ ପକ୍ଷରୁ ଅଧ୍ୟକ୍ଷ ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ମାନଙ୍କ ପକ୍ଷରୁ ଭାଗବତ ପ୍ରତିହାରୀ, ଅରୁଣ ଜେନା, ନିରଞ୍ଜନ ବେହେରା, ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର, ଇଷାଣୀ ଷଡ଼ଙ୍ଗୀ, ବନ୍ଦନା ପାତ୍ର, ପ୍ରଭାବତୀ ଦାସ, ମୃତ୍ୟୁଞ୍ଜୟ ରାଉତ, ପ୍ରତିଭା ପାଲ, ତପନ ସିଟ୍, ଅରୁଣ ମଣ୍ଡଳ, ନାରାୟଣ ପାଣିଗ୍ରାହୀ, ଆଶୁତୋଷ ପରିଡ଼ା, ରସାନନ୍ଦ ଦାସ, ଭରତ ସେଠୀ, ଶରତ ଦଳେଇ, ଯତୀନ୍ ପାତ୍ର, ନିରଞ୍ଜନ ରାଉତ, ରବୀନ୍ଦ୍ର ବେହେରା, ଉମାକାନ୍ତ ଦାସ ଓ ଦୁକୁଲ ଘଡ଼େଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## 'ଉତ୍କଳ ପ୍ରସଙ୍ଗ' ରଥଯାତ୍ରା ବିଶେଷାଙ୍କ – ୨୦୨୫ କିଣିବା ପାଇଁ ଗ୍ରାହକ ହେଲେ ହଟହଟା

ଉଦଳା , ୦୯/୭ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଚଳିତ ବର୍ଷର ରଥଯାତ୍ରା ବିଶେଷାଙ୍କ 'ଉତ୍କଳ ପ୍ରସଙ୍ଗ-୨୦୨୫' ପ୍ରକାଶ ପାଇଛି । ଉକ୍ତ ବିଶେଷାଙ୍କ କେଉଁ ଜିଲ୍ଲାର ଲୋକେ କେଉଁଠୁ ପାଇପାରିବେ ଏହାର ତାଲିକା ପୃଷ୍ଠା-୨୨୪ ରେ ଦିଆଯାଇଛି । ସେହି ତାଲିକାରେ ମୟୂରଭଂଜ ଜିଲ୍ଲାରେ ଏହି ବିଶେଷାଙ୍କ ପ୍ରାପ୍ତିର ଠିକଣା ସହିତ ଯୋଗାଯୋଗ ପାଇଁ ଏକ ମୋବାଇଲ ନଂ- ଉଲ୍ଲେଖ ରହିଛି । ଉକ୍ତ ମୋବାଇଲ ନଂକୁ ଫୋନ କଲେ ଜଣେ ବ୍ୟକ୍ତି ଫୋନ ଉଠାଉଛନ୍ତି ଓ କହୁଛନ୍ତି ଏହା ମୋର ବ୍ୟକ୍ତିଗତ ନମ୍ବର ମୋତେ ଫୋନ କରି କାହିଁକି ବିରକ୍ତି କରୁଛନ୍ତି । ଓଡ଼ିଶା ସରକାରଙ୍କ ତରଫରୁ ଏଭଳି ଏକ ନମ୍ବର କାହିଁକି ଦିଆଯାଇଛି ବୋଲି ସାଧାରଣରେ ଏବେ ପ୍ରଶ୍ନ ଉଠିଛି । ଏହିପରି ଉତ୍କଳ ପ୍ରସଙ୍ଗ ରଥଯାତ୍ରା ବିଶେଷାଙ୍କ – ୨୦୨୫ ପାଇବା ପାଇଁ ଗ୍ରାହକ ମାନଙ୍କୁ ହଟହଟା ହେବାକୁ ପଡ଼ିଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମୟୂରଭଞ୍ଜ ଜିଲ୍ଲାରେ ସାଧାରଣ ଧର୍ମଘଟ ସଫଳ

ବାରିପଦା, ୦୯/୭ (ନି.ପ୍ର): ଦେଶର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ଆହୂତ ଦରବୃଦ୍ଧି ନିୟନ୍ତ୍ରଣ କରିବା,୪ ଟି ଦାନବୀୟ ଶ୍ରମ କୋଡ଼ ବାତିଲ କରିବା, ଚାଷୀର ଉତ୍ପାଦିତ ଫସଲର ଆଇନ୍ ଗତ ସ୍ୱିକୃତି ଦେବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ପୁରୁଣା ପେନସନ ଯୋଜନା ଚାଲୁ କରିବା, ସ୍କିମ ୱାର୍କର ଆଶା, ଅଙ୍ଗନବାଡି, ପାଚିକା ସହାୟିକାଙ୍କୁ ଶ୍ରମିକ ର ମାନ୍ୟତା ସହ ମାସିକ ୨୬ ହଜାର ଟଙ୍କା ମଜୁରୀ ପ୍ରଦାନ କରିବା,ଇପିଏଫ ପେନସନ ଭୋଗିକୁ ମାସିକ ୯ ହଜାର ଟଙ୍କା ପେନସନ ପ୍ରଦାନ କରିବା, ଜାତୀୟ ଶିକ୍ଷା ନୀତି,୨୦୨୦ ବାତିଲ କରିବା, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଇତ୍ୟାଦି ୧୭ ଦଫା ଦାବି ନେଇ ଅନୁଷ୍ଠିତ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଅଂଶ ବିଶେଷ ଭାବେ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ ସିପିଆଇ ତଥା ଏଆଇଟିୟୁସି, ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସିପିଆଇ ଏମ୍ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ସିଆଇଟିୟୁ ର ରବି ଗୋସ୍ୱାମୀ, ଏଆଇୟୁଟିୟୁସିର ସାଥୀ ପିତାମ୍ବର ନାଏକ, କଂଗ୍ରେସର ପୂର୍ବତନ ଟାଉନ ସଭାପତି ଶାନ୍ତନୁ ପାଲ, ପ୍ରମୁଖ ବକ୍ତାମାନେ ୧୭ ଦଫା ଦାବି ଉପରେ ବକ୍ତବ୍ୟ ରଖି ଉଭୟ ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷ ମାରଣ ନୀତିକୁ ନେଇ ନିନ୍ଦା କରିବା ସହ,ଏ ନୀତି ଆପଣାଇବା ଯୋଗୁଁ ହିଁ ଆଜିର ଧର୍ମଘଟ ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଚ ଏମ୍ ଏସ୍ ର ସଦସ୍ୟ ମାନେ ଶୋଭାଯାତ୍ରାରେ ବାରିପଦା ରେଳ ଷ୍ଟେସନରୁ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏଥିରେ ଏଆଇଟିୟୁସି ପକ୍ଷରୁ କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ସାମଲ,ବୁଧୁ ସିଂ, ମହେଶ୍ୱର ବେହେରା, ସୁବାସିନୀ ବିନ୍ଧାଣି, ସିଆଇଟିୟୁ ପକ୍ଷରୁ କୁଞ୍ଜଲତା ମହାନ୍ତ,ଏଚ ଏମ୍ ଏସ୍ ର ସିନଗଲତା ମାଝୀ, ବାରିପଦା ପରିବହନ ସଂଘ ପକ୍ଷରୁ ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଜିର ଧର୍ମଘଟରେ ସାମିଲ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida